

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-244 •SUNDAY •01 MARCH 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨୪୪ •ରବିବାର •୦୧ ମାର୍ଚ୍ଚ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)

# ଯୁଦ୍ଧ ବାରୁଦଗଦାରେ ବିଶ୍ୱ

## ଇରାନ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ

## ଆମେରିକା ସମର୍ଥିତ ୮ ଦେଶ ଉପରେ ଇରାନର ହମ୍‌ଲା

■ ତେହରାନ/ତେଲ ଆଭିଭ, ୨୮।୨ (ଏଜେନ୍ସି): ଦୀର୍ଘ ଦିନର ଛକାପଞ୍ଝା ଏବଂ ଧମକଚମକ ପରେ ବିଶ୍ୱରେ ପୁଣି ଯୁଦ୍ଧର ସାଇରନ ବାଜିଛି। ଯୁଦ୍ଧର କଳା ବାଦଲ ମଧ୍ୟପ୍ରାଚ୍ୟକୁ ପୁଣି ଅସ୍ଥିର କରିଦେଇଛି। ଚାରିପଟୁ ଘେରି ସମରସଜ୍ଜା କରିବା ପରେ ଏବଂ ପରମାଣୁ ଆଲୋଚନା ଜାରି ରହିଥିବା ବେଳେ ଇସ୍ରାଏଲ ସହ ମିଶି ଇରାନ ଉପରେ ଆମେରିକା ପ୍ରଚଣ୍ଡ ଆକ୍ରମଣ କରିଛି। ଇସ୍ରାଏଲ ଏହି ଅଭିଯାନର ନାମ 'ଅପରେସନ ଲାୟନ୍ସ ରୋର୍' ତଥା ସିଂହର ଗର୍ଜନ ଏବଂ ଆମେରିକା 'ଅପରେସନ ଏପିକ୍ ଫ୍ୟୁରି' ତଥା ମହାକ୍ରୋଧ ରଖିଛି। ଆଜି ସକାଳ ୯ଟା ୩୦ରେ ତୁହାକୁ ତୁହା ଆକ୍ରମଣ କରି ଇରାନକୁ ଥରହର କରିଦେଇଛନ୍ତି। କ୍ଷେପଣାସ୍ତ୍ର ଆକ୍ରମଣରେ ରାଜଧାନୀ ତେହରାନ ସମେତ ଇସଫାହନ,କୁମ, କରାଜ, କରମନସାହ ଆଦି ସହର ଥରି ଉଠିଛି। ଏହି ଆକ୍ରମଣରେ ଦକ୍ଷିଣ ଇରାନରେ ୫୩ ଜଣ ଛାତ୍ରଛାତ୍ରୀ ପ୍ରାଣ ହରାଇଛନ୍ତି। ଇରାନ ମଧ୍ୟ ଆମେରିକା ଏବଂ ଇସ୍ରାଏଲକୁ ଦୃଢ଼ ଜବାବ ଦେଇଛି। ପ୍ରତି ଆକ୍ରମଣ କରି ଇସ୍ରାଏଲ ଉପରେ ୪୦୦ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ କୁଏତ, କାତାର, ବାହାରିନ, ସାଉଦି ଆରବରେ ଥିବା ଆମେରିକା ସାମରିକ ଘାଟୀକୁ ନିଶାଣ କରିଛି। ୟୁଏଇର ଜନବହୁଳ ସହର ଦୁବାଇରେ ମଧ୍ୟ ଆକ୍ରମଣ କରିଛି। ୟୁଏଇ ନିକଟରେ ଥିବା ଆମେରିକାର ନୌଯୁଦ୍ଧ ଜାହାଜ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିବା ଜଣାପଡ଼ିଛି। ଇସ୍ରାଏଲ-ଆମେରିକା ଯୁଦ୍ଧ ଆରମ୍ଭ କରିଥିଲେ, ମାତ୍ର ଆମେ ଏହାକୁ ଶେଷ କରିବୁ। ଶତ୍ରୁକୁ ଦଳି ଦେବୁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଯୁଦ୍ଧକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏହା ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରିପାରେ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ତେହରାନର ତିନିରୁ ଚାରୋଟି ସ୍ଥାନରେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଥିଲେ। ଦୁଇରୁ ଚାରି ଘଣ୍ଟା ପର୍ଯ୍ୟନ୍ତ ତୁହାକୁ ତୁହା ବିସ୍ଫୋରଣ ହୋଇଥିଲା। ଇରାନର ବିଭିନ୍ନ ସହରରେ ହୋଇଥିବା ▶ପୃଷ୍ଠା-୭

**ଇସ୍ରାଏଲ-ଇରାନ ତୁରନ୍ତ ଯୁଦ୍ଧ ବନ୍ଦ କରନ୍ତୁ: ଫ୍ରାନ୍ସ**

**ତୁରନ୍ତ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ଡାକିବାକୁ ଦାବି କଲା ଓମାନ**



- ଇରାନର ୧୦ ସହର ଧ୍ୱସ୍ତ; ୫୩ ଛାତ୍ରଛାତ୍ରୀ ମୃତ
- ପ୍ରତିରକ୍ଷା ମନ୍ତ୍ରୀ, ଆଇଆର୍‌ଜିସି କମାଣ୍ଡର ନିହତ
- ଇସ୍ରାଏଲରେ ଇରାନର ୪୦୦ କ୍ଷେପଣାସ୍ତ୍ର ମାଡ଼
- ବର୍ତ୍ତିଲେନି କୁଏତ, କାତାର, ବାହାରିନ, ସାଉଦି
- ଆମେରିକା ଆକ୍ରମଣକୁ ସ୍ପେନ୍‌ର ବିରୋଧ
- ଆକ୍ରମଣ ବନ୍ଦ କରୁ ଆମେରିକା: ଋଷ୍
- ଯୁଦ୍ଧ ସ୍ଥିତି ଚିନ୍ତାଜନକ: ଏମ୍‌ଇଏ
- ଶତ୍ରୁ ନିପାତ ପର୍ଯ୍ୟନ୍ତ ଆକ୍ରମଣ: ଇରାନ

**ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧ**

## ୩୦୦ ମୃତ, ୫୦୦ ଆହତ

■ ଇସଲାମାବାଦ/କାବୁଲ, ୨୮।୨(ଏଜେନ୍ସି): ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଥିବା ସୀମା ବିବାଦ ଏବେ ଏକ ବଡ଼ ଯୁଦ୍ଧର ରୂପ ନେଇଛି। ପାକିସ୍ତାନ ବାୟୁସେନା ତରଫରୁ ଆଫଗାନିସ୍ତାନର କାବୁଲ ଓ କାନ୍ଦାହାର ଭଳି ପ୍ରମୁଖ ସହର ଉପରେ ଏୟାରଷ୍ଟ୍ରାଇକ କରାଯାଉଛି। ଏହି ସଂଘର୍ଷରେ ଉଭୟ ପକ୍ଷରୁ ୩୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆଫଗାନିସ୍ତାନ ଆକ୍ରମଣର ଜବାବ ଦେବାକୁ ଯାଇ ପାକିସ୍ତାନ ସେନା 'ଅପରେସନ ଗଜବ-ଲିଲ୍-ହକ୍' ଆରମ୍ଭ କରିଛି। ପାକିସ୍ତାନ ଦାବି କରିଛି ଯେ ତାଙ୍କ ସେନା ୨୭୪ ଜଣ ଆଫଗାନ ଯୋଦ୍ଧାଙ୍କୁ ନିପାତ କରିଛନ୍ତି ଓ ୧୧୫ଟି ଟ୍ୟାଙ୍କ ନଷ୍ଟ କରିଛନ୍ତି। ସେପଟେ ଆଫଗାନିସ୍ତାନର ତାଲିବାନ ସରକାର ଦାବି କରିଛନ୍ତି ଯେ ସେମାନେ ୫୫ ଜଣ ପାକ ସୈନ୍ୟଙ୍କୁ ନିପାତ କରିଛନ୍ତି ଓ ମାତ୍ର ୮ରୁ ୧୩ ଜଣ ଆଫଗାନ ସୈନ୍ୟ ସହିଦ ହୋଇଛନ୍ତି। ଆଫଗାନିସ୍ତାନର ୧୮ଟି ସେନା ପୋଷ୍ଟକୁ କବଜା କରାଯାଇଛି ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପଟେ ପାକିସ୍ତାନର ଦୁଇଟି ସେନା ମୁଖ୍ୟାଳୟକୁ କବଜା କରାଯାଇଛି ବୋଲି ତାଲିବାନ ଦାବି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବିବାଦରେ ମଧ୍ୟସ୍ଥତା ▶ପୃଷ୍ଠା-୭

**ମୁନୀର, ଶାହାବାଜଙ୍କୁ ଟ୍ରମ୍ପଙ୍କ ପ୍ରଶଂସା**

**ଚମକାଇଲେ ନବୀନ**

## ସଂତୃପ୍ତ, ଦତ୍ତେଶ୍ୱର ବିଜେଡିର ରାଜ୍ୟସଭା ପ୍ରାର୍ଥୀ



■ ଭୁବନେଶ୍ୱର, ୨୮।୨ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କଳିବା ଓ ତାଙ୍କର ରାଜନୀତି ଗତିବିଧି ବାରିବା ସହଜ ନୁହେଁ। ଅତୀତରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ଆଶ୍ଚର୍ଯ୍ୟଚକିତ କରିବା ପରି ଅନେକ ନିଷ୍ପତ୍ତି ନେଇଥିବା ଦେଖାଯାଇଛି ଏବଂ ଆଗାମୀ ରାଜ୍ୟସଭା ନିର୍ବାଚନରେ ମଧ୍ୟ ତାଙ୍କର ମାଷ୍ଟର ଷ୍ଟ୍ରୋକ୍ ଅନେକଙ୍କୁ ହତଚକିତ କରିଛି। ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଥିବାରୁ ବିଜେଡି ଗୋଟିଏ ଆସନରେ ପ୍ରାର୍ଥୀ ଦେଇପାରେ ବୋଲି ଚାଲିଥିବା କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ଦୁଇଟି ଆସନ ପାଇଁ ନବୀନ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କର୍ପୋରେଟ ଜଗତର ଜଣାଶୁଣା ନାମ ତଥା ନିଜ ରାଜନୈତିକ ସଚିବ ଡ଼. ସନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ ନବୀନ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ରାଜ୍ୟର ପ୍ରସିଦ୍ଧ ୟୁରୋଲୋଜିଷ୍ଟ ତଥା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ 'କମନ୍ କ୍ୟାଣ୍ଡିଡ଼େଟ୍' ରୂପେ ଘୋଷଣା କରି ତାଙ୍କୁ ଅନ୍ୟ ରାଜନୈତିକ ଦଳ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ନବୀନଙ୍କ ପ୍ରାର୍ଥୀ ଘୋଷଣା ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଅନ୍ୟ ଦଳର ସମର୍ଥନ ଅନୁରୋଧ ପରେ ପିସିସି ସଭାପତି ଭକ୍ତଚରଣ ଦାସ ଚତୁର୍ଥ ଆସନ ପାଇଁ ଡାକ୍ତର ହୋତାଙ୍କ ପ୍ରାର୍ଥିତ୍ୱ ପ୍ରତି ନିଜର ସମର୍ଥନ ଜଣାଇଛନ୍ତି। ଦଳର ସମସ୍ତ ବିଧାୟକ ଓ ହାଇକମାଣ୍ଡଙ୍କର ମଧ୍ୟ ଏଥିପ୍ରତି ସମର୍ଥନ ରହିଥିବା ସେ ସୂଚନା ଦେଇଛନ୍ତି। ସେ ରାଜ୍ୟସଭାକୁ ନିର୍ବାଚିତ ହେଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ନୀତି ନିର୍ଦ୍ଧାରଣ କରିବାରେ ନିଶ୍ଚିତ ଭାବେ ଭଲ ଭୂମିକା ଗ୍ରହଣ କରିପାରିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

ବିଧାନସଭାରେ ଦଳର ସ୍ଥିତି ଓ ସଂଖ୍ୟା ଦୃଷ୍ଟିରୁ ରାଜ୍ୟସଭା ନିର୍ବାଚନରେ ବିଜେପିକୁ ୨ଟି ଓ ବିଜେଡିକୁ ଗୋଟିଏ ଆସନ ମିଳିବା ଆପାତତଃ ସୁନିଶ୍ଚିତ ବୋଲି କୁହାଯାଉଛି। ୪ର୍ଥ ଆସନ ପାଇଁ କାହାରି ପାଖରେ ସଂଖ୍ୟା ନ ଥିବାବେଳେ ବିଜେପି ଏହି ଆସନ ଉପରେ ଆଖି ପକାଇଥିଲା । ଏପରିକି ଦଳର ରାଜ୍ୟ ନେତୃତ୍ୱ ଓ ରାଜ୍ୟ ପ୍ରଭାରୀ ବିଜେପି ତିନିଟି ଆସନରେ ବିଜୟୀ ହେବ ବୋଲି ମଧ୍ୟ ଭବିଷ୍ୟବାଣୀ କରିଥିଲେ। ଏହି ସମୟରେ ନବୀନଙ୍କ ଚତୁର ଗୋଟିଚାଳନା ବିଜେପିର ଆଶାରେ ପାଣି ପକାଇ ଦେଇଛି। ନିଜ ଦଳ ବାହାରୁ ରାଜ୍ୟର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କଲେ କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ପିସିସି ସଭାପତି କରିଥିବା ଘୋଷଣାକୁ ସୁଯୋଗ ଭାବରେ ଗ୍ରହଣ କରି ନବୀନ ୪ର୍ଥ ଆସନ ପାଇଁ ଡ଼ାକ୍ତର ▶ପୃଷ୍ଠା-୭



ଡ. ସଂତୃପ୍ତ ମିଶ୍ର



ଡାକ୍ତର ଦତ୍ତେଶ୍ୱର ହୋତା

**ଡ. ସଂତୃପ୍ତ ମିଶ୍ର ଦଳୀୟ, ଡା. ଦତ୍ତେଶ୍ୱର ହୋତା 'କମନ୍ କ୍ୟାଣ୍ଡିଡେଟ୍'**

**ଡାକ୍ତର ହୋତାଙ୍କୁ ସମର୍ଥନ ପାଇଁ ଅନ୍ୟ ଦଳଗୁଡ଼ିକୁ ଅନୁରୋଧ**

**ଡା. ହୋତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବାକୁ ଭକ୍ତଙ୍କ ଘୋଷଣା**

**ଦଳ ବିରୋଧୀ କାର୍ଯ୍ୟ ସହ ବିଶୃଙ୍ଖଳିତ ଆଚରଣ**

## ପ୍ରଭାତ ବିଶ୍ୱାଳ ବିଜେଡିରୁ ବହିଷ୍କୃତ



■ ଭୁବନେଶ୍ୱର, ୨୮।୨ (ସମିସ): ଦଳବିରୋଧୀ କାର୍ଯ୍ୟ ତଥା ବିଶୃଙ୍ଖଳିତ ଆଚରଣ ଯୋଗୁଁ ବିଜେଡିରୁ ବିଦା ହୋଇଛନ୍ତି କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରଭାତ ରଞ୍ଜନ ବିଶ୍ୱାଳ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରିକରି ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରାଯାଇଥିବା କହିଛନ୍ତି ।

ମିଳିଥିବା ସୂଚନା ଅନୁସାରେ ଗତ ବିଧାନସଭା ନିର୍ବାଚନ ପରେ ଶ୍ରୀ ବିଶ୍ୱାଳ ନିୟମିତ ବ୍ୟବଧାନରେ ଦଳ ଓ ଦଳର କିଛି ନେତାଙ୍କୁ ନିଶାଣ କରିବା ସହ ନକରାତ୍ମକ ମନ୍ତବ୍ୟ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ବିଭିନ୍ନ ଗଣମାଧ୍ୟମରେ ଦଳ ବିରୋଧୀ ଟିପ୍ପଣୀ ଦେଉଥିବା ମଧ୍ୟ ସଭାପତିଙ୍କ ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୨୦ ମୃତ

■ ଅମରାବତୀ, ୨୮।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ କାକିନଡ଼ା ଜିଲ୍ଲାର ଭେଟଲାପାଲେମ ଗ୍ରାମରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ଣ ୨ଟାରେ ଏହି ବିସ୍ଫୋରଣ ଘଟିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୫ କିମି ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ବିସ୍ଫୋରଣର ତୀବ୍ରତା ପ୍ରଖର ଥିଲା, ଯାହା ଫଳରେ ମୃତଦେହଗୁଡ଼ିକ ନିକଟସ୍ଥ ଧାନକ୍ଷେତକୁ ଛିଟିକି ପଡ଼ିଥିଲା। ପୁଲିସ ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଶରୀରର ଅଂଶକୁ ଖୋଜୁଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି। କାକିନଡ଼ା ସରକାରୀ ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ କହିଛନ୍ତି ଯେ, ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ଆହତମାନେ ୯୦ରୁ ୧୦୦ ପ୍ରତିଶତ ପୋଡ଼ିଯାଇଛନ୍ତି ଏବଂ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପର୍ଣ୍ଣ ରହିଛି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ସମ୍ପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଗୁଣି ସନ୍ଦେହରେ ବୃଦ୍ଧାଙ୍କୁ ନିର୍ମମ ହତ୍ୟା

**ଥାନାରେ ଅଭିଯୁକ୍ତର ଆତ୍ମସମର୍ପଣ**

■ ରାଇରଙ୍ଗପୁର, ୨୮।୨ (ସମିସ): ପୁଣିଥରେ ଗୁଣିଗାରେଡ଼ି ସନ୍ଦେହ ଜଣଙ୍କ ଜୀବନ ନେଇଛି। ମୟୂରଭଞ୍ଜ ଜିଲ୍ଲା, ବହଳଦା ଥାନା ଅନ୍ତର୍ଗତ କୁମ୍ଭୀରଦା ଗାଁରେ ଗୁଣି ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ଜବା ଟୁଡୁ। ଆଜି ପୂର୍ବାହ୍ନ ପ୍ରାୟ ୧୦ଟାରେ ଜବା ଘରେ ଶୋଇଥିବା ବେଳେ ପଡ଼ୋଶୀ ଜୁଗୁ ମାର୍ଣ୍ଡି ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ଜୁଗୁ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଜବାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଜୁଗୁକୁ ଗିରଫ କରିଛି। ଖବର ପାଇ ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି, ବହଳଦା ଥାନା ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି।

## ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୨୮।୨ (ସମିସ): ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣର ନିରାକରଣ ପାଇଁ ଦେଶବ୍ୟାପୀ ଟିକାକରଣ ଅଭିଯାନକୁ ଆଜି ରାଜସ୍ଥାନର ଆଜମେରଠାରେ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି କ୍ରମରେ ଭୁବନେଶ୍ୱର କୃଷିଭବନ ଠାରେ ଅନୁଷ୍ଠିତ ରାଜ୍ୟବ୍ୟାପୀ ଟିକାକରଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆରମ୍ଭ କରିଛନ୍ତି। ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହି ଟିକାକରଣ ଅଭିଯାନର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ**





ଏହି ଅଭିଯାନରେ ଓଡ଼ିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟିକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ। ▶ପୃଷ୍ଠା-୭

## ଏୟାର ଇଣ୍ଡିଆ, ଇଣ୍ଡିଗୋର ମଧ୍ୟପ୍ରାଚ୍ୟ ବିମାନ ବାତିଲ

ନୂଆଦିଲ୍ଲୀ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଇସ୍ରାଏଲ ନିଜର ଆକାଶ ମାର୍ଗ ବନ୍ଦ କରିଛି। ଏହାର ପରିଣାମ ସ୍ୱରୂପ, ଶନିବାର ଏୟାର ଇଣ୍ଡିଆର ଦିଲ୍ଲୀ- ତେଲ ଅଭିଭ ବିମାନକୁ ମୁମ୍ବାଇ ଅଭିମୁଖେ ବୁଲାଇ ଦିଆଯାଇଥିବା ବେଳେ ଇଣ୍ଡିଗୋର ତିରୁଚିରାପଲ୍ଲୀ - ଦୁବାଇ ବିମାନ ଅଧା ବାଟରୁ ଭାରତ ଫେରି ଆସିଛି। ଏହି ଯୁଦ୍ଧକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ସେମାନଙ୍କର ସମସ୍ତ ମଧ୍ୟପ୍ରାଚ୍ୟ ବିମାନ ସେବାକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରାଯାଇଛି। ଯୁଦ୍ଧ କାରଣରୁ ଭାରତୀୟ ଦୂତାବାସ ନାଗରିକଙ୍କୁ ଅନାବଶ୍ୟକ ଯାତ୍ରା ନ କରିବାକୁ ଏବଂ ଘର ଭିତରରେ ରହିବାକୁ କହିଛି। ସରକାରୀ ତଥ୍ୟ ଅନୁଯାୟୀ, ଇରାନରେ ପ୍ରାୟ ୧୦, ୦୦୦ ଓ ଇସ୍ରାଏଲରେ ୪୧, ୦୦୦ରୁ ଅଧିକ ଭାରତୀୟ (ଛାତ୍ର ଓ ଶ୍ରମିକଙ୍କୁ ମିଶାଇ) ରହୁଛନ୍ତି।

## ଖସିପଡ଼ିଲା ନୋଟ୍ ଭର୍ତ୍ତି ସେନା ବିମାନ; ୧୫ ମୃତ

ଲା ପାଜ୍, ୨୮ ।୨(ଏଜେନ୍ସି): କେନ୍ଦ୍ରୀୟ ଲାଟିନ ଆମେରିକୀୟ ଦେଶ ବୋଲିଭିଆର ଏଲ୍ ଆଲ୍ଟୋ ସହରରେ ଶନିବାର ସକାଳେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ବଲିଭିଆ ବାୟୁସେନାର ଏକ ହରକ୍ୟୁଲେସ ବିମାନ ରନୱେରୁ ଖସିଯାଇ ଏକ ବ୍ୟସ୍ତବହୁଳ ହାଇୱେ ଉପରେ କ୍ରାଶ୍ ହୋଇଛି। ଏହି ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଖରାପ ପାଗ ଯୋଗୁଁ ଲ୍ୟାଣ୍ଡିଂ ସମୟରେ ବିମାନଟି ନିୟନ୍ତ୍ରଣ ହରାଇ ରନୱେରୁ ଖସି ଯାଇଥିଲା ଏବଂ ପାଖରେ ଥିବା ଏକ ସଡ଼କ ଉପରକୁ ମାଡ଼ି ଯାଇଥିଲା। ବିମାଟି ଦେଶର ସେଣ୍ଟ୍ରାଲ ବ୍ୟାଙ୍କ୍‌ର ନୂଆ ନୋଟ୍ ନେଇ ଅନ୍ୟ ସହରକୁ ଯାଉଥିଲା। ଦୁର୍ଘଟଣା ପରେ ରାସ୍ତା ସାରା ନୋଟ୍ ବିଛାଡ଼ି ହୋଇ ପଡ଼ିଥିଲା। ଏହାକୁ ଉଠାଇବା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିମାନଟି ରାସ୍ତା ଉପରେ ପଡ଼ିବା ଫଳରେ ସେଠାରେ ଠିଆ ହୋଇଥିବା ପ୍ରାୟ ୧୦ରୁ ୧୫ଟି ଗାଡ଼ି ଚୂର୍‌ମାର ହୋଇଯାଇଛି। ନୋଟ୍ ଲୁଟୁଥିବା ବା ଉଠାଉଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୁଲିସ୍‌କୁ ଲୁହବୁହା ଗ୍ୟାସ୍ ଓ ୱାଟର କ୍ୟାନନ୍ (ପାଣି ମାଡ଼) ବ୍ୟବହାର କରିବାକୁ ପଡ଼ିଥିଲା। ଦୁର୍ଘଟଣା ପରେ ବିମାନଟି ଦୁଇଖଣ୍ଡ ହୋଇଯାଇଥିଲା। ଏହାପରେ ଅଲ୍ ଆଲ୍ଟୋ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ବୋଲିଭିଆ ସେଣ୍ଟ୍ରାଲ ବ୍ୟାଙ୍କ ତରଫରୁ ଏହି ଘଟଣା ନେଇ ଖୁବ୍‌ଶୀଘ୍ର ଏକ ପ୍ରେସ୍ ବ୍ରିଫିଙ୍ଗ୍ କରାଯିବ। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନିଆଯାଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ସରକାରୀସ୍ତରରେ ତଦନ୍ତ ଆରମ୍ଭ ହୋଇଛି। ଆହତମାନଙ୍କୁ ଡାକ୍ତରଖାନରେ ଚିକିତ୍ସା କରାଯାଉଛି।

## ଆସାମରେ ମାର୍ଚ୍ଚ ୧୦ ସୁଦ୍ଧା ବିଜେପିର ମେଣ୍ଟ ପ୍ରକ୍ରିୟା ସରିବ

ଗୌହାଟୀ, ୨୮ ।୨(ଏଜେନ୍ସି): ଆସାମରେ ଆସାନ୍ତା ଏପ୍ରିଲ୍-ମେ ମାସ ଆଡ଼କୁ ବିଧାନସଭା ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବର୍ତ୍ତମାନଠାରୁ ରାଜ୍ୟରେ ରାଜନୈତିକ ପରିବେଶ ବେଶ୍ ସରଗରମ ରହିଛି। ବିଜେପିର ମେଣ୍ଟ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୧୦ ସୁଦ୍ଧା ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୂଚନା ଦେଇଛନ୍ତି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟରେ ଆସାମ ଗଣ ପରିଷଦ (ଏଜିପି) ପୁରୁଣା ସହଯୋଗୀ ଦଳ ଓ ମେଣ୍ଟର ଏକ ପ୍ରତିଷ୍ଠାତା ସଦସ୍ୟ ଭାବେ ରହିଆସିଛି। ସେହିପରି ବିଜେପି ବିପିଏଫ୍ (ବୋଡ଼ୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ) ସହ ମାର୍ଚ୍ଚ ୧୦ ସୁଦ୍ଧା ଆସନ ଭାଗବଣ୍ଟା ଶେଷ କରିବ ବୋଲି ଆଶା କରାଯାଉଛି। ଗତ ନିର୍ବାଚନରେ ବିପିଏଫ୍ କଂଗ୍ରେସ ସହ ଥିଲା। କିନ୍ତୁ ଏଥର ଏହି ଦଳ ଏନ୍‌ଡିଏକୁ ଫେରିଛି। ସେହିପରି ବୋଡ଼ାଲ୍ୟାଣ୍ଡ ଅଞ୍ଚଳର ଅନ୍ୟତମ ସହଯୋଗୀ ୟୁପିପିଏଲ୍ ସହ ଆସନ ଭାଗବଣ୍ଟା ନେଇ ଆଲୋଚନା ସାମାନ୍ୟ ଅଟକି ରହିଯାଇଥିଲେ ମଧ୍ୟ ସେମାନେ କଂଗ୍ରେସ ସହ ଯିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ନିଜର ଆସନ ଭାଗବଣ୍ଟାକୁ ନେଇ କିଛିଟା ସମସ୍ୟାର ସମ୍ମୁଖୀନ ହୋଇଛି। ତେବେ କଂଗ୍ରେସ ସହ ଆଞ୍ଚଳିକ ଦଳ ଆସାମ ଜାତୀୟ ପରିଷଦ (ଏଜେପି) ଓ ବାମପନ୍ଥୀ ଦଳଗୁଡ଼ିକ ସହ ଆସନ ଭାଗବଣ୍ଟା ପ୍ରାୟତଃ ଶେଷ ହୋଇଛି ଏବଂ ଏ ନେଇ ହାଇକମାଣ୍ଡଙ୍କ ଘୋଷଣାକୁ ଅପେକ୍ଷା କରାଯାଇଛି।

## ନାମ୍ବିଆ, ଦକ୍ଷିଣ ଆଫ୍ରିକା ପରେ ବୋତ୍ସ୍ୱାନାରୁ ଆସିଲେ ୯ ଚିତା

ଭୋପାଳ, ୨୮ ।୨(ଏଜେନ୍ସି): ମଧ୍ୟପ୍ରଦେଶର କୁନୋ ନ୍ୟାସନାଲ ପାର୍କକୁ ଶନିବାର ସକାଳେ ଆଉ ୯ଟି ଚିତା ବାଘ ଅଣାଯାଇଛି। ଦକ୍ଷିଣ ଆଫ୍ରିକୀୟ ଦେଶ ବୋତ୍ସ୍ୱାନାରୁ ୬ଟି ମାଇ ଓ ୩ଟି ଅଣ୍ଡିରା ଚିତାଙ୍କୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପ୍ରଥମେ ଗ୍ୱାଲିୟର ଏବଂ ପରେ ହେଲିକପ୍ଟର ଯୋଗେ କୁନୋ ନ୍ୟାସନାଲ ପାର୍କ ଅଣାଯାଇଛି। ଏଥିସହ କୁନୋରେ ଚିତା ସଂଖ୍ୟା ୩୬ରୁ ବୃଦ୍ଧି ପାଇ ୪୫ରେ ପହଞ୍ଚିଛି। ଗାନ୍ଧୀ ସାଗର ଅଭ୍ୟାରଣ୍ୟରେ ୩ଟି ଚିତାଙ୍କୁ ମିଶାଇ ଦେଶରେ ବର୍ତ୍ତମାନ ମୋଟ ୪୮ଟି ଚିତା ଅଛନ୍ତି। କେନ୍ଦ୍ର ବନ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର ସକାଳେ କୁନୋରେ ପହଞ୍ଚି ପ୍ରତୀକାତ୍ମକ ଭାବେ କ୍ରେଟର ହ୍ୟାଣ୍ଡେଲ ଘୁରାଇ ଦୁଇଟି ଚିତାଙ୍କୁ କ୍ୱାରେଣ୍ଟାଇନ୍ ଏନକ୍ଲୋଜରରେ ଛାଡ଼ିଛନ୍ତି। ନାମ୍ବିଆ ଓ ଦକ୍ଷିଣ ଆଫ୍ରିକା ପରେ ବର୍ତ୍ତମାନ ବୋତ୍ସ୍ୱାନାର ଚିତା ସାମିଲ ହେବା ଫଳରେ କୁନୋରେ ଜେନେଟିକ୍ ଅର୍ଥାତ ଆନୁବଂଶିକ ବିଭିଧତା ଆହୁରି ମଜଭୁତ୍ ହେବ ବୋଲି ଆଶା କରାଯାଉଛି। କୁନୋର ବର୍ତ୍ତମାନ ବୟସ୍କ ଚିତାଙ୍କ ସଂଖ୍ୟା ମଧ୍ୟରେ ୧୮ଟି ମାଇ ଓ ୧୬ଟି ଅଣ୍ଡିରା ଚିତା ଅଛନ୍ତି। ଏହି ନୂଆ ୯ଟି ଚିତାଙ୍କୁ ଆଗାମୀ ଏକ ମାସ ପର୍ଯ୍ୟନ୍ତ ବିଶେଷଜ୍ଞ ଓ ଡାକ୍ତରଙ୍କ କଠୋର ନଜରରେ ସ୍ୱତନ୍ତ୍ର କ୍ୱାରେଣ୍ଟାଇନ୍ ବାଡ଼ ମଧ୍ୟରେ ରଖାଯିବ।

# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ







## ୧୦ ଦିନର କଣ୍ଟ ପରେ କ୍ଷେପଣାସ୍ତ୍ର ମାଡ଼

ୱାସିଂଟନ/ତେହେରାନ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ପୁଣି ଥରେ ସଂଘର୍ଷ ଆରମ୍ଭ ହେବା ପରେ ବିଶ୍ୱ ରାଜନୀତି ଏବେ ଏକ ସମ୍ବେଦନଶୀଳ ମୋଡ଼ରେ ଉପନୀତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ମାତ୍ର ୧୦ ଦିନ ପରେ ଇରାନ ଉପରେ ଏହି ବଡ଼ ଧରଣର ଆକ୍ରମଣ ହୋଇଛି। ଫଳରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଗତ କିଛି ସପ୍ତାହ ଧରି ଆମେରିକା ଓ ଇସ୍ରାଏଲ ପକ୍ଷରୁ ଦିଆଯାଉଥିବା ଲଗାତର ଚେତାବନୀ ଶେଷରେ ଏକ ବଡ଼ ସାମରିକ ଅଭିଯାନରେ ପରିଣତ ହୋଇଛି। ଟ୍ରମ୍ପ ଇରାନକୁ ପୂର୍ବରୁ ୧୦ ଦିନିଆ ସମୟସୀମା ଦେଇଥିଲେ। ଗତ ଫେବୃଆରୀ ୧୯ ତାରିଖରେ ଟ୍ରମ୍ପ ଇରାନକୁ ଏକ ପ୍ରକାର ଅନ୍ତିମ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ଇରାନ ପାଖରେ ମାତ୍ର ୧୦ରୁ ୧୫ ଦିନ ସମୟ ରହିଛି। ଯଦି ଏହି ସମୟରେ କୌଣସି ସମାଧାନ ନବାହାରେ, ତେବେ ପରିଣାମ ଭୟଙ୍କର ହେବ। ଏଭଳି ସ୍ଥିତିରେ ଇସ୍ରାଏଲର ଆଭିମୁଖ୍ୟ ସ୍ପଷ୍ଟ ରହିଛି। ଇରାନର ପରମାଣୁ ଓ ମିସାଇଲ କ୍ଷମତା ବୃଦ୍ଧିକୁ ରୋକିବା ପାଇଁ ଇସ୍ରାଏଲ ପୂର୍ବରୁ ଜାନୁଆରୀ ମାସରେ ମଧ୍ୟ କିଛି ଆକ୍ରମଣ କରିଥିଲା। ୧୦ ଦିନର ସମୟସୀମା ଶେଷ ହେବା ପରେ ଆକ୍ରମଣ ହୋଇଛି। ଟ୍ରମ୍ପ ନିଜେ ନିଶ୍ଚିତ କରିଛନ୍ତି ଯେ ଆମେରିକୀୟ ସେନା ଇରାନରେ 'ମେଜର କମ୍ବାଟ୍ ଅପରେସନ' ଆରମ୍ଭ କରିଛନ୍ତି। ସେ ଇରାନର ନେତୃତ୍ୱକୁ 'ଭୟଙ୍କର ଓ ଦୁଷ୍ଟ' ବୋଲି ବର୍ଣ୍ଣନା କରିଛନ୍ତି। ତେହେରାନରେ ହୋଇଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନେତା ୮୬ ବର୍ଷୀୟ ଆୟାତୁଲ୍ଲା ଖାମନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଇରାନ ଗୋପନରେ ନିଜର ପରମାଣୁ ଓ ମିସାଇଲ କ୍ଷମତା ବଢ଼ାଉଛି ବୋଲି ଆମେରିକା ଓ ଇସ୍ରାଏଲ ଅଭିଯୋଗ କରିଛନ୍ତି ଓ ଖାସ୍ ଏହି କାରଣ ପାଇଁ ଆକ୍ରମଣ କରାଯାଇଛି।

## ଟମ୍ ହକ୍, ବଙ୍କର-ବଷ୍ଟର, ବାଲିଷ୍ଟିକ କ୍ଷେପଣାସ୍ତ୍ର

ତେଲ ଆଭିଭ୍, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଭୟଙ୍କର ରୁପ ନେବାକୁ ଯାଉଛି। ଇସ୍ରାଏଲର 'ଅପରେସନ ରୋରିଂ ଲାୟନ' ଓ ଆମେରିକାର 'ଅପରେସନ ଏପିକ ଫ୍ୟୁରୀ' ମାଧ୍ୟମରେ ଇରାନର ସାମରିକ ଓ ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଏହାର ଜବାବରେ ଇରାନ ମଧ୍ୟ ମିସାଇଲ ମାଡ଼ ଆରମ୍ଭ କରିଛି। ଏହି ଯୁଦ୍ଧରେ ଇସ୍ରାଏଲ, ଆମେରିକା ଓ ଇରାନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି। ଆମେରିକା ଓ ଇସ୍ରାଏଲ ବ୍ୟବହାର କରୁଥିବା ଅସ୍ତ୍ରଗୁଡ଼ିକ ହେଲା ଟମ୍‌ହକ କ୍ରୁଜ ମିସାଇଲ, ଏଫ୍-୩୫ ଆଇ ଅଦିର ଷ୍ଟିଲଥ ଫାଇଟର, ଜିବିୟୁ-୨୮ ବଙ୍କର-ବଷ୍ଟର ବୋମା ଓ ଦୂରଗାମୀ ଡ୍ରୋନ୍। ସେହିପରି ଇରାନ ଦ୍ୱାରା ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ହେଲା ଶାହାବ-୩ ବାଲିଷ୍ଟିକ ମିସାଇଲ, ଏମାଦ ପ୍ରେସିସନ-ଗାଇଡେଡ ମିସାଇଲ, ଘଦର କ୍ଷେପଣାସ୍ତ୍ର। ଟମ୍ ହକ୍ କ୍ରୁଜ୍ ମିସାଇଲ ହେଉଛି ଆମେରିକା ନୌସେନାର ଏକ ଦୂରଗାମୀ ମିସାଇଲ ଓ ଏହା ଯୁଦ୍ଧ ଜାହଜ ଓ ବୁଡ଼ା ଜାହଜରୁ



ଲଞ୍ଚ୍ କରାଯାଏ। ଏହା ରାଡାରରୁ ବଞ୍ଚିବା ପାଇଁ ୩୦-୫୦ ମିଟର ଉଚ୍ଚତାରେ ଉଡ଼ିପାରେ ଏବଂ ୧୬, ୦୦ କିମି ଦୂରରେ ଥିବା ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିପାରେ। ସେହିପରି ଅଦିର ଷ୍ଟିଲ୍‌ଥ ଫାଇଟର ହେଉଛି ଇସ୍ରାଏଲର ଏକ ଶକ୍ତିଶାଳୀ ବିମାନ। ଏହାର ଷ୍ଟିଲ୍‌ଥ ଟେକ୍ନୋଲୋଜି ଯୋଗୁଁ ଏହା ଶତ୍ରୁର ରାଡାରରେ ଧରାପଡ଼େ ନାହିଁ। ଏହା ଇରାନର ଆକାଶ ମାର୍ଗରେ ପ୍ରବେଶ କରି ଗୁପ୍ତ ତଥ୍ୟ ସଂଗ୍ରହ ସହ ଆକ୍ରମଣ କରିବାର କ୍ଷମତା ରଖିପାରେ। ବଙ୍କର-ବଷ୍ଟର ହେଉଛି ୨, ୨୬୮ କେଜି ଓଜନର ବୋମା। ବିଶେଷ କରି ଏହା ମାଟି ତଳେ ଲୁଚି ରହିଥିବା ପରମାଣୁ କେନ୍ଦ୍ର ଓ ସାମରିକ ବଙ୍ଗରଗୁଡ଼ିକୁ ଧ୍ୱଂସ କରିବା ପାଇଁ ତିଆରି ହୋଇଥାଏ। ଏହା କଂକ୍ରିଟର ମୋଟା କାନ୍ଥକୁ ଭେଦ କରି ଭିତର ବିସ୍ଫୋରଣ କରିଥାଏ। ସେହିପରି ଇରାନ ଦ୍ୱାରା ଶହାବ, ଏମାଦ ଓ ଘଦର ମଧ୍ୟ ଅତ୍ୟାଧୁନିକ ଅସ୍ତ୍ର ତଥା ମିସାଇଲ ଯାହା ଅତ୍ୟନ୍ତ ସଠିକତାର ସହ ଲକ୍ଷ୍ୟ ଭେଦ କରିପାରେ।

### ଯୁଦ୍ଧରେ କାହା ସହ କିଏ ଅଛନ୍ତି

ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଇରାନ ବର୍ତ୍ତମାନ ସ୍ଥିତିରେ ଏକାକୀ ପଡ଼ିଯାଇଥିବା ଜଣାପଡୁଛି। ଇରାନ ସହଯୋଗୀ ବୋଲଉଥିବା 'ଆକ୍ସିସ୍ ଅଫ୍ ରେଜିଷ୍ଟାନ୍ସ' ଗତ କିଛି ବର୍ଷ ହେବ ଇସ୍ରାଏଲ ଆକ୍ରମଣ ଯୋଗୁଁ ଦୁର୍ବଳ ହୋଇପଡ଼ିଛି। ଇରାନ ସହ ସାମରିକ ଗୋଷ୍ଠୀ ଭାବେ ଲେବାନନର ହିଜବୁଲ୍ଲା, ଇରାକର ପିଏମ୍‌ଏଫ୍, ୟେମେନର ହୁତି ବିଦ୍ରୋହୀ ଓ ଗାଜାର ହମାସର ସହଯୋଗ ରହିଛି। ସେହିରପି ରୁଷିଆ, ଚୀନ୍ ଓ ପାକିସ୍ତାନ ଏହି ୩ଟି ଦେଶ ଇରାନର ବନ୍ଧୁ ତଥା ସମର୍ଥକ ଭାବେ ବେଶ୍ ଭଲଭାବେ ଜଣାଶୁଣା। ଅପରପକ୍ଷରେ ଆମେରିକା- ଇସ୍ରାଏଲ ସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କତାର, ବାହାରିନ, ଜୋର୍ଡାନ ଓ କୁଏତ, ସାଉଦି ଆରବ ସମେତ ଜର୍ମାନୀ, ଫ୍ରାନ୍ସ ଓ ଇଟାଲୀ ଭଳି ପାଶ୍ଚାତ୍ୟ ଦେଶ ରହିଛନ୍ତି।

## ୪୦ ବର୍ଷର ଶତ୍ରୁତାର ସମ୍ପୂର୍ଣ୍ଣ ଇତିହାସ

ନୂଆଦିଲ୍ଲୀ, ୨୮ ।୨(ଏଜେନ୍ସି): ଶନିବାର ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନର ରାଜଧାନୀ ତେହେରାନ ସମେତ ଅନେକ ସହରରେ ଉପରେ ଆକ୍ରମଣ କରିଛନ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ, ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଶବ୍ଦ ଶୁଣାଯିବ ସହ ଏୟାର ରେଡ୍ ସାଇରନ ବାଜିଥିଲା। ଏହି ସଂଘର୍ଷ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନ ରହି ସାରା ମଧ୍ୟପ୍ରାଚ୍ୟରେ ଏକ ବଡ଼ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଓ ଶତ୍ରୁତାର ଏକ ଲମ୍ବା ଇତିହାସ ରହିଛି। ଶନିବାରର ଏହି ଆକ୍ରମଣ ୧୯୭୯ରୁ ଆରମ୍ଭ ହୋଇଥିବା ଦୀର୍ଘକାଳୀନ ସଂଘର୍ଷର ଏକ ନୂତନ ଅଧ୍ୟାୟ ମାତ୍ର। ଅର୍ଥାତ ଇରାନ ଓ ଆମେରିକାର ମଧ୍ୟରେ ସଂଘର୍ଷ ଆଦୌ ନୂଆ ନୁହେଁ ଓ ଏହା ବହୁ ପୁରୁଣା।

**୧୯୭୯; ବନ୍ଧକ ସଙ୍କଟ:** ନଭେମ୍ବର ୪ରେ ଇରାନର ବିପ୍ଳବୀମାନେ ତେହେରାନସ୍ଥିତ ଆମେରିକା ଦୂତାବାସରେ ୫୨ ଜଣ କର୍ମଚାରୀଙ୍କୁ ୪୪୪ ଦିନ ଧରି ବନ୍ଧକ ରଖିଥିଲା। ସେମାନେ ଆମେରିକାରେ ଚିକିତ୍ସିତ ହେଉଥିବା ଇରାନର ପୂର୍ବତନ ଶାସକ ମହମ୍ମଦ ରେଜା ପହଲବୀଙ୍କୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ସେବଠାରୁ ଦୁଇ ଦେଶ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା। ୧୯୮୦ରେ ଆମେରିକା ଇରାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରି ବାଣିଜ୍ୟ କଟକଣା ଲଗାଇଥିଲା।

**୨୦୦୨; ଆକ୍ସିସ ଅଫ୍ ଇଭିଲ୍:** ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଇରାନ, ଇରାକ ଓ ଉତ୍ତର କୋରିଆକୁ 'ଅନିଷ୍ଟର ଅକ୍ଷ ବା ଆକ୍ସିସ ଅଫ୍ ଇଭିଲ୍' ଭାବେ ଅଭିହିତ କରିଥିଲେ। ତେବେ ଏହା ପୂର୍ବରୁ ୧୯୯୫ରେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଇରାନ ସହ ବାଣିଜ୍ୟ ଓ ପୁଞ୍ଜି ନିବେଶ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଥିଲେ। ୨୦୧୯ରେ ଆମେରିକା ଇରାନର ସୈନ୍ୟ ବାହିନୀ 'ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ'କୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା।

**୨୦୧୮; ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା:** ୨୦୧୫ରେ ବିଶ୍ୱର ୬ଟି ପ୍ରମୁଖ ଶକ୍ତିଙ୍କ ସହ ଇରାନର ପରମାଣୁ ଚୁକ୍ତି ହୋଇଥିଲା। କିନ୍ତୁ ୨୦୧୮ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିରୁ ଓହରିଯାଇଥିଲେ ଓ ପୁନର୍ବାର କଠୋର ଆର୍ଥିକ କଟକଣା ଲଗାଇଥିଲେ।୨୦୨୫ ସେପ୍ଟେମ୍ବରରେ ଜାତିସଂଘର କଟକଣା ପୁଣି ଲାଗୁ ହେବା ସହ ଏହି ଚୁକ୍ତି ସମାପ୍ତ ହୋଇଥିଲା।

**୨୦୨୦; ପ୍ରମୁଖ ଜେନେରାଲଙ୍କ ମୃତ୍ୟୁ:** ୨୦୨୦ ଜାନୁଆରୀ ୩ରେ ଆମେରିକା ଇରାନର ଶୀର୍ଷ ଜେନେରାଲ କାସେମ ସୋଲେମାନିଙ୍କୁ ହତ୍ୟା କରିଥିଲା। ଏହାର ଜବାବରେ ଇରାନ ଆମେରିକୀୟ ବେସ୍ ଉପରେ ମିସାଇଲ ମାଡ଼ କରିଥିଲା। ଫଳରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଓ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା।

**୨୦୧୫-୨୬: ବର୍ତ୍ତମାନର ସ୍ଥିତି**

୨୦୨୫ ଜୁନ୍ ୨୧ରେ ଆମେରିକାର ଇରାନର ୩ଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା।

୨୦୨୬; ୨୦୨୬ ଫେବୃଆରୀରେ ଦୁଇ ଦେଶ ମଧ୍ୟରେ ପରୋକ୍ଷ ଆଲୋଚନା ଆରମ୍ଭ ହୋଇଥିଲା, କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଚୁକ୍ତି ପାଇଁ ୧୦-୧୫ ଦିନ ସମୟ ଦେଇଥିଲେ।

**୨୦୨୬ ଫେବୃଆରୀ ୨୮:** କୌଣସି ସମାଧାନ ନ ହେବାରୁ ଟ୍ରମ୍ପ 'ବଡ଼ ଧରଣର ସାମରିକ ଅଭିଯାନ' ଘୋଷଣା କରିଛନ୍ତି ଏବଂ ଇସ୍ରାଏଲ ସହ ମିଶି ଇରାନ ଉପରେ ଆକ୍ରମଣ ଜାରି ରଖିଛନ୍ତି।

## ସଂଯମ ପାଇଁ ଭାରତର ପରାମର୍ଶ

ନୂଆଦିଲ୍ଲୀ, ୨୮।୨: ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ନେଇ ଭାରତ ପ୍ରତିକ୍ରିୟା ପ୍ରକାଶ କରିଛି। ସଂଯମ ରକ୍ଷା କରିବା ଲାଗି ଉଭୟ ପକ୍ଷକୁ ପରାମର୍ଶ ଦେଇଛି ଭାରତର ବୈଦେଶିକ ବିଭାଗ। କୁଟନୀତି ଓ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଛି।

ଇରାନରେ ମିଳିତ ଆକ୍ରମଣ ପରେ ଉପସାଗରୀୟ କ୍ଷେତ୍ରରେ ଉତ୍ତେଜନା ବୃଦ୍ଧି ପାଇଛି। ସ୍ଥିତିକୁ ଦେଖି ଭାରତ ସରକାର ସତର୍କ ହୋଇଯାଇଛନ୍ତି। ଇରାନ, ଇସ୍ରାଏଲ ସମେତ ଉପସାଗରୀୟ ଦେଶରେ ରହୁଥିବା ନାଗରିକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରି ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ଇରାନ, ଇସ୍ରାଏଲ ସମେତ ୟୁଏଇ, ସାଉଦି ଆରବ, ଜୋର୍ଡାନ, ବାହାରିନ ଏବଂ ପାଲେଷ୍ଟାଇନ ସ୍ଥିତ ଭାରତୀୟ ଦୂତାବାସ ନିଜ ନାଗରିକଙ୍କୁ ସତର୍କ

**ଘରେ ରହିବାକୁ ଭାରତୀୟଙ୍କୁ ପରାମର୍ଶ**

ରହିବାକୁ ଏବଂ ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବାକୁ କହିଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ତୁରନ୍ତ ଜୋର୍ଡାନ ଛାଡ଼ିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଦେଶଗୁଡ଼ିକର ସ୍ଥିତି ଉପରେ ତୀକ୍ଷଣ ନଜର ରଖାଯାଇଛି। ସ୍ଥାନୀୟ ପ୍ରଶାସନ ସହ ଦୂତାବାସ ଯୋଗାଯୋଗ କରୁଛି। ଆବଶ୍ୟକ ପଡ଼ିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ପରିସ୍ଥିତିରେ ଭୟଭୀତ ହେବା ପରିବର୍ତ୍ତେ ଭାରତୀୟ ସତର୍କ ରହିବା ଜରୁରୀ। କେବଳ ଆନୁଷ୍ଠାନିକ ସୂଚନାକୁ ଭରସା କରିବାକୁ କୁହାଯାଇଛି। କୌଣସି ଆପତ୍ତି ଥିଲେ ସମ୍ବନ୍ଧିତ ଦୂତାବାସ ସହ ଯୋଗାଯୋଗ କରିବାକୁ ନାଗରିକଙ୍କୁ ନିବେଦନ କରାଯାଇଛି। ସୂଚନା ଅନୁଯାୟୀ, ଜାନୁଆରୀ ଯାଏଁ ଇରାନରେ ପ୍ରାୟ ୧୦ ହଜାର ଭାରତୀୟ ରହୁଥିଲେ। ଏମାନଙ୍କ ମଧ୍ୟରେ ସିଂହ ଭାଗ ଛାତ୍ରଛାତ୍ରୀ ସାମିଲ ଥିଲେ। ସମସ୍ତେ ମେଡିକାଲ ଏବଂ ଅନ୍ୟ ପାଠକ୍ରମ ପଢ଼ିବାକୁ ଯାଇଥିଲେ। ସେହିପରି ଇସ୍ରାଏଲରେ ୪୧ ହଜାର ଭାରତୀୟ ଅଛନ୍ତି। ନିକଟସ୍ଥ ଆଶ୍ରୟ ସ୍ଥଳର ସୂଚନା ରଖିବାକୁ ଏଠାକାର ଦୂତାବାସ ନାଗରିକଙ୍କୁ କହିଛି। ଜରୁରୀ ସ୍ଥିତିରେ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ପାଳନ ଜରୁରୀ ବୋଲି କୁହାଯାଇଛି।

## ଆମ ଟାର୍ଗେଟରେ ଖାମନେଇ: ଇସ୍ରାଏଲ

ତେଲଆଭିଭ୍/ତେହରାନ, ୨୮ ।୨(ଏଜେନ୍ସି): ଖାମନେଇଙ୍କୁ ନିଶାଣ କରି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଉଲ୍ଲେଖ କରିଛନ୍ତି। ସେ ଭିଡିଓ ବାର୍ତ୍ତା ଜାରି କରି ଇରାନରେ କ୍ଷମତା ପରିବର୍ତ୍ତନ କଥା କହିଛନ୍ତି। ଅତ୍ୟାଚାରର ବୋଝକୁ ହଟାଇ, ଏକ ସ୍ୱାଧୀନ ଏବଂ ଶାନ୍ତିପୂର୍ଣ୍ଣ ଇରାନ ଗଠନ କରିବାକୁ ସେଠାକାର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି। ନେତନ୍ୟାହୁ କହିଛନ୍ତି ଯେ ଆମେରିକା-ଇସ୍ରାଏଲ ଆକ୍ରମଣ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହୋଇଛି ଯାହାଦ୍ୱାରା ଇରାନ ଲୋକ ନିଜର ଭବିଷ୍ୟତ ଧାର୍ଯ୍ୟ କରିପାରିବେ। ଇରାନର ବର୍ତ୍ତମାନ ସରକାରଙ୍କୁ ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି। ଏହା ଦ୍ୱାରା ସାରା ବିଶ୍ୱ ଉପରେ ବିପଦ ରହିଛି ବୋଲି ସେ କହିଛନ୍ତି।

ଏହି ଆକ୍ରମଣ ପାଇଁ ଆମେରିକା ଏବଂ ଇସ୍ରାଏଲ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ, ଦୀର୍ଘ ଦୂରଗାମୀ କ୍ରୁସ୍ ମିସାଇଲ, ଟମ୍ ହକ୍, ବଙ୍କର ବ୍ଲଷ୍ଟର, ବାଲିଷ୍ଟିକ କ୍ଷେପଣାସ୍ତ୍ର, ସଠିକ୍ ଲକ୍ଷ୍ୟଭେଦ କରିପାରୁଥିବା ଅସ୍ତ୍ରଶସ୍ତ୍ର ଏବଂ ସଶସ୍ତ୍ର ଡ୍ରୋନ ବ୍ୟବହାର କରିଥିଲା। ମଧ୍ୟପ୍ରାଚ୍ୟର ସମୁଦ୍ରରେ ଡେରା ଜମାଇ ଥିବା ଆମେରିକାର ବିମାନବାହୀ ଯୁଦ୍ଧ ଜାହାଜ ଜେରାଲ୍ଡ ଆର ଫୋର୍ଡ ଏବଂ ଆବ୍ରାହାମ ଲିଙ୍କନରୁ ଉଡ଼ାଣ ଭରି ଲଢୁଆ ବିମାନ ଗୁଡ଼ିକ ବିଭିନ୍ନ ସ୍ଥାନରେ ବୋମା ମାଡ଼ କରି ଭୟର ବାତାବରଣ ସୃଷ୍ଟି କରିଥିଲା। ଇରାନ ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଆଲୋଚନା ଜାରି ରହିଥିବାବେଳେ ଶତ୍ରୁ ପୁଣି ଆକ୍ରମଣ କରିଛି। ସବୁ ରାଜ୍ୟର ଗଭର୍ଣ୍ଣରଙ୍କୁ ସତର୍କ ହୋଇ ରହିବାକୁ ପରାମର୍ଶ ଦିଆଯାଇଛି। ଜନତାଙ୍କ ଆବଶ୍ୟକତା ପାଇଁ ସମ୍ବଳ ଠୁଳ କରି ରଖିବାକୁ କୁହାଯାଇଛି।

## ବାଲିଷ୍ଟିକ୍ ପାଇଁ ଆମେରିକା, ଇରାନ ବିବାଦ

ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ ଆଲୋଚନା ଜାରି ରହିଛି। ଏହି ଆଲୋଚନାରେ ବାଲିଷ୍ଟିକ ମିସାଇଲ ପ୍ରୋଜେକ୍ଟ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି। ଏହାକୁ ନେଇ ଇରାନ କୌଣସି ଚୁକ୍ତି କରିବାକୁ ଚାହୁଁନାହିଁ। ଏହା ହିଁ ବିବାଦର ମୁଖ୍ୟ କାରଣ ହୋଇଛି। ଇରାନ ସୂଚନା ଅନୁଯାୟୀ, ଦେଶର ସୁରକ୍ଷା ପାଇଁ ବାଲିଷ୍ଟିକ କାର୍ଯ୍ୟକ୍ରମ ଜରୁରୀ। ୨୦୨୫ ଜୁନ୍‌ରେ ଇସ୍ରାଏଲ ଏବଂ ଆମେରିକା ଦେଶର ପରମାଣୁ ଠିକଣାରେ ଆକ୍ରମଣ କରିଥିଲେ। ସେତେବେଳେ କ୍ଷେପଣାସ୍ତ୍ର ହିଁ ଏଥିରୁ ସୁରକ୍ଷା ପ୍ରଦାନ କରିଥିଲେ। ତେଣୁ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ କୌଣସି ଚୁକ୍ତି କରାଯିବ ନାହିଁ ବୋଲି ଇରାନ ଅଧିକାରୀମାନେ ବାରମ୍ବାର କହି ଆସୁଥିଲେ। ଏହି କାର୍ଯ୍ୟକ୍ରମରୁ ପଛଘୁଞ୍ଚା ଦେବାମାନେ ନିଜକୁ ଦୁର୍ବଳ କରିବା। ସେଥିପାଇଁ ଆଲୋଚନା କେବଳ ପରମାଣୁ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରହିବ। କ୍ଷେପଣାସ୍ତ୍ର କିମ୍ବା ଆଞ୍ଚଳିକ ଗୋଷ୍ଠୀକୁ ନେଇ କିଛି ସାଲିସ କରାଯିବ ନାହିଁ। ମାତ୍ର ଏହା ଆମେରିକା ପାଇଁ ଶକ୍ତ ଝଟ୍‌କା ଥିଲା। ତେଣୁ ଆକ୍ରମଣ କରି ଚପ ପ୍ରୟୋଗ ପାଇଁ ଆମେରିକା ନିଷ୍ପତ୍ତି ନେଇଥିଲା।

## ପଶ୍ଚିମବଙ୍ଗରେ ୬୧ ଲକ୍ଷ ଭୋଟର କଟିଲେ; ଆଉ ୬୦ ଲକ୍ଷଙ୍କ ଯାଞ୍ଚ ଚାଲିଛି

କୋଲକାତା, ୨୮।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସଆଇଆର୍‌କୁ ବିରୋଧ କରି ସଡ଼କରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛନ୍ତି। ଏପରି ସମୟରେ ଏସ୍‌ଆଇଆରର ଚୂଡ଼ାନ୍ତ ଭୋଟର ତାଲିକା ଜାରି ହୋଇଛି। ଏହି ତାଲିକାରୁ ୬୧, ୭୮, ୨୪୫ ଲୋକଙ୍କ ନାମ କାଟି ଦିଆଯାଇଛି। ଏବେ ପଶ୍ଚିମବଙ୍ଗରେ ମୋଟ ୭, ୦୪, ୫୯, ୨୮୪ ଭୋଟର ଅଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମନୋଜ କୁମାର ଅଗ୍ରୱାଲ କହିଛନ୍ତି। ଏସଆଇଆର୍ ପୂର୍ବରୁ ରାଜ୍ୟରେ ୭.୬୬ କୋଟି ଭୋଟର ଥିଲେ। ମତଦାତା ସୂଚୀ ଯାଞ୍ଚ ପ୍ରକ୍ରିୟାରେ ଫର୍ମ-୭ ମାଧ୍ୟମରେ ୫, ୪୬, ୦୫୩ ରୁ ଅଧିକ ଭୋଟରଙ୍କ ନାମ ହଟାଯାଇଛି। ଫର୍ମ-୬ ଏବଂ ୬ଏ ଜମା କରିଥିବା ୧, ୮୨, ୦୩୬ ଭୋଟରଙ୍କୁ ସାମିଲ କରାଯାଇଛି। ସିଇଓ

**ଏସ୍‌ଆଇଆର୍ ବିସ୍ଫୋରଣ**

କହିଛନ୍ତି ଯେ ଏବେ ୬୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମର ଯାଞ୍ଚ ଜାରି ରହିଛି। ମାତ୍ର ତାଙ୍କୁ ନୂଆ ଭୋଟର ତାଲିକାରେ ସାମିଲ କରାଯାଇଛି। ଏହି ନାମ ଉପରେ ନିଷ୍ପତ୍ତି ଆସିବା ପରେ ତାଲିକା ପୁଣି ବଦଳାଯିବ।



ସୂଚନା ଅନୁଯାୟୀ, ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗତ ବର୍ଷ ଅକ୍ଟୋବର ୨୭ରୁ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ମୋଟ ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଚୂଡ଼ାନ୍ତ ତାଲିକା ପ୍ରକାଶିତ ହୋଇସାରିଛି। ଏପ୍ରିଲ ୧୦ରେ ଉତ୍ତର ପ୍ରଦେଶର ଚୂଡ଼ାନ୍ତ ତାଲିକା ଆସିବ। ପଶ୍ଚିମବଙ୍ଗ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ରାଜ୍ୟ ନିର୍ବାଚନ ତାରିଖ ଘୋଷଣା ହୋଇପାରେ। ନିର୍ବାଚନ କେତେ ପର୍ଯ୍ୟାୟରେ ହେବ ତାହା ଅନୁମାନ କରାଯାଉଛି। ନିର୍ବାଚନ ତିନୋଟି ପର୍ଯ୍ୟାୟରେ ହୋଇପାରେ। ନିର୍ବାଚନ କମିଶନ ପୂର୍ବରୁ ତାମିଲନାଡୁ ଏବଂ ଆସାମ ଗସ୍ତ କରିସାରିଲେଣି। ମାତ୍ର ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଗସ୍ତରେ ଯାଇ ନାହାନ୍ତି।

## ସଂରକ୍ଷିତ ବର୍ଗ ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ଦିଆଯାଇପାରିବ: ହାଇକୋର୍ଟ

କଟକ, ୨୮ ।୨ (ସମିସ): ସୁନ୍ଦରଗଡ଼ ସିଭିଲ୍ କୋର୍ଟରେ କନିଷ୍ଠ କିରାଣୀ ନିଯୁକ୍ତି ବିବାଦକୁ ନେଇ ରୁଜୁ ମାମଲାର ଅନ୍ତ ଘଟାଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଯଦି ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ନିଜର ଯୋଗ୍ୟତା ତଥା ମେଧା ତାଲିକା ଆଧାରରେ ଅଧିକ ନମ୍ବର ରଖନ୍ତି, ତେବେ ତାଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ଦିଆଯାଇପାରିବ ବୋଲି କହିଛନ୍ତି ହାଇକୋର୍ଟ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଲୁସି ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିବା ସହ ମାମଲାକୁ ଖାରଜ କରିଦେଇଛନ୍ତି। ଅଣସଂରକ୍ଷିତ ବର୍ଗ କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସଂରକ୍ଷିତ ନୁହେଁ, ବରଂ ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଯଦି ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ନିଜ ମେଧା ବଳରେ ତାଲିକା ଉପରେ ରହନ୍ତି, ତେବେ ତାଙ୍କୁ ଅଣସଂରକ୍ଷିତ ପଦରେ ସ୍ଥାନ ମିଳିବା ଉଚିତ। ସେହିଭଳି ଜଣେ ଯଦି ନିଜ ମେଧା ବଳରେ ଚୟନ ହୁଅନ୍ତି, ତେବେ ଏହି କ୍ଷେତ୍ରରେ ସଂରକ୍ଷଣ ପ୍ରମାଣପତ୍ରର ଆଉ ପ୍ରାସଙ୍ଗିକତା ରହେ ନାହିଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଗତ ୨୦୧୫-୧୬ ବର୍ଷ ପାଇଁ ସୁନ୍ଦରଗଡ଼ ସିଭିଲ କୋର୍ଟରେ ୧୦ଟି କନିଷ୍ଠ କିରାଣୀ ନିଯୁକ୍ତି ପ୍ରକ୍ରିୟାରେ ଆବେଦନକାରୀ ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ଆବେଦନ କରିଥିଲେ। ମାତ୍ର, ଏସଇବିସି ବର୍ଗ ପାଇଁ ଆବେଦନ କରିଥିବା ଜଣେ ପ୍ରାର୍ଥୀ ଚୂଡ଼ାନ୍ତ ମେଧା ତାଲିକାରେ ଆବେଦନକାରୀଙ୍କଠାରୁ ଉପରେ ତଥା ଚତୁର୍ଥ ସ୍ଥାନରେ ଥିବାରୁ ସେହି ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ମିଳିଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ପ୍ରତିପକ୍ଷ ପ୍ରାର୍ଥୀ ଏସଇବିସି ବର୍ଗରୁ ଆବେଦନ କରିଥିଲେ। ଅଣସଂରକ୍ଷିତ ବର୍ଗରେ ଗୋଟିଏ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ମେଧା ତାଲିକା ଅନୁସାରେ ଉପରେ ଥିବାରୁ ସଂରକ୍ଷିତ ବର୍ଗରେ ଆବେଦନ କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ବେଆଇନ ବୋଲି ଆବେଦନାକରୀ ଅଭିଯୋଗ କରିଥିଲେ। ଏହାକୁ ହାଇକୋର୍ଟ ଗ୍ରହଣ କରିନାହାନ୍ତି ଓ ସଂପୃକ୍ତ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ନିଯୁକ୍ତିକୁ ଅଦାଲତ ବୈଧ ଘୋଷଣା କରିଛନ୍ତି।

## ହତ୍ୟାକାରୀକୁ ଆଜୀବନ

ବାରିପଦା, ୨୮ ।୨(ସମିସ): ୨୦୨୨ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ମୟୂରଭଞ୍ଜ ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ (ନୂଆସାହି) ଗ୍ରାମର କ୍ରିଷ୍ଣା ସିଂ(୨୨)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧୫ ଦିନ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନାନୁଯାୟୀ, ୨୦୨୨ ଫେବୃଆରୀ ୯ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଗ୍ରାମର ଡମ୍ବରୁଧର ସିଂଙ୍କୁ ପଡ଼ୋଶୀ କାର୍ତ୍ତିକ ସିଂ (୬୦), ତାଙ୍କ ଦୁଇ ପୁଅ କ୍ରିଷ୍ଣା ଓ ଗୌରା ସିଂ(୨୮) ହତ୍ୟା କରିଥିଲେ ବୋଲି ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ, ଡମ୍ବରୁଧର ନିଜ ପିଉସୀଙ୍କ ଆଧାରକାର୍ଡ, ମୋବାଇଲ ଫୋନ ଓ ବ୍ୟାଙ୍କ ପାସବୁକ୍ ଆଣିବା ପାଇଁ କାର୍ତ୍ତିକଙ୍କ ଘରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଦିନ ଅର୍ଥାତ୍ ୨୦୨୨ଫେବୃଆରୀ ୧୦ରେ ପୁଲିସ କ୍ରିଷ୍ଣା ଓ ତାଙ୍କ ମାଆ ସରସ୍ୱତୀ ଏବଂ ୨୦୨୨ ମେ' ୩ରେ ଗୌରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରସ୍ୱତୀ ୨୦୨୨ ଜୁଲାଇ ୨୭ରେ ଓ ଗୌରା ୨୦୨୩ ମାର୍ଚ୍ଚ ୧୦ରେ ଜାମିନରେ ବାହାରିଥିଲେ। କିନ୍ତୁ, କ୍ରିଷ୍ଣା ଗିରଫ ହେବା ଦିନଠାରୁ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ରହିଥିଲେ। ସରକାରୀ ଓକିଲ ସସ୍ମିତା ମହାପାତ୍ର ଏହି ମାମଲା ପରିଚାଳନା କରୁଥିଲେ।

## ମହାନଦୀ ଜଳ ବିବାଦ ମାମଲା

# ଟ୍ରିବ୍ୟୁନାଲଙ୍କ ଗସ୍ତକୁ ଚାଷୀଙ୍କ ବିରୋଧ

ସମ୍ବଲପୁର, ୨୮ ।୨ (ସମିସ): ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ହୀରାକୁଦ ସ୍ଥିତି ପରଖିବା ପାଇଁ ଦୁଇଦିନିଆ ଗସ୍ତରେ ୨୬ ତାରିଖ ସନ୍ଧ୍ୟାରେ ସମ୍ବଲପୁରକୁ ଆସିଛନ୍ତି। ଟ୍ରିବ୍ୟୁନାଲ ଦଳରେ ଚେୟାରମ୍ୟାନ୍ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କ ସହ ସଭ୍ୟ ଜଷ୍ଟିସ୍ ଡ. ରବି ରଞ୍ଜନ ଓ ଜଷ୍ଟିସ ଇନ୍ଦରମିତ୍ କୌର କୋଚାରଙ୍କ ସହ ଉଭୟ ଓଡ଼ିଶା ଓ ଛତିଶଗଡ଼ର ଆଡଭୋକେଟ୍ ଜେନେରାଲ ଓ ଜଳ ସମ୍ପଦ ବିଭାଗ ସଚିବ ରହିଛନ୍ତି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲଙ୍କ ଗସ୍ତକୁ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବା ବେଳେ ଆପୋଷ କଥାବାର୍ତ୍ତା ଜରିଆରେ ଏହାର ସମାଧାନ ହେବା କଥା। କିନ୍ତୁ ମହାନଦୀ ଟ୍ରିବ୍ୟୁନାଲ ଦଳ ପିକ୍‌ନିକ୍ ପାଇଁ ଆସିଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଆଜି ଟ୍ରିବ୍ୟୁନାଲ୍ ଦଳଙ୍କ ସମଲେଶ୍ୱରୀ ମନ୍ଦିରକୁ ଦର୍ଶନ ପାଇଁ ଆସିବାର କାର୍ଯ୍ୟକ୍ରମ ଥିଲା। ତେବେ ପୂର୍ବାହ୍ନରେ ଜେଲଖାନା ଛକଠାରେ ବ୍ୟାନର୍ ନେଇ ସ୍ଲୋଗାନ୍ ସହ ଚାଷୀମାନେ ଟ୍ରିବ୍ୟୁନାଲର ଗସ୍ତକୁ ବିରୋଧ କରିଥିଲେ। ଜେଲ୍ ଛକଠାରେ ବ୍ୟାପକ ପୁଲିସ ମୁତୟନ ହେବା ସହ ତୁରନ୍ତ ଚାଷୀମାନଙ୍କୁ ପୁଲିସ ଉଠାଇ ଗାଡ଼ିରେ ନେଇ ଯାଇଥିଲା। ସେମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଓ ପ୍ରବକ୍ତା ସରୋଜ ତଥା ସମ୍ବଲପୁର

### ଉଠାଇନେଲା ପୁଲିସ

ଜିଲ୍ଲା ସଙ୍ଗଠନର ସଭାପତି ବ୍ୟୋମକେଶ ଠାକୁର, ଉପସଭାପତି ଭୈରବ ପ୍ରଧାନ, ସନ୍ତୋଷ ଭୋଇ, ଦିଲ୍ଲୀପ ସାହ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ। ସେମାନଙ୍କୁ ପୁଲିସ ରିଜର୍ଭ ପୁଲିସ ଲାଇନଠାରେ ଅଟକ ରଖିଥିଲା।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସରକାର ମହାନଦୀର ସୁରକ୍ଷା ପ୍ରତି ସଚେତନ ଅଛନ୍ତି ନା ନାହିଁ, ଆମେ ବିରାଟ ଜନଆନ୍ଦୋଳନ ଜରିଆରେ ଏହି କଥା କହିଥିଲୁ। ୨୦୦୬ ମସିହାରେ ନେହରୁ ମିନାରରୁ ଗାନ୍ଧୀ ମିନାର ପର୍ଯ୍ୟନ୍ତ ଏକ ମାନବ ଶୃଙ୍ଖଳ ଜରିଆରେ ବାର୍ତ୍ତା ଦିଆଗଲା, ୨୦୦୭ ମସିହାରେ ସତ୍ୟାଗ୍ରହ କରାଗଲା, ସେଥିରେ ୩୦ ହଜାର ଚାଷୀ ଭାଗ ନେଇଥିଲେ। ସେତେବେଳେ ସାରା



ଭାରତରେ ହୀରାକୁଦ ଡ୍ୟାମ ଓ ମହାନଦୀକୁ ନେଇ ଚର୍ଚ୍ଚା ଆରମ୍ଭ ହେଲା। ୨୦୦୮ ମସିହା ଏପ୍ରିଲ ୭ ତାରିଖରେ ମୁଖ୍ୟମନ୍ତ୍ରୀ ଡାକିଥିବା ବୈଠକରେ ତଥ୍ୟ ଦିଆଯାଇଥିଲା ଯେ ଛତିଶଗଡ଼ରେ ଏତେସଂଖ୍ୟକ ଡ୍ୟାମ, ଆନିକଟ, ବ୍ୟାରେଜ ତିଆରି ହେଉଛି; ଓଡ଼ିଶା ସରକାର ସେମାନଙ୍କ ସହ କଥାବାର୍ତ୍ତା କରୁ କିମ୍ବା ବିରୋଧ କରୁ ବୋଲି କହିଥିଲୁ। ଏହାର ୧୯ ବର୍ଷ ପରେ ଟ୍ରିବ୍ୟୁନାଲର ଆବଶ୍ୟକତା କେଉଁଠି ରହିଲା? ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର, ସେମାନେ କ'ଣ ବସି ଏକ ନ୍ୟାୟ କରିପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ବ୍ୟୋମକେଶ ଠାକୁର କହିଛନ୍ତି, ଛତିଶଗଡ଼ରେ ବ୍ୟାରେଜ ତିଆରି ହେଲେ ସବୁଠୁ ବେଶୀ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। କାରଣ ଚାଷୀ ହିଁ ପ୍ରମୁଖ ଯିଏ କି ହୀରାକୁଦ ଡ୍ୟାମ୍ ଓ ମହାନଦୀ ସହିତ ଜଡ଼ିତ। ଗୋଟିଏ ଦଳର ଦୁଇଜଣ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ରହିଛନ୍ତି, ସେମାନେ ଏକାଠି ବସି ଆପୋଷ ସମାଧାନ କରିବା ଉଚିତ। ଯଦି ସେଭଳି ହୋଇ ନ ପାରୁଛି, ତେବେ ଟ୍ରିବ୍ୟୁନାଲ କଥା କେଉଁ ସରକାର ମାନିବେ ବୋଲି କ'ଣ ଆଶା କରାଯାଇପାରିବ? ଏସବୁ ପ୍ରହସନ ଛଡ଼ା ଅନ୍ୟ କିଛି ନୁହେଁ। ଏଣୁ ଚାଷୀ ସଙ୍ଗଠନ ଗସ୍ତକୁ ବିରୋଧ କରିଛି ବୋଲି ଶ୍ରୀ ପ୍ରଧାନ ମତ ରଖିଛନ୍ତି।

## ଗୋବିନ୍ଦ ଦ୍ୱାଦଶୀ

# ମହୋଦଧିରେ ବୁଡ଼ ପକାଇଲେ ସାଧୁସନ୍ଥ, ଶ୍ରଦ୍ଧାଳୁ



ପୁରୀ, ୨୮ ।୨ (ସମିସ): ପବିତ୍ର ଗୋବିନ୍ଦ ଦ୍ୱାଦଶୀରେ ମହୋଦଧିରେ ବୁଡ଼ ପକାଇଛନ୍ତି ଶହଶହ ସାଧୁସନ୍ଥ, ସେବାୟତ ଓ ଶ୍ରଦ୍ଧାଳୁ। ଶନିବାର ପୂର୍ବାହ୍ନରେ ଏକ ଆଧ୍ୟାତ୍ମିକ ପରିବେଶରେ ଉଚ୍ଛୁଳି ପଡ଼ିଥିଲା ମହୋଦଧି ତଟ। ଏହି ଦିନ ସ୍ନାନ କଲେ ବହୁ ପୁଣ୍ୟ ଅର୍ଜନ ସହ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ରହିଛି। ତେଣୁ, ଏହି ଭକ୍ତି ଓ ବିଶ୍ୱାସକୁ ନେଇ ମହୋଦଧି ନାରାୟଣ ଅମାବାସ୍ୟା ଘାଟରେ ସାଧୁସନ୍ଥଙ୍କ ସହ ବହୁ ସ୍ଥାନୀୟ ଭକ୍ତ ଓ ପର୍ଯ୍ୟଟକ ପବିତ୍ର ସ୍ନାନ କରିଥିଲେ।

ଫାଲ୍‌ଗୁନ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ସୂର୍ଯ୍ୟ କୁମ୍ଭରାଶିରେ ଅବସ୍ଥାନ କରିଥିବାରୁ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଯୋଗ ପଡ଼ିଥିଲା। ଏହି ଯୋଗରେ ମହୋଦଧିରେ ବୁଡ଼ ପକାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପୁଣ୍ୟ ଅର୍ଜନ ହୋଇଥାଏ। ଏହି ବୁଡ଼କୁ ସ୍ମରଣୀୟ ରଖିବା ପାଇଁ ସକାଳେ ସିଂହଦ୍ୱାରଠାରୁ ଏକ ବର୍ଣ୍ଣାଢ଼୍ୟ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଥିଲା। ସିଂହଦ୍ୱାରଠାରେ ସନ୍ଥ ଓ ଭକ୍ତମାନେ ଏକାଠି ହୋଇଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ସଂକୀର୍ତ୍ତନିଆ ଭକ୍ତଙ୍କ ମେଳରେ ବିଭିନ୍ନ ମଠ ଓ ଜାଗାଘରର ନିଶାଣ ସହ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଲିସାହି ଦେଇ ସମୁଦ୍ର କୂଳରେ ପହଞ୍ଚିବା ପରେ ନାରାୟଣ ଅମାବାସ୍ୟା ଘାଟରେ ପୂଜାର୍ଚ୍ଚନା କରାଯାଇଥିଲା। ବରୁଣ ତଥା ସମୁଦ୍ରଙ୍କୁ ପୂଜା ସହ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଆଳତି କରାଯିବା ପରେ ସନ୍ଥ ଓ ସେବାୟତମାନେ ଏକାଠି ବୁଡ଼ ପକାଇଥିଲେ।

କୁମ୍ଭ ମେଳା ପରି ଏହି ବୁଡ଼ର ମଧ୍ୟ ବେଶ୍ ମହତ୍ତ୍ୱ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ମହୋଦଧିରେ ହୋଇଥିବାରୁ ଏହି ଗୋବିନ୍ଦ ଦ୍ୱାଦଶୀ ଯୋଗରେ ମହୋଦଧିରେ ସ୍ନାନ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଦିନ ଅମୃତ ବେଳାରେ ସ୍ନାନ କଲେ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି। ତେଣୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସି ମହୋଦଧିରେ ସ୍ନାନ କରିଛନ୍ତି। ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ, ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ, ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ, ଉତ୍ତରପାର୍ଶ୍ୱ ମଠର ନାରାୟଣ ରାମାନୁଜ ଦାସ, ସାବୁତ ନିଯୋଗ ସମ୍ପାଦକ ବିପିନ ପତ୍ରୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଶାଶୂଘରୁ ନବବଧୂକୁ ଉଠାଇନେଲା ପ୍ରେମିକ

ଦେଓଗାଁ,୨୮ ।୨(ସମିସ): ବଲାଙ୍ଗିର ଜିଲ୍ଲାରେ କିଛି ଦିନ ହେଲା ନବବଧୂକୁ ପ୍ରେମିକ ଉଠାଇନେବା ଘଟଣା ଗୋଟିଏ ପରେ ଗୋଟିଏ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଦେଓଗାଁ ଥାନା ମୁରସିଂ ଗାଁରେ ମଧ୍ୟ ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମୁରସିଂର ଜଣେ ଯୁବକ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର ମାତ୍ର ଦୁଇ ଦିନ ପରେ ନବବଧୂକୁ ତାଙ୍କ ପ୍ରେମିକ ଆସି ଘର ବାହାରୁ ବାଇକରେ ବସାଇ ନେଇଯାଇଛନ୍ତି। ବିବାହିତ ଯୁବକଙ୍କ ଲିଖିତ ଅଭିଯୋଗ ପରେ ଦେଓଗାଁ ପୁଲିସ ମାମଲା ରୁଜୁ କରିଥିଲା। କଣ୍ଟାମାଳ ଅଞ୍ଚଳରୁ ଉଭୟ ପ୍ରେମିକ ଓ ନବବଧୂକୁ ଉଦ୍ଧାର କରି ପୁଲିସ ଦେଓଗାଁ ଥାନାକୁ ଆଣିଥିଲା। ଥାନାରେ ନବବଧୂର ପରିବାର, ମୁରସିଂର ବିବାହିତ ଯୁବକଙ୍କ ପରିବାର ଓ ପ୍ରେମିକଙ୍କ ପରିବାରଲୋକଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଛି। ସମସ୍ତଙ୍କ ସହମତିରେ ସଂପୃକ୍ତ ନବବଧୂକୁ ପୁଲିସ ତାଙ୍କ ପ୍ରେମିକ ସହ ଛାଡ଼ିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁରେଶ ଚନ୍ଦ୍ର ବିଶି ସୂଚନା ଦେଇଛନ୍ତି।

## ଚକୋଲେଟ୍‌ରେ ନିଶା ଦେଇ ଛାତ୍ରୀଙ୍କୁ ଅପହରଣ

ଦେଓଗାଁ,୨୮ ।୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା କଲେଜର ଜଣେ ଯୁକ୍ତ ତିନି ଛାତ୍ରୀ ନିଖୋଜର ୪ ମାସ ପରେ ଘରକୁ ଫେରିଛନ୍ତି। ଜଣେ ଯୁବକ ଚକୋଲେଟ୍‌ରେ ନିଶା ଦେଇ ତାଙ୍କୁ ରାଜ୍ୟ ବାହାରକୁ ଅପହରଣ କରିନେଇଥିଲା ଏବଂ

- ତାମିଲନାଡୁରେ ବିକି ଦେଇଥିଲେ ଅଭିଯୁକ୍ତ
- ୪ ମାସ ପରେ ଘରକୁ ଫେରିଲେ ନିର୍ଯାତନାର କାହାଣୀ କହିଲେ
- ଥାନାରେ ମାମଲା

ସେଠାରେ ତାଙ୍କୁ ନିର୍ଯାତନା ଦେଉଥିଲା ବୋଲି ଛାତ୍ରୀଜଣଙ୍କ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ୪ମାସ ତଳେ ସେ କଲେଜରୁ ଘରକୁ ଫେରୁଥିବା ବେଳେ ବାଟରେ ଜଣେ ପଡ଼ୋଶୀ ଯୁବକ ଦେଖା ହୋଇଥିଲେ। ଘରେ ଛାଡ଼ିଦେବେ ବୋଲି କହି ସେ ତାଙ୍କୁ ଏକ ଚକୋଲେଟ୍ ଦେଇଥିଲେ। ଚକୋଲେଟ୍ ଖାଇବା ପରେ ଛାତ୍ରୀଜଣଙ୍କ ଚେତାଶୂନ୍ୟ ହୋଇପଡ଼ିଥିଲେ। ଚେତା ଫେରି ପାଇବା ବେଳକୁ ସେ ଏକ ବସ୍‌ଷ୍ଟାଣ୍ଡଠାରେ ଥିଲେ। ସେଠାରେ କଲେଜ ପୋଷାକରେ ମାକ୍ସ ପିନ୍ଧି ୪ଜଣ ଯୁବକ ତାଙ୍କ ସହ ଥିଲେ। ସେମାନେ ସେଠାରେ ପୁଣି ଛାତ୍ରୀଙ୍କୁ ନିଶାଯୁକ୍ତ ଜୁସ୍ ପିଆଇ ଚେତାଶୂନ୍ୟ କରିଦେଇଥିଲେ। ପରେ ଚେତା ଫେରିବା ବେଳକୁ ସେ ତାମିଲନାଡୁ ପହଞ୍ଚି ଯାଇଥିଲେ। ସେଠାରେ ମଧ୍ୟ ୪ଜଣ ଯୁବକ ତାଙ୍କ ନିକଟରେ ଥିଲେ। ସେମାନେ ୨ଲକ୍ଷ ଟଙ୍କାରେ ତାଙ୍କୁ କିଣିଥିବା କହିଥିଲେ। ପ୍ରାୟ ୪ମାସ ଧରି ସେମାନେ ତାଙ୍କୁ ସେଠାରେ ଗୋଟିଏ ଘରେ ରଖିଥିଲେ। ଥରେ ତାଙ୍କ ମୁଣ୍ଡକୁ ସେମାନେ ଆଘାତ ଦେବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ସେମାନେ ତାଙ୍କୁ ନିକଟସ୍ଥ ଏକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ଜଣେ ନର୍ସଙ୍କ ସହଯୋଗରେ ସେ ପାଖରେ ରହୁଥିବା ତାଙ୍କ ବଡ଼ ଭଉଣୀଙ୍କ ନିକଟକୁ ଯାଇଥିଲେ। ସେଠାରୁ ବଡଭଉଣୀଙ୍କ ସହାୟତାରେ ଘରକୁ ଫେରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ରୀ ଓ ତାଙ୍କ ଘରଲୋକେ ଦାବି କରିଛନ୍ତି। ଥାନାଧିକାରୀ ସବିତା ଠେମରିଆ କହିଛନ୍ତି ଏ ସଂପର୍କରେ ସେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବା ସହ ତଦନ୍ତକୁ ଜୋରଦାର କରିଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଲୋକଲୋଚନକୁ ଅଣାଯିବ। ଦୋଷୀ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ।

# ନବୀନଙ୍କୁ କୃତଜ୍ଞତା ଜଣାଇଲେ ସନ୍ତୃପ୍ତ ଓ ଦଣ୍ଡେଶ୍ୱର

- ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଶାଣିତ ଢଙ୍ଗରେ ସଂସଦରେ ଉପସ୍ଥାପିତ କରିବି: ସନ୍ତୃପ୍ତ
- ସବୁ ରାଜନୈତିକ ଦଳକୁ ସହଯୋଗ ଲାଗି ଅନୁରୋଧ କରୁଛି: ଦଣ୍ଡେଶ୍ୱର

ଭୁବନେଶ୍ୱର,୨୮ ।୨(ସମିସ): ରାଜ୍ୟସଭା ପ୍ରାର୍ଥୀ ରୂପେ ଡ. ସନ୍ତୃପ୍ତ ମିଶ୍ର ଓ ଡା. ଦଣ୍ଡେଶ୍ୱର ହୋତାଙ୍କ ନାମ ଘୋଷଣା ପରେ ଉଭୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଓ ଦଳ ପାଇଁ କିଛି କରିପାରିବି ବୋଲି ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ମୋ ଦଳର ନେତା ନବୀନ ପଟ୍ଟନାୟକ, ସମସ୍ତ ବିଧାୟକ ଓ ନେତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି ଡ. ସଂତୃପ୍ତ ମିଶ୍ର। ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ଦିଲ୍ଲୀ ଦରବାର ଯାଏଁ ବିଜେଡି ରାଜ୍ୟସ୍ୱାର୍ଥ ପାଇଁ ନିଜର ସ୍ୱର ଶାଣିତ ରଖିଆସିଛି। ନିର୍ବାଚନରେ ବିଜୟ ହାସଲ କଲେ ଏହି ସ୍ୱରକୁ ଆହୁରି ତୀବ୍ରତାର ସହ ମୁଁ ଉତ୍ଥାପନ କରିବି ବୋଲି ସେ କହିଛନ୍ତି।

ସେହିପରି ଡା. ଦଣ୍ଡେଶ୍ୱର ହୋତା ମଧ୍ୟ ନିଜ ପ୍ରାର୍ଥିତ୍ୱ ପାଇଁ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟସଭା ପ୍ରାର୍ଥୀ ପରି ଏକ ବଡ଼ ସୁଯୋଗ ପ୍ରଦାନ କରିଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି। ସୁଯୋଗ ମିଳିଲେ ମୋର ସମସ୍ତ ଜ୍ଞାନକୁ ମୁଁ ରାଜ୍ୟର ସ୍ୱାର୍ଥ ପାଇଁ ଉପଯୋଗ କରିବି । ସ୍ୱାସ୍ଥ୍ୟକ୍ଷେତ୍ରରେ କିପରି ଉନ୍ନତିକରଣ ହେବ ଏବଂ ଲୋକେ କିପରି ଉନ୍ନତେ ସେବା ପାଇପାରିବେ, ସେନେଇ ମୁଁ ପ୍ରାଣପ୍ରଣେ ଉଦ୍ୟମ କରିବି ବୋଲି ଉଲ୍ଲେଖ କରି ସବୁ ରାଜନୈତିକ ଦଳର ସମର୍ଥନ ଲୋଡ଼ିଛନ୍ତି ।

### ସଂକ୍ଷେପରେ ଡ. ସଂତୃପ୍ତ ମିଶ୍ର



ଡ. ସଂତୃପ୍ତ ମିଶ୍ର ଭାରତୀୟ କର୍ପୋରେଟ ଜଗତରେ ବେଶ୍ ପରିଚିତ ନାମ। ୨୦୨୪ ମସିହାରେ ସେ ଆଦିତ୍ୟ ବିର୍ଲା ଗ୍ରୁପରୁ ଗ୍ରୁପ ଡାଇରେକ୍ଟର(ହ୍ୟୁମାନ ରିସୋର୍ସେସ) ଏବଂ ବିର୍ଲା କାର୍ବନର ସିଇଓ ପଦରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦାନ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ ହେଁ ବିଜେପିପ୍ରାର୍ଥୀଙ୍କ ନିକଟରୁ ହାରି ଯାଇଥିଲେ। କର୍ପୋରେଟ୍ ଓ ମାନବସମ୍ବଳ କ୍ଷେତ୍ରରେ ତାଙ୍କର ପ୍ରାୟ ୩ ଦଶନ୍ଧିର ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ଆଡିମିନିଷ୍ଟ୍ରେସନରେ ପିଏଚଡି କରିଥିବାବେଳେ ବ୍ରିଟେନର ଅଷ୍ଟନ୍ ବିଜନେସ ସ୍କୁଲରୁ ବି ଇଣ୍ଡଷ୍ଟ୍ରିଆଲ ରିଲେସନ୍ସରେ ପିଏଚ୍‌ଡି କରିଛନ୍ତି। ଏବେ ବିଜୁ ଜନତା ଦଳରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସହ ଦଳର ଜାତୀୟ ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

### ସଂକ୍ଷେପରେ ଡାକ୍ତର ଦଣ୍ଡେଶ୍ୱର ହୋତା



ଡାକ୍ତର ଦଣ୍ଡେଶ୍ୱର ହୋତା ଜଣେ ପ୍ରସିଦ୍ଧ ୟୁରୋଲୋଜିଷ୍ଟ । ଚଣ୍ଡୀଗଡ଼ ପିଜିଆଇଏମଇଆରରୁ ୟୁରୋଲୋଜିରେ ସୁପର ସ୍ପେଶିଆଲିଟି କୋର୍ସ-ଏମସିଏଚ କରିଛନ୍ତି। କିଡନୀ ଓ ମୂତ୍ର ରୋଗ ସର୍ଜନ ଭାବେ ତାଙ୍କର ୪୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ପୂର୍ବରୁ କଟକ ଏସସିବି ମେଡିକାଲ କଲେଜରେ ୟୁରୋଲୋଜି ବିଭାଗ ମୁଖ୍ୟ, ଡିନ୍ ଓ ପ୍ରିନସପାଲ ରହିଛନ୍ତି। ରାଜ୍ୟରେ ୨୦୨୩ରେ ପ୍ରଥମେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୋଲିବାବେଳେ ସେ ଏହାର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ଗୋଟିଏ ଟ୍ରଷ୍ଟ ଗଢ଼ି ଦୁର୍ଗମ ଅଞ୍ଚଳରେ ଶତାଧିକ ଚିକିତ୍ସା ଶିବିର ଆୟୋଜନ କରିଛନ୍ତି। ରାଜ୍ୟରେ କିଡନୀ ଟ୍ରାନ୍ସପ୍ଲାଣ୍ଟ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ପ୍ରତିଷ୍ଠାରେ ତାଙ୍କର ବେଶ୍ ଅବଦାନ ରହିଛି। ସେହିପରି ଜଟିଳ ଅସ୍ତ୍ରୋପଚାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ।

## ନିୟମିତ ହେଲା ସାଲିମାର-ଭଞ୍ଜପୁର, ଭଞ୍ଜପୁର-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍

ବାରିପଦା, ୨୮ ।୨ସମିସ): ମୟୂରଭଞ୍ଜବାସୀଙ୍କ ଦୀର୍ଘ ଦିନର ଦାବି ପରେ ନିୟମିତ ହୋଇଛି ସାଲିମରରୁ ଭଞ୍ଜପୁର ଓ ଭଞ୍ଜପୁରରୁ ପୁରୀ ଦୁଇ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ। ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ମୁତାବକ ସାଲିମାରରୁ ଭଞ୍ଜପୁର ମଧ୍ୟରେ ଯାତାୟାତ କରୁଥିବା ୦୮୦୦୭/୦୮୦୦୮ ସାଲିମାର- ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ୍ ଏଣିକି ୧୮୦୧୫/୧୮୦୧୬ ନମ୍ବରରେ ସାଲିମାରରୁ ଭଞ୍ଜପୁର ଦୈନିକ ଯାତ୍ରା କରିବ। ସେହିପରି ଭଞ୍ଜପୁରରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା



୦୮୦୧୧/୦୮୦୧୨ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଟ୍ରେନ ଭଞ୍ଜପୁର-ପୁରୀ ୧୮୦୧୭/୧୮୦୧୮ ଏକ୍ସପ୍ରେସ ଟ୍ରେନ ଭାବେ ଦୈନିକ ଯାତ୍ରା କରିବ। ଏହି ଟ୍ରେନ୍‌କୁ ନିୟମିତ କରିବାକୁ ବହୁବାର ଦାବି ପରେ ରେଳ ମନ୍ତ୍ରଣାଳୟ ଉପରୋକ୍ତ ନିଷ୍ପତ୍ତି ନେଇଛି।

ଏହି ଦୁଇ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌କୁ ନିୟମିତ କରିବାକୁ ଭୋପାଳଠାରେ ଗତ ଜାନୁଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରେଳୱେ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବରୁ ଏହି ଟ୍ରେନ୍ ସପ୍ତାହକୁ ଦୁଇଥର ସାଲିମାରରୁ-ଭଞ୍ଜପୁର ଓ ଭଞ୍ଜପୁରରୁ ପୁରୀ ଅଭିମୁଖେ ଯାତ୍ରା କରୁଥିଲା। ତେବେ ନିୟମିତ ହେବା ପରେ ଏହି ଦୁଇଟି ଯାକ ଟ୍ରେନ୍‌ର ସମୟସାରଣୀ ପୂର୍ବଭଳି ଅପରିବର୍ତ୍ତିତ ରହିବ। ସ୍ୱତନ୍ତ୍ର ଟ୍ରେନ୍‌ର ଟ୍ୟାଗ୍ ହଟିବା ପରେ ଯାତ୍ରୀଙ୍କୁ ସୁଲଭ ମୂଲ୍ୟରେ ଯାତାୟାତ କରିବାର ସୁଯୋଗ ମିଳିବ। ସ୍ୱତନ୍ତ୍ର ଟ୍ରେନ ପାଇଁ ଟିକଟ ଦରରେ ଅଲଗା ତାରିଫ ଥିବା ବେଳେ ଏବେ ନିୟମିତ ଟ୍ରେନରେ ଅପେକ୍ଷାକୃତ କମ୍ ଦେବାକୁ ପଡ଼ିବ। ଉପରୋକ୍ତ ଦାବି ପୂରଣ ପାଇଁ ଜିଲ୍ଲା ରେଳଯାତ୍ରୀ ଫୋରମ୍ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ୨ ସାଂସଦ, ସମସ୍ତ ଜନପ୍ରତିନିଧି, ଅନୁଷ୍ଠାନ ଓ ସଂଗଠନଙ୍କୁ କୃତଜ୍ଞତା ଜଣାଇଥିବା ନେଇ ଅଭିଜିତ ରାମ ଜଣାଇଛନ୍ତି।

# ରୁଫ୍ ଟପ୍ ସୋଲାର ପ୍ୟାନେଲ ଲଗାଇବାରେ ଓଡ଼ିଶା ପଛରେ

## ସ୍ମାର୍ଟ ମିଟର ପାଇଁ ଛାଡ଼, ସୋଲାର ମିଟର ପାଇଁ ପାଉଣା

ଭୁବନେଶ୍ୱର,୨୮ ।୨(ସମିସ): ଦେଶବ୍ୟାପୀ ଅକ୍ଷୟ ଶକ୍ତି ଉତ୍ପାଦନ ସହ ଏହାର ଅଧିକରୁ ଅଧିକ ବ୍ୟବହାର ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରି ଆସୁଛନ୍ତି। ଏଥିପାଇଁ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ପ୍ରଣୟନ କରାଯାଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର ସବସିଡି ଅର୍ଥ ପ୍ରଦାନ କରୁଥିବା ବେଳେ ଓଡ଼ିଶା ଏକ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ଗରିବ ଲୋକଙ୍କ ପାଇଁ ୟୁଟିଲିଟି-ଲେଡ୍ ଆଗ୍ରିଗେସନ (ୟୁଏଲଏ) ମଡେଲ ଯୋଜନା ପ୍ରଣୟନ କରିଛି। ଏହି ଯୋଜନା ଅଧିନରେ ୧ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ସିଷ୍ଟମ ପାଇଁ ଉପଭୋକ୍ତାଙ୍କୁ କେବଳ ୫୬୨୨ ଟଙ୍କା ଦେବାକୁ ପଡ଼ିବ। ତେବେ ଏହି ମଡେଲ ଅଧିନରେ ମୋଟ ଖର୍ଚ୍ଚ ଅର୍ଥାତ୍ ୫୬୨୨ ଟଙ୍କା ମଧ୍ୟରୁ କେବଳ ସୋଲାର ଜେନେରସନ ମିଟର ବାବାଦରେ ୩୭୪୭ ଟଙ୍କା ଉପଭୋକ୍ତାଙ୍କ ନିକଟରୁ ଆଦାୟ କରାଯାଉଛି। ଯାହାକୁ ନେଇ ଶକ୍ତି ସମୀକ୍ଷକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନିକଟରେ ରାଜ୍ୟ ସରକାର ୨ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ମିଟର ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଛାଡ଼ କରିଛନ୍ତି। ସମାନ ଭାବରେ ଯଦି ୟୁଏଲଏ ମଡେଲ ଅଧିନରେ ସୋଲାର

### ୟୁଏଲଏ ମଡେଲରେ ଛାଡ଼ ହେଉ ସୋଲାର ମିଟର ଅର୍ଥ ରାଶି

### ମିଟର ଅର୍ଥ ଛାଡ଼ ହେଲେ ଆହୁରି ଆଦୃତ ହୁଅନ୍ତେ ନିମ୍ନ ମଧ୍ୟବିତ୍ତ



ଜେନେରେସନ ମିଟର ଅର୍ଥ ଛାଡ଼ କରାଯାଆନ୍ତା, ତାହେଲେ ଏହି ଯୋଜନା ଉପଭୋକ୍ତାଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।

ଯେଉଁ ଉପଭୋକ୍ତା ମାସିକ ୧୦୦ ୟୁନିଟ ବିଜୁଳି ବ୍ୟବହାର କରୁଥିବ, ସେମାନେ ଏହି ୟୁଏଲଏ ମଡେଲ ପାଇଁ ଯୋଗ୍ୟ ବିବେଚିତ ହେବେ। ସାଧାରଣତଃ ଗରିବ ତଥା ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଥିବା ବେଳେ ଏହାକୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି। ଏହି ଯୋଜନା ଅଧିନରେ ୧ କିଲୋୱାଟ ପାଇଁ କେନ୍ଦ୍ର ସରକାର ୩୦ ହଜାର ଏବଂ ରାଜ୍ୟ ସରକାର ୨୫ ହଜାର ଟଙ୍କା ସବସିଡି ପ୍ରଦାନ କରୁଛନ୍ତି। ବଳକା ୫୬୨୨ ଟଙ୍କା ମଧ୍ୟରେ ସୋଲାର ପ୍ୟାନେଲ, କେବୁଲ ଏବଂ ନେଟ ମିଟର ବାବଦରେ ଗ୍ରାହକଙ୍କୁ ୧୮୭୫ ଟଙ୍କା ଦେବାକୁ ପଡୁଛି। ବଳକା ୩୭୪୭ ଟଙ୍କା ଗ୍ରାହକଟିଏ ସୋଲାର ଜେନେରେସନ ମିଟର ବାବଦରେ ଖର୍ଚ୍ଚ କରୁଛି।

ନିକଟରେ ରାଜ୍ୟ ସରକାର ରାଜ୍ୟରେ ୨ କିଲୋୱାଟ ବିଜୁଳି ଉପଯୋଗ କରୁଥିବା ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ମିଟର ଦେୟ ସମ୍ପୂର୍ଣ୍ଣ ଭାବରେ ଛାଡ଼ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୭୩୫ କୋଟି ଟଙ୍କା ଖର୍ଚ୍ଚ କରିବେ। ତେବେ ସମାନ ଭାବରେ ଯଦି ସରକାର ସୋଲାର ଜେନେରେସନ ମିଟର ଅର୍ଥରାଶି ଛାଡ଼ କରନ୍ତେ, ତାହେଲେ ୟୁଏଲଏ ମଡେଲ ଆହୁରି ଆଦୃତ ହୋଇପାରନ୍ତା ବୋଲି ଶକ୍ତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ପିଏମ-ସୂର୍ଯ୍ୟଘର ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଗତ ଜାନୁଆରୀ ୨୮ ତାରିଖ ସୁଦ୍ଧା ରାଜ୍ୟରେ ମାତ୍ର ୩୨୯୮୦ ପ୍ୟାନେଲ ଲାଗି ପାରିଛି।

## କଳା ନିକେତନର ରଙ୍ଗୋଲି କାର୍ଯ୍ୟକ୍ରମ



ଆନନ୍ଦପୁର, ୨୮।୨ (ସମିସ): ଶାଳପଡ଼ା ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ଶ୍ରୀ ଶ୍ରୀ ୟୁନିଭରସିଟି ପ୍ରାଙ୍ଗଣରେ "ରଙ୍ଗ ରଙ୍ଗୋଲି' କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଶଂସିତ ହୋଇଛନ୍ତି। ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟ ଶିଳ୍ପୀ ମୋନିକା ଦାଶ, ଲିଜାରାଣୀ ସାହୁ, ପୂଜାରାଣୀ ସାହୁ, ପ୍ରତୀକ୍ଷା ଦାଶ, ଖୁସି ନାୟକ, ଆରାଧ୍ୟା ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ବିନୋଦ ଓଝା ପ୍ରମୁଖ "ବିମାନେ ଦୋଳ ଗୋବିନ୍ଦ', "ଏ ବରଷ ହୋଲି ଟିକେ ଅଲଗା', "ରଙ୍ଗ ବୋଲି ଦେବା' ଗୀତରେ ଦୁଲୁକାଇ ଦେଇଥିଲେ ବିଭିନ୍ନ ରାଜନୈତିକ ବ୍ୟକ୍ତିମାନେ ଯୋଗ ଦେବା ସହିତ କଣ୍ଠ ଶିଳ୍ପୀ ତାରିଫ ଆଜିଜ, ସୋହିନୀ ମିଶ୍ର, ଅଭିନେତ୍ରୀ ବିଦୁସ୍ମିତା, ଅଭିନେତ୍ରୀ ମିଲି ମହାନ୍ତି ନୃତ୍ୟ ଶିଳ୍ପୀଙ୍କ ସହିତ ରଙ୍ଗରେ ମସଗୁଲ ହୋଲି ଧୁମ ନାଚିଥିଲେ।

## ଶତାୟୁ ମହିଳାଙ୍କ ପରଲୋକ



ଆନନ୍ଦପୁର, ୨୮।୨ (ସମିସ): ବଳରାମପୁର ପଞ୍ଚାୟତ କାଇନିପୁରା ଗ୍ରାମର ଧର୍ମପରାୟଣା ଶତାୟୁ ମହିଳା ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ରଙ୍ଗବତୀ ସାହୁଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଛି। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ ପରିବାର ଓ ଗ୍ରାମବାସୀଙ୍କ ଗହଣରେ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଗଗନ ବିହାରୀ ସାହୁ ମୁଖାଗ୍ନି ଦେଇଥିଲେ। ପୁତୁରା ଅଭିମନ୍ୟୁ, ପବିତ୍ର, ଜନାର୍ଦ୍ଦନ ଓ ଝିଅ ଦୁର୍ଗା, ସତ୍ୟଭାମା, କୁନି, ମାଳ, ପଦ୍ମାବତୀ, ବାସନ୍ତୀ ଓ ସେବତୀ ଏବଂ ବୋହୂ ନନ୍ଦିନୀ, ସେବତୀ, ଅମରାବତୀ, ସୁରମା ଓ ଜ୍ୱାଇଁମାନେ ଉପସ୍ଥିତ ଥିଲେ।

## ମୁଖ୍ୟ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଷ୍ଟାଫ କମନ ରୁମ୍‌ରେ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ଲକ୍ଷ୍ମୀଧର ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଷ୍ଟାଫ୍ ଆସୋସିଏସନ୍ ସଭାପତି ଡ ନିମାଇଁ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ଭାରତୀ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ମିଶ୍ର ଅତିଥି ଯୋଗ ଦେଇଥିଲେ। କବିତା ପାଠ, ଭଜନ ଓ ଅଭିଭାଷଣରେ ସଭାସ୍ଥଳୀ ଭାବ ଗମ୍ଭୀର ହୋଇଥିଲା। ରଘୁଦୀପ୍ତି ନାୟକ ମାନପତ୍ର ପଠନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ପୂର୍ତ୍ତି, ଦୁର୍ଗାଶଙ୍କର ପରିଡା, ପ୍ରିୟସାରଥୀ ମହାପାତ୍ର, ପତିତପାବନ ମିଶ୍ର, ଡ ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ପୁଷ୍ପଲତା ରାମ, ଗୌରୀଶଙ୍କର ପଣ୍ଡା, ସୁଲୋଚନା ସାହୁ, ଡ ନିମାଇଁ ଚରଣ ରାଉତ, କାହ୍ନୁଚରଣ ଜେନା ଶ୍ରୀ ପାତ୍ରଙ୍କ ଗୁଣାବଳୀ ବର୍ଣ୍ଣନ କରିଥିଲେ।



## ମଦ ଜବତ; ଜଣେ ଗିରଫ

ତୁରୁମୁଙ୍ଗା, ୨୮।୨(ସମିସ): ପାଟଣା ପୁଲିସ ବେଆଇନ ବିଦେଶୀ ମଦ କାରବାର କରୁଥିବା ସମୟରେ ତେଣ୍ଡରା ଗ୍ରାମରେ ଚଢ଼ଉ କରି ୧୩ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ତେଣ୍ଡରା ଗ୍ରାମରେ ଗୌରହରି ମହାନ୍ତ। ସେ ଏକ ଯୋତ ଦୋକାନ କରି ବେଆଇନ ଭାବରେ ବିଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ଦଳରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏନେଇ ପାଟଣା ଥାନାରେ ୭ ୯/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଦୁଇ ହାଇୱା ମୁହାଁମୁହିଁ; ଜଣେ ମୃତ, ୧ ଗୁରୁତର

ଯୋଡ଼ା, ୨୮।୨(ସମିସ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ବୈତରଣୀ ପୋଲ ନିକଟରେ ଦୁଇଟି ହାଇୱା ଟ୍ରକ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ଜଣେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି। ବାମେବାରୀ ପଟୁ ଲୁହାପଥର ନେଇ ଏକ ହାଇୱା ଟ୍ରକ (ଓଡି୦୯ ଏଏ ୭୫୨୬) ପଳାସପଙ୍ଗା ପଟୁ ବାମେବାରୀ ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଅନ୍ୟ ଏକ ହାଇୱା ଟ୍ରକ (ଓଡି୦୯ ୪୮୫୩) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ବାମେବାରୀ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗୁରୁତରଆହତଙ୍କୁ ଡାକ୍ତରଖାନା ପଠାଇଥିଲେ। ଉଭୟ ଗାଡ଼ିର ସାମନା ଭାଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର ହୋଇଯାଇଛି। ଦ୍ରୁତ ଗତି ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।





## ଘସିପୁରା ଆମ ପୁଲିସ ବୈଠକ

ଆନନ୍ଦପୁର, ୨୮।୨ (ସମିସ): ଘଷିପୁରା ଥାନାଧିକାରୀ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ସମିତିର ଏକ ବୈଠକରେ ସାଇବର କ୍ରାଇମ ସମ୍ପର୍କରେ ଆଲୋଚନା କରିବା ସହ ବରିଷ୍ଠ ଲୋକଙ୍କ ସୁରକ୍ଷା, ନିଶା କାରବାର, ଦୁର୍ଘଟଣା, ଯୁବକଙ୍କ ବେପରୁଆ ଚାଳନା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଆନନ୍ଦପୁର ଏସଡିପିଓ କମଳ ପଣ୍ଡାଙ୍କୁ ସଦସ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ଘଷିପୁରା ଥାନା ଅନ୍ତର୍ଗତ ପଞ୍ଚାୟତଗୁଡିକରେ ବୈଠକ କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ।

### ସରକାରୀ ଯୋଜନା ମାଳ ମାଳ

# ପାଇଖାନାରେ ବିତୁଛି ମହିଳାଙ୍କ ଜୀବନ

ତୁରୁମୁଙ୍ଗା/ଚମ୍ପୁଆ, ୨୮।୨(ସମିସ):



ଆଜିବି ଗରିବ ଅସହାୟଙ୍କ ପାଖରେ ପହଞ୍ଚି ପାରିନି ସରକାରୀ ଯୋଜନା। ଦୀର୍ଘ ୧୦ ବର୍ଷ ଧରି ଅସହାୟ ଜୀବନ ବିତାଉଥିବା ଜଣେ ମହିଳା ପାଇଖାନା ଘରେ ଦିନ କାଟୁଛନ୍ତି। ଏଭଳି ଜଣେ ଗରିବ ଅସହାୟ ବିଧବା ମହିଳା ହେଉଛନ୍ତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ପଞ୍ଚାୟତ ଅନ୍ତର୍ଗତ ଜ୍ୟୋତିପୁର ଗ୍ରାମର ପତି ବେହେରା (୫୧)। ଗାଁର ଏକ ନମ୍ବର ୱାର୍ଡରେ ଦେଖିବା କୁ ମିଳିଛି ଏଭଳି ବିକଳ ଚିତ୍ର। ବାରମ୍ବାର ପ୍ରଶାସନ ନିକଟରେ ଜଣାଇଥିଲେ ମଧ୍ୟ ଘର ଖଣ୍ଡେ ପାଇଁ କେହି ତାଙ୍କ ଦୁଃଖ ନଶୁଣିବାରୁ ଶେଷରେ ଭାଗ୍ୟକୁ ଆଦରି ପାଇଖାନା ଘରେ ପଡି ରହିଛନ୍ତି। ଜ୍ୟୋତିପୁର ଗ୍ରାମର ସ୍ୱର୍ଗତ ସନ୍ତୋଷ ବେହେରାଙ୍କ ସ୍ତ୍ରୀ ହେଉଛନ୍ତି ପତି। ମୂଲମଜୁରୀ କରି କୌଣସି ମତେ ଚଳି ଯାଉଥିଲେ, ହେଲେ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ସେ ଏକୁଟିଆ ହୋଇ ଦୁର୍ବିସହ ଜୀବନଯାପନ କରୁଛନ୍ତି। ପୂର୍ବରୁ ଥିବା ଝାଟିମାଟି ଘରଟି ଭାଙ୍ଗି ଯାଇଥିବାରୁ ପୁନର୍ବାର ସଜାଡ଼ି ନ ପାରିବାକୁ ଭାଙ୍ଗି ପଡ଼ିଥିଲା। ସରକାରୀ ଯୋଜନାରେ ହୋଇଥିବା ପାଇଖାନା ଗୃହ ହିଁ ଶେଷରେ ଭରସା ହୋଇଥିଲା। ଦୀର୍ଘ ୧୦ ବର୍ଷ ବର୍ଷ ପତି ପାଇଖାନା ଗୃହରେ ମୁଣ୍ଡ ଗୁଞ୍ଜି ରହିଆସୁଥିଲେ ମଧ୍ୟ ତାଙ୍କ ପ୍ରତି ଚମ୍ପୁଆ ପ୍ରଶାସନର କୌଣସି ଅଧିକାରୀଙ୍କ ଦୃଷ୍ଟି ପଡ଼ି ପାରିନାହିଁ। ଏପରିକି ବିଧବା ଭତ୍ତା, ସୁଭଦ୍ରା ଯୋଜନା ସହ ସରକାରଙ୍କ ଯୋଜନା ତାଙ୍କ ପାଇଁ ସାତ ସପନ ପାଲିଟିଛି। ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତ କଥା ବୁଝି ଆଗାମୀ ଦିନରେ ସରକାରୀ ସୁବିଧା ଯେପରି ତାଙ୍କ ପାଖରେ ପହଞ୍ଚିବ ତାର ବ୍ୟବସ୍ଥା କରିବା ସହ ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ତାଙ୍କୁ ଘର ଯୋଗାଇବା ସହ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରାମର କୁନା ବେହେରା ଦାବି କରିଛନ୍ତି।

## ଆରଡିଡିଓରେ ଯୁବ ମହୋତ୍ସବ

ତେଲକୋଇ, ୨୮।୨(ସମିସ): ଆରଡିଡିଓ ବନବିହାରୀପୁର, ତେଲକୋଇସ୍ଥିତ କାର୍ଯ୍ୟାଳୟଠାରେ ଆଜି ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୁବକଙ୍କ ଭୂମିକା ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ବ୍ଲକ୍ ସାଂସଦ ପ୍ରତିନିଧି ହରିହର ପ୍ରଧାନ, ସମାଜସେବୀ ମାନସ ନାଏକ ଓ ଆଇଆଇସି ଅଞ୍ଜନ ପାତ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଗୋବର୍ଦ୍ଧନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମନୋଜ ପରିଡ଼ା ଅନୁଷ୍ଠାନର ସଫଳତା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ତେଲକୋଇ, ବାଂଶପାଳ, ହରିଚନ୍ଦନପୁରର ୨୦୦ରୁ ଅଧିକ ଯୁବକ, ଯୁବତୀ, କିଶୋର, କିଶୋରୀ,



ପୁରୁଷ, ମହିଳା ଓ ସ୍ଥାନୀୟ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମାଜ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସମାଜସେବୀ ମହିଳା, କିଶୋରୀ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ଶିଶୁ ଯତ୍ନ ଗୃହର ଅନ୍ତେବାସୀଙ୍କୁ ବାର୍ଷିକ କ୍ରୀଡ଼ା ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃଷ୍ଣଚନ୍ଦ୍ର ବାରିକ ଓ ପ୍ରଣୟ ବିଶ୍ୱାଳ ପରିଚାଳନା କରିଥିଲେ। ସମସ୍ତ କର୍ମୀ ସହଯୋଗ କରିଥିଲେ। କେଶରୀ ଜେନା ଧନ୍ୟବାଦ ଦେଇଥିଲେ।

## ପରମାନନ୍ଦ ଗ୍ରୁପ୍‌କୁ ନର୍ସିଂ ଶିକ୍ଷା ପାଇଁ ସରକାରୀ ଅନୁମତି

ଆନନ୍ଦପୁର, ୨୮।୨ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଅଗ୍ରଣୀ ଅନୁଷ୍ଠାନ ପରମାନନ୍ଦ ଗ୍ରୁପକୁ ନର୍ସିଂ ଶିକ୍ଷା ପାଇଁ ସରକାରୀ ଅନୁମତି ମିଳିଛି। ଏନେଇ ଶିକ୍ଷପ୍ରେମୀ ଓ ବିଦ୍ୟାର୍ଥୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଯୁକ୍ତ ଦୁଇ (+୨) ଓ ଯୁକ୍ତ ତିନି (+୩) ବିଜ୍ଞାନ ଶିକ୍ଷାରେ ସଫଳତା ଅର୍ଜନ ପରେ ଏବେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଏହି ଅନୁଷ୍ଠାନ ପଦକ୍ଷେପ ନେଉଛି। ୨୦୨୫-୨୬ ଶିକ୍ଷାବର୍ଷରୁ ବିଏସସି ନର୍ସିଂ ଶିକ୍ଷାଦାନ ପାଇଁ ସରକାର ଅନୁମତି ଦେଇଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନ୍‌ଏମ୍ ନର୍ସିଂ ପାଇଁ ୬୦ ଜଣ ବିଦ୍ୟାର୍ଥୀ ପଢ଼ିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ପକ୍ଷରୁ ଏହି ଶିକ୍ଷାନୁଷ୍ଠାନର ନାମ ହରିହର ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ରଖାଯାଇଛି। ଅତ୍ୟାଧୁନିକ ଭିତ୍ତିଭୂମିରେ ଶିକ୍ଷାଦାନ ବ୍ୟବସ୍ଥା ସହ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ଏହି ଅନୁଷ୍ଠାନ ପରିଚାଳିତ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ିବାକୁ ଆଗ୍ରହ ପ୍ରକାଶ ପାଇଛି। ବି.ଫାର୍ମ ଏବଂ ଡି.ଫାର୍ମ ଖୋଲିବା ପାଇଁ ଆବେଦନ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଆଗକୁ ୧୦୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହସ୍ପିଟାଲ ଖୋଲିବାକୁ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ପଦକ୍ଷେପ ନେଉଥିବା ଅନୁଷ୍ଠାନର ଡାଇରେକ୍ଟର ବିନୋଦ କୁମାର ସାହୁ ସୂଚନା ଦେଇଛନ୍ତି।



## ଜେଜେସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କବିତ୍ରା ଚାମ୍ପିଅନ



କେନ୍ଦୁଝର,୨୮।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ମିନିଷ୍ଟାଡିୟମ୍‌ଠାରେ ଚାରିଦିନ ଧରି ଚାଲିଥିବା ଜେଜେସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ଟି ଦଳ ମଧ୍ୟରୁ କଣ୍ଡରାପଶିକୁ ୭ ୱିକେଟରେ ହରାଇ କବିତ୍ରା କରିଷ୍ମା ଏକାଦଶ ଚାମ୍ପିଅନ ହୋଇଛି। ଅମ୍ପାୟାର କାଟୁନ୍ ମାଝୀ ଓ ସୁଧୀର ହାଂସଦା ଖେଳ ପରିଚାଳନା କରିଥିଲେ। ବିକ୍ରମ ମାଝୀ ଏବଂ ମୋହନ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ଦେବାଶିଷ ହାଂସଦା ଓ ହଟନ ମାଝୀ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ମୁଖ୍ୟବକ୍ତା ପରମେଶ୍ୱର ମାଝୀ, ସମ୍ମାନିତ ଅତିଥି ଶ୍ରୀକର ମାଝୀ, ସାମାଜସେବୀ ଅଭିରାମ ମାଝୀ, ଶୁକଦେବ ନାଏକ ଯୋଗ ଦେଇଥିଲେ। ବାଦଲ ମାଝୀ, ସୌମ୍ୟରଞ୍ଜନ ହାଂସଦା, ଘାସିରାମ ମାଝୀ, ଦେବାଶିଷ ହାଂସଦା ସହଯୋଗ କରିଥିଲେ।

## କଳିଙ୍ଗ ସମର୍ପଣ ଫାଉଣ୍ଡେସନ୍‌ର ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଯୋଡ଼ା, ୨୮।୨(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୬ରେ କଳିଙ୍ଗ ସମର୍ପଣ ଫାଉଣ୍ଡେସନ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଡାର ଅତିରିକ୍ତ ଭାରପ୍ରାପ୍ତ ଥାନାଧିକାରୀ ସୁଶାନ୍ତ ପ୍ରଧାନ ଯୋଗଦେଇଥିଲେ। ଏସଆଇ ଅଜୟ ପ୍ରତାପ ମୁଣ୍ଡୁ, ବିଜେପି ଜିଲ୍ଲା ଇକୋନୋମିକ୍ ସେଲ୍ କୋର୍ଡିନେଟର ରଶ୍ମିରଞ୍ଜନ ମହାକୁଡ଼, ୬ ନମ୍ବର ୱାର୍ଡ କାଉନ୍‌ସିଲର ଗଣେଶ ମୋଦି, ଯୋଡା ସାଂସଦ ପ୍ରତିନିଧି ବିଚିତ୍ରାନନ୍ଦ ଦାସ, ସମାଜସେବୀ ରଜନୀ ରାଓ ଓ ଯୁବନେତା ତାରିଣୀ ପ୍ରଧାନ ଉପସ୍ଥିତ ଥିଲେ। ଡାକ୍ତର ଇପ୍ସିତା ମହାନ୍ତ, ଫାର୍ମାସିଷ୍ଟ ଶୁଭଶ୍ରୀ ଆଚାର୍ଯ୍ୟ, ଲ୍ୟାବ୍ ଟେକ୍ନିସିଆନ୍ ଯଶୋମତୀ ମହାନ୍ତ, ଏଏନଏମ୍ ନମିତା ମହାନ୍ତ ଓ ମୋବିଲାଇଜର ଚମ୍ପାବତୀ ବାଘୁଆ ମୁଖ୍ୟ ଭୂମିକା ନିଭାଇଥିଲେ। ଆନନ୍ଦ ବାରିକ, ଫାଉଣ୍ଡେସନର ଡାଇରେକ୍ଟର, ସମଗ୍ର କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ। ପ୍ରତ୍ୟେକ ୱାର୍ଡରେ ଏଭଳି ସେବାମୂଳକ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରଖାଯିବ ବୋଲି ଘୋଷଣା କରିଥିଲେ। ଶିବିରରେ ଶତାଧିକ ଲୋକ ସ୍ୱାସ୍ଥ୍ୟସେବାର ଲାଭ ଉଠାଇଥଲେ।

## ଶିଶୁମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ବେହେରା, ଉପସଭାପତି ଜଗନ୍ନାଥ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଗୁରୁମା ସ୍ମୃତିରେଖା ଚାନ୍ଦ ପିଲାଙ୍କ ମାର୍ଗଦର୍ଶନ କରିଥିବା ବେଳେ ଶିଶୁମାନେ ବକ୍ତୃତା ଓ ବିଜ୍ଞାନ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଭାଗ ନେବା ସହ କେତେକ ପ୍ରକଳ୍ପ ଓ ପ୍ରୟୋଗ ଦେଖାଇଥିଲେ। ଗୁରୁଜୀ ବିଶ୍ୱଜିତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ଯୁଧିଷ୍ଠିର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।



## ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ତୁରୁମୁଙ୍ଗା, ୨୮।୨(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ତ୍ରୈଲୋକ୍ୟ ପରିଡ଼ା ଶନିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏକ ବିଦାୟ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ସଭାପତି ତଥା କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଶିଳ୍ପପତି ପ୍ରତାପଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସଭାପତି ନୂତନ ଅଧ୍ୟକ୍ଷ ଭାବରେ ଅଜୟ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଓଡ଼ିଆ ଅଧ୍ୟାପକ ପଦ୍ମଲୋଚନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଅଜୟ ବେହେରା, ତ୍ରିନାଥ ମହାନ୍ତ, ଜଗତଜନନୀ ଜେନା, ତପସ୍ୱିନୀ ସାହୁ, ଲିନା ନାୟକ, ଜୟସ୍ମିତା ଜେନା, ଦେବକୀ ନନ୍ଦନ ସାହୁ, ରୋଜାଲିନ ରଣା, ରଣଜିତ ବେହେରା, ଅଭିନାଶ ମହାନ୍ତ, ରୋଜି ମହାନ୍ତ, ବିରଞ୍ଚି ନାଏକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପଦ୍ମପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,୨୮ ।୨(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନାର ସଭାପତି ବିଚିତ୍ରାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ହାଡିବନ୍ଧୁ ଦେହୁରୀ, ମୁଖ୍ୟବକ୍ତା ସିଆରସିସି ଜନ୍ମେଜୟ ସାହୁ, ସମ୍ମାନିତ ଅତିଥି ଶିକ୍ଷକ ସଂଘର ଜିଲ୍ଲା ସଂଯୋଜକ ରବିନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଶମ୍ଭୁନାଥ ଦେହୁରୀ ସଭା ପରିଚଳନା କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା ବେଳେ କୌତୁକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ଉତ୍ସବରେ ୧୨୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ହେମନ୍ତ ପାତ୍ର, ସହକାରୀ ଶିକ୍ଷକ ସୁଚିସ୍ମିତା ବରାଳ, ଆସ୍ୱାୟାର ଶିକ୍ଷୟିତ୍ରୀ ରେଖାରାଣୀ ସେଠୀ, ଉଡାଲ ଶିକ୍ଷକ ଅମିତ ଦେହୁରୀ, ବିଦ୍ୟାଳୟ ପରିଚାଳନାର ଆଶୁତୋଷ ଦେହୁରୀ, ମ୍ୟୁଜିସିଆନ ଜିତେନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ତେଲକୋଇ ଠିକାଦାର ସଂଘର ନିଷ୍ପତ୍ତି

# ବାହାର ଠିକାଦାରଙ୍କୁ ବିରୋଧ କରାଯିବ

ତେଲକୋଇ, ୨୮।୨(ସମିସ):



ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ବେଣାହାଟ ପଡ଼ିଆଠାରେ ତେଲକୋଇ ବ୍ଲକ ଠିକାଦାର ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରାଯାଇଛି। ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସମ୍ପାଦକ ଦୟାନିଧି ନାୟକ ଅଧ୍ୟକ୍ଷତା କରିଥିଲେ। କେନ୍ଦୁଝର ଠିକାଦାର ସଂଘର ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ସମ୍ପାଦକ ଅନୁପ ମହାନ୍ତି, ତେଲକୋଇ ଠିକାଦାର ସଂଘ ସଭାପତି କେଶରୀଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଠିକାଦାର ଶୋଷଣ ପ୍ରତିବାଦରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଛି। ଗତ ୨୦ ତାରିଖରୁ ଠିକାଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବାହାର ଜିଲ୍ଲାର ଠିକାଦାରଙ୍କୁ କେନ୍ଦୁଝର ଜିଲ୍ଲା ଅଞ୍ଚଳକୁ ମନା ବୋଲି ମତ ପ୍ରକାଶ ପାଇଥିଲା। ଏହାସହ ସମସ୍ତ ବିଭାଗ ର ଡିଭିଜନ ସ୍ତରରେ ହେଉଥିବା ଟେଣ୍ଡର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଠିକାଦାର ମାନେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ବୋଲି ମତ ପ୍ରକାଶ ପାଇଥିଲା। ଜିଲ୍ଲା ଭିତରେ ଥିବା ଅନ୍ୟ ଅଞ୍ଚଳର ଠିକାଦାରଙ୍କୁ ତେଲକୋଇ ବ୍ଲକ ଅଞ୍ଚଳକୁ ମନା ଏବଂ ତେଲକୋଇ ବ୍ଲକ ଅଞ୍ଚଳର ଠିକାଦାର ଜିଲ୍ଲାର ଅନ୍ୟ ଡିଭିଜନରେ ଯାଇ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପାରିବେନି ବୋଲି ମତ ପ୍ରକାଶ ପାଇଥିଲା। ଏକ କୋଟିରୁ କମ ମୂଲ୍ୟର ତଳକୁ ଥିବା କାର୍ଯ୍ୟଗୁଡିକରେ ଏହି ନିୟମ ଲାଗୁ ବୋଲି କୁହାଯାଇଥିଲା। ପ୍ରତ୍ୟେକ କ୍ଷେତ୍ରରେ ଜିଲ୍ଲା ସଂଘ କର୍ମକର୍ତ୍ତା ସମସ୍ତ ସଦସ୍ୟଙ୍କୁ ସାହାଯ୍ୟ କରିବ ବୋଲି ଜିଲ୍ଲା ସମ୍ପାଦକ କହିଥିଲେ। ତେଲକୋଇ ଅଞ୍ଚଳର ବରିଷ୍ଠ ଠିକାଦାର ଡିଲେଶ୍ୱର ପ୍ରଧାନ, ମାଗୁଣି ସାହୁ, ଦ୍ୱିତିକୃଷ୍ଣ ସାହୁ, ସଚ୍ଚିଦାନନ୍ଦ ଖିଲାର, ସୁମିତ ନନ୍ଦନ ମହାନ୍ତି, ସ୍ମୃତିରଞ୍ଜନ ମିଶ୍ର, ଲଲାଟେନ୍ଦୁ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ବିନୟ ସାହୁ, ଦିଲ୍ଲୀପ ବେହେରା, ବେଣୁଧର ସାମଲ, ଟଙ୍କଧର ପାତ୍ର, ହିମାଂଶୁ ଶେଖର ପ୍ରଧାନ, ନିରଞ୍ଜନ ପ୍ରଧାନ, ଆଶିଷ ଥମ୍ବଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ଟୋଲଙ୍କପଡ଼ା ଗାଁ ମୁରବୀଙ୍କ ପରଲୋକ



ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ବ୍ଲକ ଟୋଲଙ୍କପଡା ଗ୍ରାମର ସମାଜସେବୀ ତଥା ଗାଁ ମୁରବୀ ବ୍ୟକ୍ତି ଭାଗବତ ବାରିକ (୭୮)ଙ୍କ ପରଲୋକ ହୋଇଯାଇଛି। ଏନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତି ତାଙ୍କ ଦେହାନ୍ତ ହୋଇଛି। ସ୍ୱର୍ଗତ ଭାଗବତ ବାରିକ ପଞ୍ଚାୟତର ବିଭିନ୍ନ ସାମାଜିକ ସଂଗଠନରେ ଜଡ଼ିତ ରହି ମଠ, ମନ୍ଦିର ନିର୍ମାଣ କ୍ଷେତ୍ର ସହିତ ଟୋଲଙ୍କପଡା ହାଇସ୍କୁଲର ଅନନ୍ୟ ପ୍ରତିଷ୍ଠାତା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସ୍ଥିତ କୁସେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

## ବାଲି ମାଫିଆଙ୍କୁ ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା

# ସେଖସରାଇର ପାରିପାର୍ଶ୍ୱିକ ସୁରକ୍ଷାକୁ ଦେଉଛନ୍ତି ଜଳାଞ୍ଜଳି

ବାଲେଶ୍ୱର,୨୮।୨ (ଅସୀମ ମହାପାତ୍ର)



ବାଲେଶ୍ୱର ଜିଲ୍ଲାଯାକ ଅବାଧ ଖଣିଜ ଲୁଟ ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ଏହାକୁ ରୋକିବାରେ ବିଫଳ ହେଉଛି। ଜିଲ୍ଲାରେ ଆଇନର ଶାସନ ଚାଲିବା ପରିବର୍ତ୍ତେ ବାଲି, ପଥର ମାଫିଆଙ୍କ ମେରିରାୟ ନୀତି ଚାଲିଛି। ଜଳେଶ୍ୱର ତହସିଲ ଅଧୀନ ସେଖସରାଇ (କ) ବାଲି ଉତ୍ସ ପାଇଁ ଆୟୋଜିତ ତଥାକଥିତ 'ପରିବେଶ ଜନଶୁଣାଣି'କୁ ନେଇ ଗତକାଲି ଯେଉଁ ଦୃଶ୍ୟ ଦେଖିବାକୁ ମିଳିଲା, ତାହା ପ୍ରଶାସନର ମୁଖା ଖୋଲି ଦେଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନର ମଧୁଚନ୍ଦ୍ରିକାରେ ନିୟମକୁ ବାଏଁ ବାଏଁ ଉଡ଼ାଇ ବାଲି ଲୁଟ୍ ପାଇଁ ଯେଉଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି, ତାହାକୁ ସେଖସରାଇ ଗ୍ରାମବାସୀ ଦୃଢ଼ ଭାବେ ବିରୋଧ କରି ରଣହୁଙ୍କାର ଦେଇଛନ୍ତି। ଲିଜ୍ ନାହିଁ କି ନିଲାମ ନାହିଁ, ତଥାପି ପରିବେଶ ମଞ୍ଜୁରୀ ପାଇଁ ତତ୍ପରତା କାହିଁକି ? ପ୍ରଶାସନର କାର୍ଯ୍ୟକଳାପକୁ ଦେଖିଲେ ମନେହେଉଛି ସତେ ଯେମିତି ସେମାନେ ଜନତାଙ୍କ ସେବକ ନୁହଁନ୍ତି ବରଂ ବାଲି ମାଫିଆଙ୍କ ବେତନଭୋଗୀ କର୍ମଚାରୀ।

ସୂଚନା ଅନୁଯାୟୀ, ସେଖସରାଇ (କ) ବାଲି ଉତ୍ସର ଲିଜ୍ ଅବଧି ୨୦୨୦ ମସିହାରୁ ଶେଷ ହୋଇସାରିଛି। ଗତ ୫ ବର୍ଷ ହେଲା କୌଣସି ନୂତନ ନିଲାମ କିମ୍ବା ବୈଧ ନବୀକରଣ ହୋଇନାହିଁ। ଆଇନଗତ ଭାବେ ଯେଉଁ ଖଣିର ଅସ୍ତିତ୍ୱ ନାହିଁ, ତା'ର ପରିବେଶ ମଞ୍ଜୁରୀ ପାଇଁ ସରକାରୀ ଖର୍ଚ୍ଚରେ ଏହି ପ୍ରହସନ କାହା ପାଇଁ କରାଯାଉଛି ? ବୈଧ ଲିଜ୍ ବିନା ପାଟିବେଶ ମଞ୍ଜୁରୀ ପ୍ରକ୍ରିୟା କରିବା କେବଳ ଅବୈଧ ନୁହେଁ, ବରଂ ଏହା ଏକ ବଡ଼ ଧରଣର ସରକାରୀ ସ୍କାମ୍ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କେନ୍ଦ୍ରୀୟ ନିୟମକୁ 'ଫୁ' କରି ସରକାରଙ୍କ ଆଖିରେ କ'ଣ କଳାପଟି ଲାଗିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଇଆଇଏ ନୋଟିଫିକେସନ,୨୦୦୬ ଏବଂ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର କଡ଼ା ନିର୍ଦ୍ଦେଶକୁ ବାଲେଶ୍ୱର ପ୍ରଶାସନ କେବଳ ଏକ କାଗଜ ଟୁକୁଡ଼ା ଭାବେ ବିବେଚନା କରୁଛି। ଏସଇଆଇଏଏ, ଓଡ଼ିଶା ଦ୍ୱାରା ଅନୁମୋଦିତ ଡିଏସଆର ଅନୁସାରେ ସେଖସରାଇ (କ) ଓ (ଖ) ଗୋଟିଏ କ୍ଲଷ୍ଟରର ଅଂଶ। ନିୟମ ଅନୁଯାୟୀ 'କ୍ଲଷ୍ଟର ପରିବେଶ ମଞ୍ଜୁରୀ' ନେବା ବଦଳରେ କେବଳ ଗୋଟିଏ ଭାଗ ପାଇଁ ଜନଶୁଣାଣି କରି ପ୍ରଶାସନ କେଉଁ ମନ୍ଦ ଉଦ୍ଦେଶ୍ୟ ରଖିଛି? କ୍ଲଷ୍ଟର ପରିବେଶ ଅନୁମୋଦନ ନ ଥାଇ ଏଭଳି ପୃଥକ ଶୁଣାଣି ସମ୍ପୂର୍ଣ୍ଣ ରୂପେ ନିୟମ ବିରୋଧୀ। ପୂର୍ବରୁ ଯେଉଁ ବାଲି ମାଫିଆ ଜିଲ୍ଲାର ଜନୈକ ଉଚ୍ଚ ପଦାଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ ହୋଇଥିଲେ, ଉକ୍ତ ବାଲି ମାଫିଆଙ୍କୁ ସୁରକ୍ଷା ଦେବାକୁ ଏବେ ସରକାରୀ ବାବୁମାନେ ଆଗକୁ ଆସି କେନ୍ଦ୍ରୀୟ ଗାଇଡଲାଇନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି। ଏପରିକି ଜିଲ୍ଲାପାଳଙ୍କ କଲମକୁ ବି ମାଫିଆଙ୍କ ଭୟ ନାହିଁ। ଏହାଠାରୁ ବଡ଼ ଦୁର୍ଭାଗ୍ୟର କଥା ଆଉ କ'ଣ ହୋଇପାରେ ଯେ, ଖୋଦ୍ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ଏଠାରେ କାର୍ଯ୍ୟକାରୀ କରାଯାଉ ନାହିଁ। ଗତ ୦୪.୦୮.୨୦୨୫ ରେ ଜନ ଅସନ୍ତୋଷକୁ ଦେଖି ଜିଲ୍ଲାପାଳ ଜନଶୁଣାଣି ବାତିଲ କରିବା ସହ ଖଣି ବିଭାଗକୁ ସ୍ପଷ୍ଟୀକରଣ ମାଗିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ସ୍ପଷ୍ଟୀକରଣ ଅନ୍ଧାର ଭିତରେ ରହିଛି। ଜନସାଧାରଣଙ୍କୁ କୌଣସି ତଥ୍ୟ ନ ଦେଇ ଚୋରା ପଥରେ ପୁଣି ଜନଶୁଣାଣି କରିବା ପ୍ରଶାସନର 'କଳା କାରନାମା'କୁ ପ୍ରମାଣିତ କରୁଛି। ସରକାରୀ କଳ ଏଠାରେ ସ୍ୱଚ୍ଛତା ନୁହେଁ, ବରଂ 'ଗୋଳିଆ ପାଣିରୁ ମାଛ ଧରିବା' ନୀତିରେ କାମ କରୁଛି। ସୀମା ନାହିଁ କି ପିଲାର ନାହିଁ, ଚାଲିଛି ଲୁଟ୍‌ର ପ୍ରସ୍ତୁତି। ବାଲି ଉତ୍ସ ଅଞ୍ଚଳରେ କୌଣସି ସ୍ଥାୟୀ ସୀମା ନିର୍ଦ୍ଧାରଣ (ବାଉଣ୍ଡାରି ପିଲାର) କରାଯାଇନାହିଁ। ସୀମା ନିର୍ଦ୍ଧାରଣ ବିନା ଖନନ ଅନୁମତି ଦେବାର ଅର୍ଥ ହେଉଛି ମାଫିଆଙ୍କୁ ନଦୀ ପଠାରୁ ଆରମ୍ଭ କରି ଲୋକଙ୍କ ଚାଷ ଜମି ପର୍ଯ୍ୟନ୍ତ ଖୋଳିବାକୁ ଲାଇସେନ୍ସ ଦେବା। ଏହି ଅଞ୍ଚଳଟି ଅତ୍ୟନ୍ତ ବନ୍ୟାପ୍ରବଣ। ଅନିୟନ୍ତ୍ରିତ ବାଲି ଉତ୍ତୋଳନ ହେଲେ ନଦୀବନ୍ଧ ଦୁର୍ବଳ ହେବ ଏବଂ ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବ। ସେଖସରାଇର ଶତାଧିକ ମହିଳା ଓ ପୁରୁଷ ଆଜି ଏକ ସ୍ୱରରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେମାନଙ୍କ ଦାବି ସ୍ପଷ୍ଟ, ଏହି ପ୍ରହସନମୂଳକ ଜନଶୁଣାଣିକୁ ତୁରନ୍ତ ବାତିଲ କରାଯାଉ। ପ୍ରଥମେ କ୍ଲଷ୍ଟର ପରିବେଶ ମଞ୍ଜୁରୀ ନିଆଯାଉ, ନୂତନ ନିଲାମ ଓ ବୈଧ ଲିଜ୍ ପ୍ରକ୍ରିୟାର ସ୍ୱଚ୍ଛ ତଦନ୍ତ ହେଉ ଏବଂ ସୀମା ନିର୍ଦ୍ଧାରଣ ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଉ ବୋଲି ଗ୍ରାମବାସୀ ଚରମ ଚେତାବନୀ ଦେଇଛନ୍ତି। 'ଆମେ ବିକାଶର ବିରୋଧୀ ନୁହେଁ, କିନ୍ତୁ ପ୍ରଶାସନିକ ଗୁଣ୍ଡାଗର୍ଦ୍ଦି ସହିବୁ ନାହିଁ ବୋଲି ଗ୍ରାମବାସୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ଯଦି ଆମ ଜମି ଓ ପରିବେଶକୁ ସୁରକ୍ଷା ନ ମିଳେ, ତେବେ ସେଖସରାଇରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନର ନିଆଁ ଜଳିବ' ବୋଲି ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି। ବାଲି ମାଫିଆଙ୍କ ପାଇଁ ଶୋଇଥିବା ପ୍ରଶାସନ ଏବେ ଜନତାଙ୍କ ଆକ୍ରୋଶ ପରେ ଚେତିବ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

- ପରିବେଶ ଜନଶୁଣାଣି ନାଁରେ ଚାଲିଛି ପ୍ରହସନ
- ସରକାରୀ କଳର ଅଭିସନ୍ଧି ବିରୋଧରେ ଗର୍ଜିଲେ ଗ୍ରାମବାସୀ

## ସାରସ୍ୱତ ସାଧକ ମନୋଜ ଦାସଙ୍କ ଜୟନ୍ତୀ



ବାଲେଶ୍ୱର,୨୮।୨(ସମିସ): ସାରସ୍ୱତ ସାଧକ ମନୋଜ ଦାସଙ୍କ ୯୩ ତମ ଜୟନ୍ତୀ ଉତ୍ସବ କବିତୀର୍ଥ ଶାନ୍ତି କାନନସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦ ସଭାଗୃହରେ ପାଳିତ ହୋଇଯାଇଛି। ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଆଲୋଚକ ଭାବରେ ଚରମ୍ପା ମହାବିଦ୍ୟାଳୟ, ଭଦ୍ରକର ଇଂରାଜୀ ବିଭାଗ ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ଯୋଗଦାନ କରିଥିଲେ। ମନୋଜୀୟ ସାହିତ୍ୟ କର୍ମ ସବୁବର୍ଗର ମଣିଷପାଇଁ ପ୍ରେରଣାର, ସହାନୁଭୂତି, ସୃଷ୍ଟି, କୃଷ୍ଟି ମୂଳରେ ବ୍ୟକ୍ତିତ୍ୱର ମହତ୍ୱକୁ ପ୍ରତିପାଦନ କରିଥାଏ ତାଙ୍କର ସତସାହିତ୍ୟ। ଚେତନାର ଉତ୍ତରଣ ଉପତ୍ୟକା, ଭାରତୀୟସଂସ୍କାର, ଓ ସଂସ୍କୃତିର ବାର୍ତ୍ତାବହର ପ୍ରବୁଦ୍ଧ ମନିଷୀ। ଆଲୋକ-ଅନ୍ଧାର, ବାସ୍ତବ -ଅବାସ୍ତବ, ଭୌତିକ -ଅଧିଭୌତିକ, ଇନ୍ଦ୍ରିୟ -ଇନ୍ଦ୍ରିୟାତିତ, ଇହଲୋକ ଓ ପରଲୋକାଗତ ମଧ୍ୟରେ ପାର୍ଥକ୍ୟ ନ ରଖି ସେହି ମନ୍ୱୟ ବିନ୍ଧାଣି ଉତ୍ପାଦନ କରି ଚାଲିଥିଲେ। ସାର୍ବଜନୀନ ସାହିତ୍ୟ ଫସଲ ଯେଉଁଥିରେ ମଣିଷ ପଣିଆର ମାନବିକ ମୂଲ୍ୟବୋଧ ପ୍ରତିଫଳିତ ହୋଇଛି। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିଥିବାବେଳେ ଯୁଗ୍ମ ସମ୍ପାଦକ ରାଜେଶ କୁମାର ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ମନୋଜ ଦାସଙ୍କ ଉପରେ ରଚିତ ସଙ୍ଗୀତକୁ ପ୍ରାରମ୍ଭରେ ସାଥୀମାନଙ୍କ ଦ୍ୱାରା ପରିବେଷଣ କରିଥିଲେ। ଶେଷରେ କଲ୍ୟାଣୀ ନନ୍ଦ ମଧ୍ୟ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗହଣା ଦୋକାନରେ ନିଆଁ

**● ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ**




କାଳିପଦା, ୨୮।୨ (ସମିସ): ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ବାଲିଆପାଳ ବଜାର ଜାମକୁଣ୍ଡା ଛକସ୍ଥିତ ଆର କେ ଜୁଏଲର୍ସର ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ଯାଇଛି। ଶୁକ୍ରବାର ରାତିରେ ଏଭଳି ଘଟଣା ଘଟିଛି। ଜୁଏଲର୍ସ ମାଲିକ ହେମନ୍ତ କୁମାର ରଣା ଗତକାଲି ରାତିରେ ଦୋକାନ ବନ୍ଦ କରି ନିଜ ଗୁନାପୁର ଘରକୁ ଚାଲିଯାଇଥିଲେ। ସକାଳକୁ ଦୋକାନରୁ ପୋଡା ଗନ୍ଧ ବାହାରିବାରୁ ପାଖ ଦୋକାନୀ ହେମନ୍ତକୁ ଖବର ଦେଇଥିଲେ। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଦୋକାନ ଘରର ଶୋ କ୍ୟାସ, ବିଦ୍ୟୁତ ୱେୟରିଂ, ଏସି, ଚେୟାର, କେତେକ ଗହଣା ପୋଡି ଯାଇଛି। ପୋଡି ଥିବା ଆସବା ପତ୍ର ଓ ଗହଣା ର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଜୁଏଲର୍ସ ମାଲିକ ହେମନ୍ତ ରଣା କହିଛନ୍ତି। କେଉଁ କାରଣ ପାଇଁ ବିଦ୍ୟୁତ ସର୍ଟ ସର୍କିଟ ହେଲା ତାହା ସ୍ପଷ୍ଟ ହୋଇ ନାହିଁ। ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ହେମନ୍ତ ଥାନାକୁ ଲେଖି ଜଣାଇଛନ୍ତି। ଏ ନେଇ ପୁଲିସର ଅନୁସନ୍ଧାନ ଜାରି ରହିଛି।

## ଆରଡିସିରେ ସଫଳତା ପାଇଥିବା କ୍ୟାଡେଟଙ୍କୁ ଭବ୍ୟ ସ୍ୱାଗତ



ବାଲେଶ୍ୱର,୨୮।୨(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ବିଭାଗ ପକ୍ଷରୁ ଚଳିତ ବର୍ଷ ନୂଆଦିଲ୍ଲୀରେ ଆୟୋଜିତ ରିପବ୍ଲିକ୍ ଡେ କ୍ୟାମ୍ପ (ଆରଡିସି)-୨୦୨୬ରେ ସଫଳତାର ସହିତ ଅଂଶଗ୍ରହଣ କରି ଫେରିଥିବା କ୍ୟାଡେଟ୍‌ମାନଙ୍କ ପାଇଁ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକମାନେ କ୍ୟାଡେଟ୍‌ମାନଙ୍କ ଉତ୍କୃଷ୍ଟ ସାଧନାକୁ ପ୍ରଶଂସା କରି ଭବିଷ୍ୟତରେ ଅଧିକ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ନେଭାଲ୍ ଉଇଙ୍ଗର ଏସ୍‌ସିସି ସପ୍ତକ ପଣ୍ଡିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ସହିତ ରାଷ୍ଟ୍ରପତି ଭବନରେ ଗ୍ରୁପ୍ ସଙ୍ଗୀତ ପ୍ରଦର୍ଶନ କରି କଲେଜ ଓ ରାଜ୍ୟର ଗୌରବ ବଢ଼ାଇଥିଲେ। ଆର୍ମି ଏସ୍ ଡି ଉଇଙ୍ଗର ସିଡିଟି ସୁଭମ ଦାସ ପିଏମ୍ ରାଲିରେ ସଫଳ ଭାବେ ଅଂଶଗ୍ରହଣ କରି ସଂସ୍ଥା ପାଇଁ ଗୌରବ ଆଣିଥିଲେ। ଏହାସହିତ ଆର୍ମି ଏସ୍ ଡବ୍ଲୁ ଉଇଙ୍ଗର ଏସ୍‌ୟୁଓ ମୋନାଲିସା ରାଉତ ଅଲ୍ ଇଣ୍ଡିଆ କର୍ତ୍ତବ୍ୟ ପଥରେ ଅଂଶଗ୍ରହଣ କରି ନିଜ ପ୍ରତିଭା ଓ ଶୃଙ୍ଖଳାବଦ୍ଧତାର ଉଦାହରଣ ସୃଷ୍ଟି କରିଥିଲେ। ସ୍ୱାଗତ ସମାରୋହରେ କଲେଜ ପ୍ରଧାନ ଆଚାର୍ଯ୍ୟ ଡ. ଦିନେଶ ଚନ୍ଦ୍ର ଦାଶ, ଆର୍ମି ଏସ୍ ଡି ଉଇଙ୍ଗ ଏଏନଓ ଲେଫ୍ଟେନାଣ୍ଟ ଅକ୍ଷଶିଷ କୁମାର ପଣ୍ଡା, ନେଭାଲ୍ ଉଇଙ୍ଗ ସିଟିଓ ପ୍ରଶାନ୍ତ କୁମାର ସାହୁ, ଆର୍ମି ଏସ୍ ଡବ୍ଲୁ ଉଇଙ୍ଗ ସିଟିଓ ଅନିତା ହାଁସଦା ଏବଂ ରସାୟନ ବିଭାଗର ମୁଖ୍ୟ ବିଭୁଦତ୍ତ ବେହେରା ଉପସ୍ଥିତ ଥିଲେ।

**● ଜାତୀୟ ବିଜ୍ଞାନ ଦିବସ ପାଳିତ**

## 'ବିଜ୍ଞାନରେ ମହିଳା: ବିକଶିତ ଭାରତର ପ୍ରେରକ ଶକ୍ତି' ବିଷୟରେ ଆଲୋଚନା



ବାଲେଶ୍ୱର,୨୮।୨(ସମିସ): 'ବିଜ୍ଞାନରେ ମହିଳା: ବିକଶିତ ଭାରତର ପ୍ରେରକ ଶକ୍ତି' ବିଷୟରେ ଜାତୀୟ ବିଜ୍ଞାନ ଦିବସ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ (ଅବସରପ୍ରାପ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟ) ସାର୍ ସି. ଭି. ରମନଙ୍କ ବୈଜ୍ଞାନିକ ଐତିହ୍ୟକୁ ସ୍ମରଣ କରିବା ସହ ମହିଳା ଗବେଷକମାନଙ୍କୁ ଗବେଷଣାରେ ନୂତନ ଦୃଷ୍ଟିକୋଣ ଅନ୍ୱେଷଣ କରିବାକୁ ପ୍ରେରିତ କରିଥିଲେ ଓ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ରିନ୍ଟୁ ବାନାର୍ଜୀ, ଉପ-ନିର୍ଦ୍ଦେଶକ, ଆଇଆଇଟି ଖଡ଼ଗପୁର, ଉଦବୋଧନରେ ଷ୍ଟେମ୍ କ୍ଷେତ୍ରରେ ନାରୀଙ୍କ ଭୂମିକା ବିଷୟରେ ଅଲୋକପାତ କରିଥିଲେ। ଏହି ଅବସରରେ ଫକୀରମୋହନ ପ୍ରସିଦ୍ଧ ବୈଜ୍ଞାନିକ ପୁରସ୍କାର୨୦୨୬ ଇଂଜିନିୟର ଡ. ମିହିର କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। 'ଏଫ୍‌ଏମ୍‌ୟୁ ଫ୍ୟାକଲ୍ଟି କମ୍ପେଣ୍ଡିଅମ୍‌୨୦୨୬' ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ମନୋରଞ୍ଜନ ମିଶ୍ର, ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ସଚିଦାନନ୍ଦ ଦେହୁରୀ, ପ୍ରଫେସର ଦେବାଶିଷ ପାତ୍ର ଓ ଡ଼କ୍ଟର ସମୀର କୁମାର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଭିନ୍ନ ବିଷୟରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଗବେଷକ ପୁରସ୍କାର' ମଧ୍ୟ ପ୍ରଦାନ କରାଯାଇଥିଲା। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟଙ୍କ ପକ୍ଷରୁ ବିଶ୍ୱର ଶୀର୍ଷ ୨% ବିଜ୍ଞାନୀଙ୍କ ତାଲିକାରେ ସ୍ଥାନ ପାଇଥିବା ପ୍ରଫେସର ପଙ୍କଜ କୁମାର ପାରହି, ପ୍ରଫେସର ଗୌରଙ୍ଗ ଚରଣ ସାମନ୍ତ ଓ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟଙ୍କୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ମହିଳା ଅଧ୍ୟାପକମାନେ ନିଜ ଗବେଷଣା ପୋଷ୍ଟର ପ୍ରଦର୍ଶନ କରିଥିବା ସହ କୁଳପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଆୟୋଜକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଉଦବୋଧନ ରଖିଥିଲେ। ପରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ବିବେକାନନ୍ଦ ନାୟକ ସଂଯୋଜିତ କରିଥିବା ବେଳେ ଶେଷରେ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ।

**● ଭାଷାପକ୍ଷ ଓ କୁଟୀର ବହିମେଳା ପଞ୍ଚମ ଦିବସ**

## କବି ଶ୍ରୀଦେବ ସାହିତ୍ୟ ସନ୍ଧ୍ୟା



ବାଲେଶ୍ୱର,୨୮।୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳାର ପଞ୍ଚମ ଦିବସରେ କବି ଶ୍ରୀଦେବ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକା ଅଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସନ୍ଧ୍ୟାରେ ଯୁବକବି ଜ୍ଞାନେନ୍ଦ୍ର ପଣ୍ଡା ଓ ଗବେଷିକା ରାଜସ୍ମିତା ସାହୁ ଆଲୋଚକ ଭାବେ କବି ଶ୍ରୀଦେବଙ୍କୁ ମାଆ, ମାଟି ଓ ଗାଁର କବି ଭାବେ ଅଭିହିତ କରିବା ସହ ଶୂନ୍ୟପେଟକୁ ପୂର୍ଣ୍ଣ କରୁଥିବା ଚାଷୀର ଯାବତୀୟ ଦୁଃଖ ଯନ୍ତ୍ରଣାକୁ ଅତି ନିଖୁଣ ଭାବରେ ନିଜ କବିତାରେ ଆଙ୍କିପାରନ୍ତି ବୋଲି ମତପ୍ରକାଶ କରିଥିଲେ। କବି ଶ୍ରୀଦେବ ତାଙ୍କ ବକ୍ତବ୍ୟରେ ସାଂପ୍ରତିକ ସାହିତ୍ୟର ଗତି, ପ୍ରକୃତି ଓ ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ। ଗଙ୍ଗାଧର ବିଶ୍ୱାଳ, ରିତେଶ ଦାଶ, ପ୍ରୀତିଲେଖା ଦାସ, ପ୍ରଫୁଲ୍ଲ କୁମାର ଦାସ, କବିତା ଜେନା, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖ କବିଙ୍କ ବିଭିନ୍ନ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କବି ଶ୍ରୀଦେବଙ୍କ ଉପରେ ଆଧାରିତ କବିତାକୁ କଲ୍ୟାଣୀ ନନ୍ଦ ଗାନ ବରିଥିଲେ। ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଶେଷକଥା ରଖିଥିଲେ।

## କାଫେରୁ ଚୋରି ଅଭିଯୋଗ

ସୋର,୨୮।୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ କଲେଜ ଛକ ନିକଟରେ ଥିବା ଏକ କାଫେ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋର ଥାନା ସବିରା ପଞ୍ଚାୟତ ଦାଣ୍ଡପଳସା ଗ୍ରାମର ଜୀବନ ସଂଗ୍ରାମ ପାଣି କଲେଜ ଛକ ନିକଟରେ ଏକ କାଫେ ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳେ ଦୋକାନ ଖୋଲିବା ସମୟରେ ଦୋକାନର ତାଲା ଭଙ୍ଗାଯାଇ ଗ୍ୟାସ ସିଲିଣ୍ଡର, ରୋଷେଇ ସରଞ୍ଜାମ ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୋର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ସହରରେ ନାହିଁ ପଡ଼ିଆ କିମ୍ବା ମର୍ଣ୍ଣିଂ ୱାକ୍ ଟ୍ରାକ**

# ମୁଖ୍ୟରାସ୍ତା ଉପରେ ବିପଦପୂର୍ଣ୍ଣ ପ୍ରାତଃଭ୍ରମଣ

ବାଲେଶ୍ୱର,୨୮।୨(ସମିସ)

ସହରର ମୁଖ୍ୟ ରାସ୍ତା ଏବେ ମର୍ଣ୍ଣିଂ ୱାକ୍ କରୁଥିବା ଲୋକଙ୍କ ପାଇଁ ଏକମାତ୍ର ସାହାରା। ସକାଳୁ ସକାଳୁ ସହରର ମୁଖ୍ୟ ରାସ୍ତା ତଥା ପୁଲିସ ଲାଇନ୍ ପଡ଼ିଆରୁ ଆରମ୍ଭ ହୋଇ ତାମୁଲିଆ ପର୍ଯ୍ୟନ୍ତ ଭିଡ଼ ହେଉଛି। ଯୁବପିଢ଼ିଙ୍କଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ରାସ୍ତା ଉପରେ ଚାଲୁଛନ୍ତି ନହେଲେ ଦୌଡୁଛନ୍ତି। କାରଣ ବାଲେଶ୍ୱର ସହରରେ ନାହିଁ ପଡିଆ କି ମର୍ଣ୍ଣିଂ ୱାକ୍ ଟ୍ରାକ୍। ଯେଉଁମାନେ ପୁଲିସ ଲାଇନ୍ ପଡ଼ିଆରେ ଚାଲୁଥିଲେ ସେମାନଙ୍କ ପାଇଁ ମଧ୍ୟ ଏହି ସୁବିଧା ଆଉ ନାହିଁ। କାରଣ କିଛି ମାସ ହେବ ଏହି ପୁଲିସ ଲାଇନ୍ ପଡ଼ିଆକୁ ବନ୍ଦ କରିଦିଆଯାଇଛି। ଫଳରେ ସମସ୍ତେ ରାସ୍ତାରେ ଚାଲିବା ସହ ବ୍ୟାୟାମ ମଧ୍ୟ କରୁଥିବା ଦୃଶ୍ୟ ନଜରକୁ ଆସିଛି। ଗୋଟେ ପଟେ ସହରରେ ବଡ଼ ପାର୍କ ନାହିଁ। ଅନ୍ୟପଟେ ଚାଲିବା ପାଇଁ ପଡ଼ିଆଟେ ବି ମିଳୁନି। ଅସୁରକ୍ଷିତ ଭାବେ ରାସ୍ତାରେ ଚାଲୁଛନ୍ତି ସଭିଏଁ। ଆଥଲେଟ ମଧ୍ୟ ଏହି ରାସ୍ତାରେ ଦୌଡୁଛନ୍ତି ଏବଂ ଦୋକାନ ବାରଣ୍ଡାରେ ବ୍ୟାୟାମ ଅଭ୍ୟାସ କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଦୀର୍ଘ ୧୫ ବର୍ଷ ହେବ ପୁଲିସ ଲାଇନ୍ ପଡ଼ିଆ ବ୍ୟବହାର କରୁଥିଲୁ। ଆମେ ଭୋର୍ ୪ରୁ ୭.୩୦ ମିନିଟ୍ ପର୍ଯ୍ୟନ୍ତ ନିୟମିତ ବ୍ୟାୟାମ କରୁଥିଲୁ। କିନ୍ତୁ କିଛି ମାସ ହେବ ପଡ଼ିଆ ଆମମାନଙ୍କ ପାଇଁ ବନ୍ଦ କରିଦେଇଛନ୍ତି। ବାଧ୍ୟହୋଇ ଆମେ ରାସ୍ତାରେ ଚାଲିବା ସହ ବ୍ୟାୟାମ କରୁଛୁ। ଏହାଦ୍ୱାରା ଟ୍ରାଫିକରେ ଅସୁରକ୍ଷିତ ଭାବେ ଚାଲିବାକୁ ପଡୁଥିବା ବେଳେ ଯୋଗ ତଥା ବ୍ୟାୟାମ ଅଭ୍ୟାସ ପାଇଁ ଯେମିତି ଗ୍ରାଉଣ୍ଡ ଦରକାର ତାହା ନାହିଁ। ରାସ୍ତା ଉପରେ ଚାଲିଲେ ବା ଦୌଡିଲେ ଆଣ୍ଠୁ ସମସ୍ୟା ତଥା ଅସୁରକ୍ଷିତ ମଧ୍ୟ। ଏହାବ୍ୟତୀତ ରାସ୍ତାରେ ଚାଲିବା ବେଳେ ବହୁତ ଜଣଙ୍କୁ କୁକୁର ବି କାମୁଡିଲାଣି। ରାଜଧାନୀରେ ଯେମିତି ଚାଲିବା ପାଇଁ ପାର୍କ ଭିତରେ ଟ୍ରାକ୍ ସହ ଯୋଗ କରିବା ପାଇଁ ଗାଁ ଗ୍ରାଉଣ୍ଡ ରହିଛି ସେମିତି ଏଠାରେ ମଧ୍ୟ ବ୍ୟବସ୍ଥା କରାଯିବା ଉଚିତ ବୋଲି ବାଲେଶ୍ୱର ମାରାଥନ ଆସୋସିଏସନ୍ ଉପସଭାପତି ସନ୍ତୋଷ ବେହେରା କହିଛନ୍ତି। ସେହିପରି ବରିଷ୍ଠ ଲେଖକ କୃଷ୍ଣ କୁମାର ମହାନ୍ତି କରିଛନ୍ତି, ବାଲେଶ୍ୱର ସହରରେ ସ୍ୱାସ୍ଥ୍ୟ ସଚେତନ ବରିଷ୍ଠ ନାଗରିକ, ମହିଳା, ଯୁବକଯୁବତୀଙ୍କ ପ୍ରାତଃ ଭ୍ରମଣ ପାଇଁ ପ୍ରକୃଷ୍ଟ ପଡିଆଟିଏ ନାହିଁ - ଏହା ଲଜ୍ଜାଜନକ। ପୁଲିସ ପଡ଼ିଆରେ ଭୋର୍ ଭୋର୍ ଆମେ ମର୍ଣ୍ଣିଂ ୱାକ୍ କରୁଥିଲୁ କିନ୍ତୁ ଅନେକ ସମୟରେ ଆମକୁ ପୁଲିସ ପକ୍ଷରୁ ଘଉଡାଇ ଦିଆଯାଉଥିଲା। ଏବେ ସେ ପଡିଆକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଫଳରେ ସହରବାସୀ ନାଚାର ହୋଇ ମୁଖ୍ୟ ସଡକରେ ପ୍ରାତଃ ଭ୍ରମଣ କରୁଛନ୍ତି ଯାହା ବିପଜ୍ଜନକ ଅଟେ। କ୍ଷୀପ୍ର ଗତିରେ ଗାଡି ମଟର ଯାଉଥିବା ରାସ୍ତାରେ ଚାଲିବା କେତେଦୂର ନିରାପଦ ତାହା ଭାବିବା କଥା। ଜିଲ୍ଲାପାଳ ଏହାର ଏକ ବିକଳ୍ପ ବ୍ୟବସ୍ଥା କରିବାକୁ ନିବେଦନ କରୁଛି।



ନିୟମିତ ମର୍ଣ୍ଣିଂ ୱାକ ଯାଉଥିବା ମମତା କହିଛନ୍ତି, ଆମେ ପ୍ରତିଦିନ ପୁଲିସ ପଡ଼ିଆକୁ ଚାଲିବା ଯାଉଥିଲୁ। ହେଲେ ଏବେ କିଛି ମାସ ହେଲା ତାହା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଫଳରେ ଆମେ ରାସ୍ତାରେ ଚାଲୁଛୁ। ରାସ୍ତାରେ ଚାଲିବା ବେଳେ ସୁରକ୍ଷିତ ଅନୁଭବ ହେଉନାହିଁ। ଏଥିସହିତ ଜାଗେ ଜାଗେ ରାସ୍ତା ଉପରେ ବସ୍ ଛିଡ଼ା ହୋଇ ରହୁଛି। କେଉଁଠି ଅଳିଆ ରାସ୍ତା ଉପରେ ପଡୁଛି। ତେଣୁ ରାସ୍ତା ଉପରେ ଚାଲିବା ଠିକ୍ ଲାଗୁନାହିଁ। ମୋ ପରି ଅନେକ ଲୋକଙ୍କ ଭରସା ଏବେ ସହରର ମୁଖ୍ୟ ରାସ୍ତା। ଆମକୁ ଘଣ୍ଟାଏ ପାଇଁ ଏହି ପଡ଼ିଆରେ ଚାଲିବା ପାଇଁ ଅନୁମତି ଦେଲେ ବି ଭଲ ହେବ'।

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଛନ୍ତି, ମୁଁ ପ୍ରତିଦିନ ଚାଲିବାକୁ ଯାଏ। ପୋଲିସ ଲାଇନ୍ ପଡ଼ିଆ ବି ଯାଉଥିଲି। ବହୁତ ଭିଡ ହୁଏ ସେଠାରେ। ମଝିରେ ମଝିରେ ପଡିଆ ମଧ୍ୟ ବନ୍ଦ କରିଦିଅନ୍ତି। ଏବେ ମଧ୍ୟ ବନ୍ଦ ଅଛି। ଆମର ଚାଲିବା ପାଇଁ କିଛି ସୁବିଧା ନାହିଁ। ସେଥିପାଇଁ ଅସୁରକ୍ଷିତ ଭାବେ ଆମେ ରାସ୍ତାରେ ଚାଲୁଛୁ। ବିପଦ ନଥିବା ସ୍ଥାନରେ ଚାଲିବା ପାଇଁ ସୁବିଧା କଲେ ହେବ। ନହେଲେ ସ୍ୱତନ୍ତ୍ର ପାଦଚଲା ରାସ୍ତା କରାଯାଆନ୍ତା। ଏବେ ଯାହା ପାଦଚଲା ରାସ୍ତା ହୋଇଛି ତାହା ଅଧା ଖଣ୍ଡିଆ ଏବଂ ଉଠା ଦୋକାନୀଙ୍କ କବଜାରେ ରହିଛି। ତେଣୁ ତାହା ଚାଲିବା ଯୋଗ୍ୟ ଆଦୌ ନୁହେଁ। ପୁଲିସ ଗ୍ରାଉଣ୍ଡ ଅସମାନ ତଥା ଆବଡା ଖାବଡା ଏବଂ ଖରାପ ଅବସ୍ଥା ହୋଇଯାଇଥିଲା। ପୁଲିସ ନିଜସ୍ୱ ଡ୍ରିଲ୍ ଅଭ୍ୟାସ ପାଇଁ ଗ୍ରାଉଣ୍ଡ ବ୍ୟବହାର କରିପାରୁନଥିଲା। ସେଥିପାଇଁ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବନ୍ଦ କରାଯାଇଛି। ଆଗାମୀ ଦିନରେ ସାଧାରଣଜନତାଙ୍କୁ ଅନୁମତି ଦେବା କଷ୍ଟକର ହେବ। କାରଣ ଗ୍ରାଉଣ୍ଡ ରକ୍ଷଣାବେକ୍ଷଣ ଏକ ସମସ୍ୟା ହୋଇପଡୁଛି। ଗ୍ରାଉଣ୍ଡ ପାଖରେ ଏକ ଅସ୍ତ୍ରାଗାର(ଆର୍ମୋରି) ରହିଛି, ଯାହା ଏକ ସମ୍ବେଦନଶୀଳ ଜାଗା। ଏହା ନିକଟରେ ଜନସାଧାରଣଙ୍କୁ ଅନୁମତି ଦେବା ଅନୁଚିତ। ପୁଲିସ ଡ୍ରିଲ୍ ଅଭ୍ୟାସ ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପୁଲିସ ପ୍ରକ୍ରିୟା ଯୋଗୁଁ ଗ୍ରାଉଣ୍ଡଟି ନିୟୋଜିତ ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ମତବ୍ୟକ୍ତ କରିଛନ୍ତି।

# ମାହାଦିପୁର ସୀମାନ୍ତ ଚେକ୍‌ପୋଷ୍ଟ



ସଂଯୁକ୍ତା ମହାନ୍ତି

ଚୁପ୍‌ଚାପ୍ ଆସି ସେ ଚୁପ୍‌ଚାପ୍ ଫେରି ଯାଇଥାନ୍ତା। ସେମାନେ କିନ୍ତୁ ତା' ଆସିବା ଖବର ଜାଣି ସାରିଥିଲେ। ଏଇ ହୋଟେଲରେ ରହିବାକୁ କହିଥିଲେ। ବାଧ ହୋଇ ସେ ନୀରବ ରହିଲା। ରାତି ନ'ଟା ଏବେ। ରୁମ୍ ଭିତରେ ବିଭାସ ଏକା ଏକା ଶୋଇ ରହିଥିଲା। ଏବେ ସୁଇଚ୍‌ଟା ମାରି ଅନ୍ଧାର କଲା। ମନେ ହେଲା ଛାତି ତଳେ ଗୋଟାଏ ପାହାଡ଼ୀ ଝରଣା ମଧୁର ଗୀତ ଗାଇ ଗାଇ ଝରି ଯାଉଛି। ସେହି ସୁଖରେ ତା'ର ଆଖି ବୁଜି ହୋଇ ଆସିଲା। ପୁଣି ଉଠି ଝରକା ଖୋଲି ଚାହିଁଲା। ପାଖ ମସଜିଦ୍‌ରୁ ଆସୁଥିଲା ଆଜାନର ସୁର। କିଛି ଦୂରରେ ଝାମ୍ପୁଡ଼ା ଗଛଟେ ଛାଇ ପରି ଦିଶୁଥିଲା। ଝରକା ପାଖରେ ପଡ଼ିଆଟେ। ନଭେମ୍ବରରେ ଉତ୍ତରବଙ୍ଗରେ ଶୀତ ଆସିସାରିଥିଲା। ନିଆଁ ପୋଇବାକୁ ବସିଥିଲେ କିଛି ଲୋକ। ଲାଗୁଥିଲେ ମଜଦୁର ଶ୍ରେଣୀୟ। ଦୂରର ପଡ଼ିଆରେ ମନେହେଲା ଗୋଟାଏ ନିଛୁମ ଶୂନ୍ୟତା ଢଳି ଢଳି ଚାଲିଛି ଅନିର୍ଦ୍ଦିଷ୍ଟ ପଥରେ। ଯାହା ହେଉ ଗଛଟାଏ ଅଛି ତ। ସକାଳୁ ଉଠିଲେ ଗୋଟାଏ ଚା' କପ୍‌ରେ ଏଇ ଗଛକୁ ଚାହିଁ ଶୋଷି ନେବ ସେ ଦିନକର ମଧୁରତା। ରାତିର ଆକାଶରେ ଅସଂଖ୍ୟ ନକ୍ଷତ୍ର ରୋଶଣି। ବାହୁନି ମରୁଛି ଏଠି ଗୌଡ଼ବଙ୍ଗର ଇତିହାସ। ମାଲଦା ସହର। ଫାଙ୍କା ପଡ଼ିଆଟାରେ ପୁଳାପୁଳା ଶୂନ୍ୟତା ଲମ୍ବିଥିଲା କେଉଁ ନକ୍ଷତ୍ର ଲୋକ ଯାଏ। ଅନ୍ଧାର ରାତି। ଶୂନ୍ୟତା ମେଞ୍ଚାଏ ବୁକୁ ତଳେ ନେସି ସେ ଶୋଇବାକୁ ଗଲା। ନା !ପୁଣି ବୁକୁ ଉପରେ କେହି ଜଣେ । କାହାର ଅସ୍ତିତ୍ୱ ନେସି ହୋଇ ରହିଛି। ତା' ସ୍ୱରୂପକୁ ଖୋଜିହେଲା ମନେ ମନେ। ନା....ତା'ର ମୁହଁ ସ୍ପଷ୍ଟ ଦିଶୁନି ତାକୁ। ଖାଲି ଅସ୍ତିତ୍ୱର ଅନନ୍ତ ଉପଲବ୍ଧି। ସେ ମୁରୁକାଏ ହସିଦେଲା। ସେହି ଅସ୍ତିତ୍ୱର ଶୂନ୍ୟପଣ ହିଁ ପୂର୍ଣ୍ଣତା। "ଅଙ୍ଗବିହୀନ ଆଲିଙ୍ଗନେ ସକଳ ଅଙ୍ଗ ଭରେ" – ରବୀନ୍ଦ୍ରନାଥ ଠାକୁର ପଶି ଆସିଲେ ତା' ଛାତି ଭିତରକୁ। ଧାଡ଼ିଟା ତା' ମୁଣ୍ଡରେ ବାରମ୍ବାର ଝଙ୍କୃତ ହେଲା। ଗୋଟାଏ ଅଦ୍ଭୁତ ଆନନ୍ଦରେ ସେ ଜାଗି ଉଠିଲା। ପରେ ପରେ ଚାଲିଗଲା ଗୋଟାଏ ସୁସୁପ୍ତି ଅବସ୍ଥାକୁ। ଯେଉଁଠି ସ୍ୱପ୍ନ ବି ନାହିଁ। ଅସ୍ତିତ୍ୱର ଅନୁଭବ ନାହିଁ। ଖାଲି ଅଛି ଅହେତୁକ ଆନନ୍ଦ।

ସକାଳୁ ଉଠି ଦେଖିଲା କୁହୁଡ଼ି ଢଙ୍କା ପଡ଼ିଆଟା । ଗଛଟା ଆମ୍ବ ଗଛ। ମନେମନେ ଉଲ୍ଲସିତ ହେଲା। ଭାରତ ଟ୍ରେଡର୍ସର ମାଲିକକୁ କହିଥିଲା ଆସିଲେ ସୀମାନ୍ତ ଦେଖିବାକୁ ଯିବ। ଶୀଘ୍ର ଗଲେ ସେ ଫେରିଯିବ ସିଲିଗୁଡ଼ି। ବାଟରେ ଏତେ ଜାମ୍ ଗୋଟାଏ ଜାଗାରେ ଘଣ୍ଟାଏ ଅଟକି ଯିବାକୁ ହୁଏ। ବେଲ୍ ବାଜିଲା। ହୋଟେଲ ବୟ ଚା' ଦେଇଗଲା। ନ'ଟା ବେଳେ ଜଳଖିଆ ଦେଇଗଲା। ଭାରତ ଟ୍ରେଡର୍ସର ମାଲିକ ଦୀପାନ୍ତର ଦେଖା ନ ଥିଲା। ବଙ୍ଗଳା ଦେଶକୁ ମାଲ ପଠାଏ। ଅପେକ୍ଷା ଭିତରେ ସେ ଫେରିଯାଉଥିଲା ସେହି ଅସ୍ତିତ୍ୱ ଭିତରକୁ। ଯିଏ ତାକୁ କାବୁ କରି ରଖିଛି ଅହରହ। ସେ ବେଳକୁ ବେଳ ଚୁପ୍ ହୋଇ ଯାଉଛି। ଗାଢ଼ ପ୍ରତୀକ୍ଷାଟାଏ ତାକୁ କାବୁ କରିନେଲାଣି। ତା'ର ମଥା ଲାଗୁଛି ତା' ଭାରରେ ଝୁଙ୍କି ପଡୁଛି ଓଜନିଆ ହୋଇ। ବାସ୍ତବତା ଖୋଜି ସେ ଫୋନ୍ କରିଛି। ଅବୁଝା ସେହି ଅସ୍ତିତ୍ୱ। ବାରମ୍ବାର ଆଘାତ ଦେଉଛି। ନିର୍ମମତାର ମାଟି ଉପରେ ସେ କଚାଡ଼ି ହୋଇ ପଡୁଛି। ସେ ଅସ୍ତିତ୍ୱ ବୁଝେନା, ସେ ତା'ର ସତ୍ତାକୁ ଘେରି ରଖିଛି। ତା' ଆତ୍ମାର ଛାଇ ପାଲଟି ଯାଇଛି। ଯୁଆଡ଼େ ଗଲେ ସେ ତା' ସାଙ୍ଗେ ସାଙ୍ଗେ ଚାଲିଛି। ଗୋଟାଏ ଜମାଟବନ୍ଧା ଶନିର ବଳୟ ପରି ତାକୁ ଘେରି ରହିଛି। ତା' ଭିତରେ କେହି ପଶି ପାରୁନାହାନ୍ତି। ଦୁଶ୍ଚିନ୍ତା, ସ୍ୱପ୍ନ, ମୃତ୍ୟୁର ଶୋକ ବି।

ଦଶଟା ହେଲା। ଦୀପାନ୍ତ ଆସୁନି। ଫୋନ୍ କରିବାର ଇଚ୍ଛା ହେଲାନି ତା'ର। କାଉଣ୍ଟରରେ ପଚାରିଲା। ଦୀପାନ୍ତର ସାନଭାଇ ହୋଟେଲ ଚଲାଏ । ସେ ଫୋନ୍ ଲଗାଇଲା। ସେହି ସମୟତକ ସେ ଠିଆ ହେଲା ତଳକୁ ମୁହଁପୋତି। ଶୁଣିଲା ସେହି ଅସ୍ତିତ୍ୱର କୋମଳ କଣ୍ଠର ନିବିଡ଼ ସ୍ୱର। କେବେକେବେ ତା' ହସ ଶୁଭେ ଜ୍ୟୋତ୍ସ୍ନା ରାତିର ମାୟା ପରି। ସେ ସେଇ ମାୟାବୀ ସମ୍ମୋହନରେ ଘାରି ହୁଏ।

ଆଜ୍ଞା ! ଆସୁଛନ୍ତି କହିଲେ।

ଏଗାରଟା ବେଳକୁ ଦୀପାନ୍ତ ଆସିଲା। ଲାଗୁଥିଲା ବଡ଼ ସ୍ମାର୍ଟ। ଯେମିତି କି ଏଠାକାର ନେତା।

ଦୁଃଖିତ। ଡେରି ହୋଇଗଲା।

ଦୀପାନ୍ତ ଆଗ ନେଇଗଲା ଗୌଡ଼ର ଇତିହାସର ସ୍ମାରକୀ ଦେଖେଇବାକୁ। ବଙ୍ଗ ସୁଲତାନଙ୍କ ମସ୍‌ଜିଦ୍, କଦମ ରସୁଲ, ଲୁକୋଚୋରି ଦରଜା। ପରିତ୍ୟକ୍ତ ଆଜି ଅଞ୍ଚଳଟି। ହେଲେ ଭୟାନକ ସେହି ଇତିହାସ। ଏଇଠୁ ଆକ୍ରମଣ ହେଉଥିଲା ଓଡ଼ିଶା ଉପରେ! ଲାଗିଲା ଘୋଡ଼ା ଝପଟାଇ କଳାପାହାଡ଼ ଛୁଟୁଛି। ଭାଙ୍ଗୁଛି ଓଡ଼ିଶାର ଦେବଦେବୀ ମନ୍ଦିର, ଟଳି ପଡୁଛି ମୁକୁନ୍ଦ ଦେବଙ୍କ ସାମ୍ରାଜ୍ୟ। ଚୈତନ୍ୟ ଦେବଙ୍କ ମୂର୍ତ୍ତି। ରାମକେଳି ମନ୍ଦିର । ଇତିହାସ ଆଜି ମୌନ। ଅଥଚ କେତେ ରକ୍ତାକ୍ତ ତା'ର ପୃଷ୍ଠା!




ଦୀପାନ୍ତ କହିଲା "ଏଇତକ ତ ଆମ ସହରର ଗର୍ବ, ଗୌରବ। ଆମେ ଯତ୍ନରେ ରଖିଛୁ। ଏବେ ଯିବା ବଙ୍ଗଳାଦେଶ ବର୍ଡର ମାହାଦିପୁର। ମୋର ସମସ୍ତେ ଚିହ୍ନା।" ଏକ୍ସପୋର୍ଟ ବିଜିନେସ୍ ତା'ର ଚିହ୍ନା ହେବା ସ୍ୱାଭାବିକ।

ସେଠି ପହଞ୍ଚି ଆଇକାର୍ଡ ଦରକାର ହେଲାନି। ବଙ୍ଗଳାଦେଶର ସୀମାନ୍ତ ରକ୍ଷୀମାନେ ବେଶ୍ ଅମାୟିକ। କହିଲେ - "ଚାଲନ୍ତୁ ଚା' ପିଇବେ। ମାଲ କେମିତି ରହୁଛି ଦେଖିବେ।"

ସେ ଘଣ୍ଟା ଦେଖିଲା। ଡେରି ହେବ ଫେରିବାକୁ। ପୁଣି ଡାଲଖୋଲା ପାଖରେ ଯେଉଁ ଟ୍ରକର ଧାଡ଼ି। କହିଲା – "ଏବେ ତ ସମୟ ହୋଇଯାଇଛି। ଆଉଥରେ ଆସିଲେ ଦେଖିବି।"

ଫେରି ଆସି ଠିଆ ହେଲା ଜିରୋ ପଏଣ୍ଟ ଉପରେ। ମନର ଅତଳତଳରୁ ଉଠି ଆସୁଥିଲା ଗୋଟାଏ ରୁଦ୍ଧଶ୍ୱାସ। କଣ୍ଟାବାଡ଼କୁ ଚାହିଁ ତା'ର ଏମିତି ଗୋଟାଏ ଅସ୍ୱସ୍ତିବୋଧ ହେଉଥିଲା....। କାହିଁକି ପଡ଼ିଲା ଏଇ କଣ୍ଟାବାଡ଼ ? ଏଠି ଯେ କେତେ ହା...ହା...କାର, କେତେ ରକ୍ତପାତ, କେତେ ଘରଛଡ଼ା ମଣିଷର ଆକୁଳ କାନ୍ଦଣା, କେତେ ହଣାହଣି ମରାମରିର ରକ୍ତ ଛଟିକି ପଡ଼ିଛି ! ଅଥଚ ପକ୍ଷୀଟି ଉଡୁଥିଲା କଣ୍ଟା ବାଡ଼ ଉପରେ ମନ ଖୁସିରେ। ଲଳିତା କିଆରୀ ସେପଟେ, ଏପଟେ ବି। ଆମ୍ବଗଛ ବି। ପକ୍ଷୀଟି କହୁଥିଲା ପାରିଲନି ରବୀନ୍ଦ୍ର, ନଜରୁଲଙ୍କୁ ଅଲଗା କରି। କଣ୍ଟାବାଡ଼ର ଏପଟେ ସେପଟେ କେତେ ଯେ କାହାଣୀ! କେତେ ଇତିହାସ! ହଠାତ୍ ତା ଆଖିରେ ପଡ଼ିଲା ଗୋଟାଏ ସାଇନବୋର୍ଡ। ନାଟୋର ୧୩୧ କି.ମି। ଇସ୍ ନାଟୋର? ସେହି ଦୁଃଖୀ ଜୀବନାନନ୍ଦଙ୍କ ନାୟିକାର ଗାଁକୁ ଏ ରାସ୍ତା। "ଆମାରେ ଦୁଦଣ୍ଡ ଶାନ୍ତି ଦିୟେଛିଲ ନାଟୋରର ବନଲତା ସେନ୍।" କି ଭାଗ୍ୟବାନ ତୁମେ କବି! ଦୁଦଣ୍ଡ ତ ପାଇଛ! କିନ୍ତୁ ସେ... ଗୋଟାଏ ଏ ଦଣ୍ଡ ବି ପାଇନି!

ଗୋଟାଏ ଦୀର୍ଘଶ୍ୱାସ ତା'ର ଉତୁରି ଆସିଲା ତା' ବୁକୁ ଥରାଇ। ନୀରବରେ ଆସି ଗାଡ଼ିରେ ବସିଲା। ସାରା ରାସ୍ତା ଥିଲା ସେ ଚୁପ୍‌ଚାପ୍। ଚାଲିଯାଉଥିଲା ତା' ଚାରିପଟେ ରୂପସୀ ବାଂଲା। ସବୁ ରୂପକୁ ଅନ୍ଧାରରେ ବୁଡେଇ ରାତି ନଇଁ ଆସୁଥିଲା ସିଲିଗୁଡ଼ି ଯିବାର ରାସ୍ତାରେ। ସେ ଥିଲା ଖୁବ୍ ନୀରବ। ବରଫାବୃତ୍ତ ହିମାଳୟର ନିବିଡ଼ ନୀରବତା ପରି। ■

ରାଜା ବଗିଚା, କଟକ - ୭୫୩୦୦୯
ମୋ: ୯୪୩୭୬୭୨୫୮୫

## ପୁସ୍ତକ ପରିଚୟ

### ପ୍ରଚ୍ଛଦ କବିତା

ପ୍ରଶାନ୍ତ ଦାସ




ଟୁପୁର କ୍ରିଏସନ୍ସ
ଆଜିମାବାଦ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୧ ଟଙ୍କା

କବି ପ୍ରଶାନ୍ତ ଦାସଙ୍କ ଏକ ନିଆରା କବିତା ସଂକଳନ 'ପ୍ରଚ୍ଛଦ କବିତା'। ସାଂପ୍ରତିକ ଓଡ଼ିଆ ସାହିତ୍ୟର ୨୬ ଜଣ ପ୍ରତିନିଧି ସ୍ଥାନୀୟ କବି, ଲେଖକଙ୍କ ପୁସ୍ତକର ପ୍ରଚ୍ଛଦକୁ ନେଇ କବିତା ରଚନା କରିଛନ୍ତି। ପୁସ୍ତକର ନାମକରଣ ଅନୁଯାୟୀ କବିତାଗୁଡ଼ିକ ରଚିତ ହୋଇଛି। ଏହି କ୍ରମରେ ଦୀପ୍ତି ଦାସଙ୍କ 'କହିଲ ବୋଲି', ଗଙ୍ଗାଧର ବିଶ୍ୱାଳଙ୍କ 'ମୁନିର ରଫ୍‌ଖାତାରେ ପୂର୍ଣ୍ଣିମାର ଗାଁ ଓ ଅନ୍ୟାନ୍ୟ କବିତା', କୃଷ୍ଣ କୁମାର ମହାନ୍ତିଙ୍କ 'ଶ୍ୟାମଳୀ ଦାସ', ଶ୍ରୀଦେବଙ୍କ 'ଚାଷବାସ', ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ଟଙ୍କିକିଆ ମଣିଷ', ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'କେଉଁଠି ଖୋଜିବି ତାକୁ', ସୈରିନ୍ଧ୍ରୀ ସାହୁଙ୍କ 'ସଖା', ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ 'ମେଷପାଳକର ଗୀତ', ନିବାରଣ ଜେନାଙ୍କ 'ବିଶ୍ୱାସର ଭୂମି', ସିତାଂଶୁ ଲେଙ୍କାଙ୍କ 'ମନ', ଡକ୍ଟର ଦେବାଶିଷ ପାତ୍ରଙ୍କ 'ଶବ୍ଦ ସଙ୍ଗମ' ଆଦି ପୁସ୍ତକକୁ ନେଇ ରଚିତ କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି କବିତା ପୂର୍ବରୁ ସଂପୃକ୍ତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଓ ପୁସ୍ତକର ପ୍ରଚ୍ଛଦ ସ୍ଥାନୀତ ହୋଇଛି। ପ୍ରଚ୍ଛଦର ଭାବ ଓ ଅର୍ଥକୁ ନେଇ ପ୍ରତି କବିତାର ମର୍ମଧ୍ୱନି ପ୍ରତିଫଳିତ ହୋଇଛି। ପୁସ୍ତକର ପ୍ରଚ୍ଛଦକୁ ନେଇ କବିତା ଲେଖିବାର ଏଇ ନିଆରା ପ୍ରୟାସ ପାଠକମାନଙ୍କୁ ନିଶ୍ଚୟ ଆକୃଷ୍ଟ କରିବ। ■

### ଭୂମି ଭୂମା

ଚିତ୍ତରଞ୍ଜନ ଚିରଞ୍ଜିତ




ଟୀର ତରଙ୍ଗ
ଚନ୍ଦକା ଶିଳ୍ପାଞ୍ଚଳ
ଭୁବନେଶ୍ୱର-୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଭୂମି ଭୂମା' ଉପନ୍ୟାସିକା ଦୁଇଟି ଯୁଦ୍ଧ ଓ ପ୍ରେମ ଆଧାରିତ। ପ୍ରଥମ ଉପନ୍ୟାସିକା 'ଭୂମି' ଯୁଦ୍ଧ ଉପରେ ଆଧାରିତ। ଯୁଦ୍ଧଭୂମି ଅର୍ଥ ଧ୍ୱସ୍ତବିଧ୍ୱସ୍ତର ଏକ ବିଖଣ୍ଡିତ ପୃଥିବୀ। ଯେମିତି ପହଲଗାମ୍ ଆକ୍ରମଣ ଘଟଣା ହଷ୍ଟେଲ ଅନ୍ତେବାସୀମାନଙ୍କ ଭିତରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ଛାତ୍ର ଗୌତମର ଆଦର୍ଶ ଚିନ୍ତାଧାରାକୁ ନେଇ 'ଭୂମି'ର କାହାଣୀ ଗତିଶୀଳ। ସେପଟେ ଆଜାଦ ଭଳି ନିରୀହ ଛାତ୍ର ନିଜ ଜନ୍ମଭୂମି ଆତଙ୍କବାଦୀଙ୍କ ଆଡ୍ଡା ସ୍ଥଳୀ ପାକିସ୍ତାନକୁ ଦେଖିବାକୁ ଯାଇ ପୋଲିସ ହାବୁଡ଼ରେ ପଡ଼ିଯାଇଛି। ସେହିପରି ଦ୍ୱିତୀୟ ଉପନ୍ୟାସିକା 'ଭୂମା' ପ୍ରେମ ଆଧାରିତ। ସ୍ତ୍ରୀ ପରିତ୍ୟକ୍ତା ସ୍ୱାମୀ ଓ ସ୍ୱାମୀଙ୍କୁ ହରାଇ ଜଣେ ନାରୀର ବେଦନା ଭରା ଜୀବନକୁ ନେଇ ଏହି ଉପନ୍ୟାସିକାର କାହାଣୀ ଗତିଶୀଳ। ସରୋଜ ଓ ନିକିତା ଦୁଇ ଅନ୍ତରଙ୍ଗ ମଣିଷ। ତେବେ ଦୁର୍ଭାଗ୍ୟ ସରୋଜଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ଅନ୍ୟ ପୁରୁଷକୁ ବିବାହ କରିବା ଓ ଦୁର୍ଘଟଣାରେ ନିକିତା ନିଜ ସ୍ୱାମୀଙ୍କୁ ହରାଇବା ଘଟଣା ଏକ ସଂଯୋଗ। ପରସ୍ପର ଜୀବନ କାହାଣୀ ମଧ୍ୟରେ ରହିଛି ଅନେକ ସାମଞ୍ଜସ୍ୟ। ଗୋଟିଏପଟେ ଯୁଦ୍ଧ ଆତଙ୍କ, ଅନ୍ୟପଟେ ପ୍ରେମର ପ୍ରଗାଢ଼ ଦୁଇଟି ଉପନ୍ୟାସିକାକୁ ଅଧିକ ଆକର୍ଷଣୀୟ କରିଛି। 'ଭୂମି ଭୂମା'ର ନିଆରା କାହାଣୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଅବଧାରଣା



ସତ୍ୟରଂଜନ ପ୍ରହରାଜ

ଆମେ ସବୁ ବସିରହୁ ଅନେକବେଳ
ଚୁପଚାପ୍
ଯଦିଓ ତର୍କ ଚାଲିଥାଏ ଆଖି ଭିତରେ
ଚା' କପରେ
ନାକ କୁଂଚି କୁଂଚି
ଜଣେ ଆରଜଣଙ୍କ ଅଲକ୍ଷ୍ୟରେ
ହଠାତ୍ କେହିଜଣେ ଖବର ଦିଏ
ନଣ୍ଡା ପାହାଡ଼ ଉପରେ ଥିବା ମଣିଷଟା ଦିଶୁ ନାହିଁ
ଦିଶୁଛନ୍ତି ପଲେ ଚଢ଼େଇ
ଚିଲ କି ଶାଗୁଣା
ନୀଳ କି ନାରଙ୍ଗୀ
ବିଦେଶୀ କି ଦେଶୀ
ଜଣାନାହିଁ
ତର୍କ ସରିଯାଇଛି
କଳାକଳା ଜହ୍ନାଙ୍କ ଧାଡ଼ି ଚାଲିଯାଉଛି
ଆମ ଭିତର ଦେଇ
ଛାତିରେ
କାହା କାହାର ଆଖିରେ, ପାଟିରେ
ରାମନାମ ସତ୍ୟ ନ ଡାକି
ନିର୍ମମ ନୀରବତାରେ
ଆମେମାନେ କାନ୍ଦିବା ଆରମ୍ଭିଲୁ
ଆଖିମାନଙ୍କ ଆଢୁଆଳେ
ଚେତନାର କନ୍ଦି ବିକନ୍ଦିରେ
ଟିକେ ଟିକେ ଦାନ୍ତ ଚିପି ହସିଲୁ
ଦୁଇ ବଗଙ୍କ ଦାନ୍ତରେ ଉଡ଼ିଯାଉଥିବା
କଇଁଛ ହସିଲା ପରି
କାଲୁଆ ପଡ଼ିଗଲା ଆମ
କଣ୍ଠ, କଳିଜା ଓ କଳେବର
ସଞ୍ଜ ନଇଁ ଆସିଲା
ଆମେ ସମସ୍ତେ ଦିଶିଲୁ
ଶବ ପରି କ୍ରୁଶବିଦ୍ଧ
ପୁଣି ଦୟାମୟ ଓ ଦୁଃସ୍ଥ
ପରଦିନ ତର୍କରେ ନୀରବତା ନୁହେଁ
ଜୀବନ ଝଡ଼
ଦୁଃଖ ଭିଡ଼
କ୍ରମଶଃ । ■

ଲେନ୍ ନଂ-୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର-୭୫୧୦୨୦
ମୋ: ୯୭୫୮୪୧୩୫୩୪

## ଛାଇପ୍ରେମ





ସୁଜିତ କୁମାର ସତପଥି

ନିଜକୁ ପଚାରିଲି ତୁ କିଏ କି ?
ଛାଇକୁ ପଚାରିଲି ତୁ କିଏ କି ?
ଦେହରେ ବିଦେହକୁ ଖୋଜିଲି
ବିଦେହରେ ଦେହ
ଲୁହରେ ହସକୁ ମାପିଲି
ହସରେ ଲୁହ
ଦି ପାଦ ପଡ଼ିଲି, ପାଦେ ଘୁଞ୍ଚିଲି
ମାଟିକୁ ଥରେ ଆକାଶକୁ ଥରେ
ଅନେଇଲି
ସେମାନଙ୍କର ତ ପାଦ ନାହିଁ
ତଥାପି କେମିତି ରହିଛନ୍ତି ସବୁଠି
ପରସ୍ପରର ବିମ୍ବ ହୋଇ !
କାହାକୁ ପଚାରିବି
ଆକାଶକୁ, ମାଟିକୁ, ନିଜକୁ
ସନ୍ଦିହାନରେ ପଡ଼ିଲି
ପୁଣି ଗଲି ପାଦେ
ଶୁଣିଲି କାହାର ପାଦ ଶବ୍ଦ
ମୋ' ସହ ତାଳ ଦେଇ
କିଏ ସେ
କ'ଣ ତା'ର ପରିଚୟ ?
ପଚାରିବି ବୋଲି ଭାବି ଭାବି
ତା' ପ୍ରେମରେ ପଡ଼ିଲି
ନିଜେ ହିଁ ନିଜର
ବିମ୍ବ ହୋଇଗଲି
ବୁଝିଲି ଭିନେ ନୁହଁ ମାଟି ଓ ଆକାଶ
ଭିନେ ନୁହଁ ଶୋକ ଓ ଉଲ୍ଲାସ
ଭିନେ ନୁହଁ ସେ ଓ ମୁଁ
ଥିଲୁ, ଥିବୁ ପରସ୍ପରର ଛାଇ ମାତ୍ର ହୋଇ । ■

ମୋ: ୯୫୫୬୭୧୧୨୭୨

ମୁଁ କାହିଁକି ଲେଖେ



ପ୍ରଫେସର ବିଜୟାନନ୍ଦ ସିଂହ

# "ନିଷ୍ଠାପର ସାହିତ୍ୟସେବା ସବୁଠାରୁ ପୁଣ୍ୟ ଓ ପବିତ୍ର କାର୍ଯ୍ୟ"

ମୋ ଜୀବନ ଆରମ୍ଭ ହୁଏ ଅଖ୍ୟାତ ପଲ୍ଲୀରେ। କଟକ ଜିଲ୍ଲା ମାହାଙ୍ଗା ନିକଟସ୍ଥ ଯଶୁଆପୁର ମୋର ଜନ୍ମଭୂମି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗାଁର ପରିବେଶ। ଗାଁ ପାଖ ପଡ଼ିଆରେ କିଆଜଙ୍ଗଲ, କିଆଫୁଲ, ବର୍ଷାଦିନର କଦମ୍ବଫୁଲ, ଗ୍ରୀଷ୍ମଦିନର ମଲ୍ଲୀଫୁଲ ମୋତେ ଯେପରି ଆକର୍ଷିତ କରେ, ତାହା ଅବର୍ଣ୍ଣନୀୟ। ଗାଁ ପୋଖରୀରେ ବର୍ଷାର ଟପ୍‌ଟପ୍ ପାଣି ମୋତେ ଯେମିତି ବିହ୍ୱଳିତ କରେ, ଗଭୀର ନିଶାର୍ଦ୍ଧରେ ବର୍ଷାର ରିମ୍‌ଝିମ୍ ଶବ୍ଦ ସେହିପରି ରୋମାଞ୍ଚିତ କରେ। କୁମାର ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀର ଜହ୍ନକିରଣ ମୋତେ ପୁଲକିତ କରେ, ରଜ ଓ ଦୋଳଯାତ୍ରା ସେହିପରି ଆନମନା କରିଦିଏ। ଏହି ସବୁ ପରିବେଶ ମୋତେ ସାହିତ୍ୟ ମନସ୍କ ପିଲାଦିନରୁ କରାଇଥିଲା।

ଗାଁ ମୋ ପାଇଁ ଆନନ୍ଦ ଉତ୍ସାହର ଭୂମି। ଗାଁରେ ଯେପରି ସ୍ନେହ ଶ୍ରଦ୍ଧା, ଆନ୍ତରିକତା ଥାଏ, ତାହାର ପଟାନ୍ତର ନାହିଁ। ଗାଁ ମୋ ପାଇଁ ଅଣିମାଦି ସୁଖ, ଅଷ୍ଟବର୍ଗ ଐଶ୍ୱର୍ଯ୍ୟ। ଆତ୍ମୀୟମାନଙ୍କ ସ୍ନେହବୋଳା ଡାକ ମୋ ଲାଗି ଆଶୀର୍ବାଦ, ମା'ବାପାଙ୍କ ସ୍ନେହ ଆଦର ମୋ ପାଇଁ ଅମୃତ, ଭାଇ-ଭଉଣୀଙ୍କ ସ୍ନେହ ଅପାସୋରା, ଗାଁ ଧୂଳିମାଟି ଚନ୍ଦନ ଅବିର ସଦୃଶ। ମୁଁ ଗର୍ବିତ ଜନ୍ମମାଟି ପାଇଁ। ବିରୂପା ଅବବାହିକାରେ ଗଢ଼ି ଉଠିଥିବା ମାହାଙ୍ଗା ଭୂମି ଓଡ଼ିଶା ଇତିହାସରେ ଏକ ଗୌରବମୟ ପୃଷ୍ଠା ମଣ୍ଡନ କରିଛି। ପୁଷ୍ପଗିରି ମହାବିହାର, ଲଳିତଗିରି, ଓଳାଶୁଣି ଗୁମ୍ଫା, ସନ୍ଥ ଅରକ୍ଷିତ ଦାସଙ୍କ ସମାଧି, ସନ୍ଥ ଅଚ୍ୟୁତାନନ୍ଦଙ୍କ ଗାଦି, ସନ୍ଥ ହାଡ଼ି ଦାସଙ୍କ ସ୍ମୃତିପୀଠ ମୋତେ ଯେମିତି ଆଧ୍ୟାତ୍ମିକ ଭାବ ଭାବନାରେ ଆଲୋଡ଼ିତ କରେ, ପାଖଆଖ ଗାଁର ପଲ୍ଲୀପ୍ରକୃତି, ନଦୀନାଳ, ପର୍ବପର୍ବାଣି, ଯାନିଯାତ୍ରା ମୋ ଭିତରେ ଅହେତୁକ ଶିହରଣ ଜନ୍ମାଏ। ଆଦି ନାଟ୍ୟକାର ଜଗନ୍ମୋହନ ଲାଲ, ମନସ୍ୱୀ ପ୍ୟାରୀମୋହନ ଆଚାର୍ଯ୍ୟ, ବାଗ୍ମୀ ବିଶ୍ୱନାଥ କର, ଗଣକବି ବୈଷ୍ଣବ ପାଣି, ପଲ୍ଲୀକବି ନନ୍ଦକିଶୋର ବଳ, କବିପ୍ରାଜ୍ଞ ପ୍ରାଣକୃଷ୍ଣ ସାମଲ, ଶିଳ୍ପୀଗୁରୁ ବିମ୍ବାଧର ବର୍ମା, ସଂସ୍କାରକ ବୈରାଗୀ ମିଶ୍ର, କର୍ମବୀର ଗୌରୀଶଙ୍କର, ରାମଶଙ୍କର ସର୍ବୋପରି ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନ-ସାଧନାକୁ ପଢ଼ି ଶୁଣି ମୁଁ ଗର୍ବ ଅନୁଭବ କରିଛି। ବିରୂପାର, ଚିତ୍ରୋତ୍ପଳାର ଅଥଳ ଜଳରାଶି, ମୋ ଆଖିରେ ନୂତନ ଅଞ୍ଜନ ଲଗାଇ ଦେଇଥିଲା। କେବେ ଶାନ୍ତକୋମଳ ତ କେବେ ଭୀମଭୟଙ୍କର ଫେନିଳ ଜଳରାଶି ମୋ ଭିତରେ ମୋହନି ଜଗାଇ ଥିଲା ତ ଆଉ କେବେ ମୋ ହୃତ୍‌କମ୍ପକୁ ବଢ଼ାଇ ଦେଇଥିଲା।

ମଠ, ମନ୍ଦିରର ମାଟି ମାହାଙ୍ଗା। ଏହି ଭୂମିରେ ମୋର ଜୀବନ ଗଢ଼ି ଉଠିଛି। ପରମ୍ପରା, ମାଟି ଓ ଆକାଶ ମୋତେ ବାନ୍ଧି ରଖିଛି ଚିରକାଳ। ଏହି ପ୍ରକ୍ରିୟାରୁ ମୁଁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ। ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର, ଗାଁର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଗୋଧୂଳିରେ ଗାଈଗୋରୁ ଗୋଠରୁ ଫେରିବା, ଗାଁଦାଣ୍ଡର ଧୂଳି, ବାଡ଼ି ବରକୋଳି, ରଞ୍ଜାରେ ଫଳିଥିବା କାକୁଡ଼ି, ବର୍ଷାପାଣିରେ ଚାଳମଥାନରୁ ନିଗିଡ଼ି ଆସୁଥିବା ପାଣିସୁଅରେ ଭସାଉଥିବା କାଗଜଡ଼ଙ୍ଗାର ଦୃଶ୍ୟ, ବର୍ଷା ଋତୁରେ ମୁହଁ ସଂଜରେ ହଳଦିଆ ଜହ୍ନିଫୁଲ, ଫଗୁଣର ଆମ୍ବବଉଳ ଓ ଆମ୍ବକଷି ମୋତେ ମୁଗ୍ଧ କରେ। ଏସବୁ ଭାବଭାବନାକୁ ପ୍ରକାଶ କରିବା ପାଇଁ ମୁଁ ଯେତେବେଳେ ବ୍ୟାକୁଳ ହୁଏ, ସେତେବେଳେ ମୋ ଆଗରେ ସେହି ଅନ୍ତରଙ୍ଗ ମୁହୂର୍ତ୍ତମାନ ପ୍ରମୂର୍ତ୍ତ ହେବା ପାଇଁ କାଗଜ, କଲମର ସହାୟତା ଲୋଡ଼ନ୍ତି।

ମାହାଙ୍ଗା ସ୍କୁଲ୍‌ରେ ପାଠପଢ଼ିଲା ବେଳେ ଦେଖା ହୁଅନ୍ତି ପ୍ରଧାନ ଶିକ୍ଷକ ବିଜୟ କୁମାର ବାରିକ। ସ୍କୁଲ ପରିସରରେ ପ୍ରତି ରବିବାର ଦିନ ଗଳ୍ପ, କବିତା ନବୀନ ଲେଖକମାନେ ପାଠ କରନ୍ତି ଓ ତାହା ଆଲୋଚିତ ହୁଏ। ଏସବୁ ଦେଖି ମୁଁ ଲେଖିଲି କବିତା ଅଷ୍ଟମ ଶ୍ରେଣୀରେ।

"ନିଦରେ ନିଦରେ ଏମିତି ନିଦ
ଦେଖା ନଥିଲା କାହିଁ
ପରୀକ୍ଷା ବେଳେ ବାଘ ପରିକା
ଆସିଲା ଧାଇଁ ଧାଇଁ।"

ନବମ ଶ୍ରେଣୀରେ ପଢୁଥିଲାବେଳେ ଲେଖିଲି କେତୋଟି ମନଛୁଆଁ ଗପ ଓ ଭ୍ରମଣକାହାଣୀ, ଦଶମ ଶ୍ରେଣୀରେ ଲେଖି ବସିଲି ଗୌତମ ବୁଦ୍ଧଙ୍କ ଜୀବନୀ, ଆଉ ଏମିତି ଆଉ କିଛି ଲେଖା। ଲେଖାସବୁ ପ୍ରକାଶିତ ହେଲା, ପ୍ରଶଂସା ବି ମିଳିଲା। ପ୍ରଶଂସା ଆଣିଦେଲା ଉତ୍ସାହ। ବିଜୟ ସାର୍ ଥରେ ଗୋଟିଏ ସଭାରେ କହୁଥିଲେ, " ସାହିତ୍ୟର ସେବା ଈଶ୍ୱରଙ୍କ ସେବା। ସାହିତ୍ୟର ସେବା ଦେଶର ସେବା, ସାହିତ୍ୟର ସେବା ସମାଜର ସେବା।" ତେଣୁ ଜୀବନର ପ୍ରତିଟି ପର୍ଯ୍ୟାୟରେ ମୁଁ ସାହିତ୍ୟ ସେବାକୁ ଗୁରୁତ୍ୱ ଦେଇ ଆସିଛି। ସାହିତ୍ୟ ପଢ଼ି ମୁଁ ପାଏ ପ୍ରଚୁର ଆନନ୍ଦ। ଭଲ ବହି ଖଣ୍ଡିଏ ପଢ଼ି ସାରିଲେ ମୁଁ ଯେପରି ବିସ୍ତାରିତ ହୋଇଯାଏ, ତା'ର କଳନା କରିହେବ ନାହିଁ। ଭଲ ବହିଟିଏ ଜୀବନକୁ ମୁକ୍ତ କରିଦିଏ। ସେହିପରି ମଣିଷର ଦୁଃଖ-ଯନ୍ତ୍ରଣା, ବେଦନା, ଲୁହ ମୋ ପାଇଁ ଅସହ୍ୟ। ଦୁଃଖରୁ ମୁକ୍ତି ପାଇଁ ଗଳ୍ପ ଲେଖିବା ପାଇଁ ପ୍ରୟାସୀ ହେଲି। ଗଳ୍ପ ଲେଖିବା ପାଇଁ ଗଳ୍ପ ଲେଖେ ନାହିଁ। ଜଣେ ମଣିଷର ସ୍ଥିତି ଅବସ୍ଥା, ଦୁଃଖ-ନୈରାଶ୍ୟ ବେଦନାର ଚିତ୍ର ଆଙ୍କି ଉପଶମ ପାଏ। ମୋ ଗପ-ବେଦନା-ବଧୂର ଜୀବନର ମର୍ମଲିପି। ମୋ ଗଳ୍ପରେ ଥାଏ ଦୁଃଖୀ, ନିର୍ଯାତିତ, ଅନ୍ୟାୟର ଶିକାର ହୋଇଥିବା ମଣିଷର କରୁଣ କାହାଣୀ। ବିଶେଷ ଭାବରେ ନାରୀମାନଙ୍କ ଦୁଃଖ ମୋତେ ମର୍ମାହତ କରେ। ସମକାଳୀନ ସମାଜର ବିଧିବ୍ୟବସ୍ଥା ଏଥିପାଇଁ ଦାୟୀ। ମୋର ମନରେ ସୃଷ୍ଟି ହୁଏ ବିଦ୍ରୋହ। ଏହି ଦୁଃଖ ଯନ୍ତ୍ରଣାରୁ ମୁକ୍ତି ସହ ନୂଆ ସକାଳର ସ୍ୱପ୍ନ ଦେଖେ। ଏସବୁକୁ ସାହିତ୍ୟରେ ରୂପାୟିତ କରି ଆତ୍ମସନ୍ତୋଷ ଲାଭ କରେ। ଲେଖାଲେଖିରେ ମୁଁ ଗଭୀର ଆନନ୍ଦ ପାଏ, ବିସ୍ମୟାଭିଭୂତ ବି ହୁଏ।

ସାହିତ୍ୟ ରଚନା ମୋର ସ୍ୱତଃସ୍ଫୂର୍ତ୍ତ। ପରିସ୍ଥିତି-ପରିବେଶରୁ ପ୍ରଭାବିତ ହୋଇ ମୁଁ ସାହିତ୍ୟ ଲେଖେ। ପ୍ରବନ୍ଧ ଗବେଷଣାରେ ନୂଆକଥା ଦେଖାଇବା, ନୂଆ ଚିନ୍ତା-ଚେତନାକୁ ବିକଶିତ କରାଇବାରେ ମୁଁ ବିଶ୍ୱାସ କରେ, ଗଡ୍ଡାଳିକା ପ୍ରବାହରେ ରଚିତ ହେଉଥିବା ପ୍ରବନ୍ଧ ଆଲୋଚନା କେଜାଣି କାହିଁକି ମୋତେ ପ୍ରଭାବିତ କରିପାରେ ନାହିଁ। ସେଥିପାଇଁ ପ୍ରବନ୍ଧ ରଚନା କଲାବେଳେ ଏହି ଦିଗ ପ୍ରତି ସଚେତନ ଥାଏ।

ଜୀବନୀ ରଚନା କରିବାରେ ପାଏ ପ୍ରଚୁର ଆନନ୍ଦ। ଜଣେ ବିଶିଷ୍ଟ ଲେଖକ ବା ସାହିତ୍ୟ ସ୍ରଷ୍ଟାଙ୍କୁ ଭିନ୍ନ ରୂପରେ ଆବିଷ୍କାର କରେ। ତାଙ୍କ ଜୀବନର ମହନୀୟ ଦିଗ, ସାଧନାଦୀପ୍ତ ଜୀବନର ଅବିସ୍ମରଣୀୟ ଅଧ୍ୟାୟକୁ ଚିତ୍ରିତ କରିବା ଜୀବନୀ ରଚନାର ଲକ୍ଷ୍ୟ। ମୋର ବ୍ୟକ୍ତିଗତ ମତ, ଉପଲବ୍ଧି ଅନୁଭବ କ୍ଷେତ୍ରରେ ଯେତେ ଗଭୀର ହେବ, ଜୀବନୀ ସେତେ ଜୀବନ୍ତ ଓ ବାସ୍ତବ ହେବ। ସେଥିପାଇଁ ଲେଖୁଥିବା ଜୀବନୀର ନାୟକମାନଙ୍କ ଜନ୍ମମାଟି ଓ ସେମାନଙ୍କ ଆତଯାତ ହେଉଥିବା ବିଭିନ୍ନ କ୍ଷେତ୍ରକୁ ଯାଏ। ତାଙ୍କ ସହିତ ମିଶିଥିବା ମଣିଷମାନଙ୍କୁ ଭେଟେ, ସେମାନଙ୍କ ଉପଲବ୍ଧ ଅନୁଭବକୁ ସଂଗ୍ରହ କରିବାକୁ ଚେଷ୍ଟା କରେ। ଜୀବନୀ ରଚନା ଏକ ଜାତୀୟ କର୍ତ୍ତବ୍ୟ ବୋଲି ବିଚାର କରେ।

ସାହିତ୍ୟ ରଚନା କେବଳ ନୁହେଁ, ସାହିତ୍ୟର ପରିବ୍ୟାପ୍ତି ଓ ପ୍ରସାର ଏକାନ୍ତ ଅପରିହାର୍ଯ୍ୟ। ସାହିତ୍ୟର ବିକାଶ ହେଲେ ସମାଜ ସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇଯିବ। ସାହିତ୍ୟକୁ ବୁଝିଲେ ମଣିଷମାନଙ୍କ ଭିତରେ ଈର୍ଷା, ହିଂସା, ଦ୍ୱେଷ, ପରଶ୍ରୀକାତରତା ଲୋପ ପାଇଯିବ। ସତ୍ ସାହିତ୍ୟ ମଣିଷକୁ ଏକ ସୂତ୍ରରେ ବାନ୍ଧି ରଖିବା, ମଣିଷ ମଣିଷର ସମ୍ପର୍କକୁ ନିବିଡ଼ କରାଇବାରେ ସହାୟକ ହେବ। ତେଣୁ ସାହିତ୍ୟର ପ୍ରସାର ପାଇଁ ସଂଗଠନର ଆବଶ୍ୟକତା ଅଛି। ସେଥିପାଇଁ ସାହିତ୍ୟ ରଚନା ସହିତ ସାହିତ୍ୟର ବିସ୍ତାର ପାଇଁ ସାହିତ୍ୟ ଅନୁଷ୍ଠାନ ଗଠନ, ପ୍ରାଚୀନ ସାହିତ୍ୟ ଅନୁଷ୍ଠାନର ସଂରକ୍ଷଣ ଓ ଉନ୍ନତି ପାଇଁ ସାଧ୍ୟମତେ ପ୍ରୟାସ କରେ। ମୋର ବିଶ୍ୱାସ, ନିଷ୍ଠାପର ସାହିତ୍ୟସେବା ସବୁଠାରୁ ପୁଣ୍ୟ ଓ ପବିତ୍ର କାର୍ଯ୍ୟ। ■

ପୂର୍ବତନ ସଭାପତି
ଉତ୍କଳ ସାହିତ୍ୟ ସମାଜ, କଟକ
ମୋ: ୯୪୩୭୫୦୪୨୪୫

# ବାଲି ଓ ପଥର ଗାଡ଼ି ଜବତ

ସୋର,୨୮ ।୨(ସମିସ): ଆଜି ସକାଳେ ବାଲି ଚୋରା ଚାଲାଣ ହେଉଥିବାର ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଓ ଶିରାପୁର ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଶିରାପୁର ନିକଟରୁ ଓଡି ୦୧ ବିଇ ୯୭୭୭ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ଗାଡିକୁ ଜବତ କରିବା ସହିତ ସୋର ପୁଲିସକୁ ହସ୍ତାନ୍ତର କରିଥିଲେ। ସେହିପରି ମଧ୍ୟାହ୍ନରେ ବାଗୁଡି ପଥର ଖାଦାନରୁ ପଥର ଚୋରା ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଚିନ୍ମୟ କୁମାର ରାଉତ ଓ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ କେନାଲ ରାସ୍ତାରେ ଚଢାଉ କରିଥିଲେ। ଏହି ସମୟରେ ପଥର ବୋଝେଇ କରି ଆସୁଥିବା ଓଡି ୦୧ ବିଇ ୬୬୬୪ନମ୍ବର ବିଶିଷ୍ଟ ଏକ ପଥର ଗାଡିକୁ ଜବତ କରିଥିଲେ। ଏହି ସମୟରେ ଡମ୍ପର ଚାଳକ ତହସିଲଦାରଙ୍କୁ ଗାଡି ଚଢେଇ ଦେବାକୁ ଉଦ୍ୟମ କରିଥିଲେ। ତହସିଲଦାର ଶ୍ରୀ ରାଉତ ଗାଡିକୁ ସୋର ପୁଲିସକୁ ହସ୍ତାନ୍ତର କରିବା ସହିତ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଇଟାଭାଟି ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୨୮ ।୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ଥିବା ଏକ ଫାର୍ମ ହାଉସରୁ ସୋର ପୁଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସୂଚନା ଅନୁସାରେ ବୈଶିଙ୍ଗା ଥାନା ଦଳଦଳି ଗ୍ରାମର ବାପୁନୁ ସିଂ ଓଭରବ୍ରିଜ ନିକଟରେ ଥିବା ଏକ ଇଟାଭାଟି ଅନ୍ୟ ଶ୍ରମିକଙ୍କ ସହିତ କାମ କରନ୍ତି। ଆଜି ଅପରାହ୍ନରେ ସେ ଇଟାଭାଟିରୁ କେଉଁ ଆଡେ ନିଖୋଜ ହୋଇଯାଇଥିଲା। ଅନ୍ୟ ଶ୍ରମିକ ମାନେ ତାଙ୍କୁ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ ନିକଟରେ ଥିବା ଫାର୍ମ ହାଉସରେ ଏକ ଆମ୍ବ ଗଛରେ ବେକରେ ରଶି ବାନ୍ଧି ଝୁଲୁଥିବା ଦେଖି ଭାଟି ମାଲିକଙ୍କୁ ଖବର ଦେଇଥିଲେ। ଇଟାଭାଟି ମାଲିକଙ୍କ ନିକଟରୁ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ମାଧ୍ୟମରେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ୟୁପି ସ୍କୁଲର ବାର୍ଷିକୋତ୍ସବ

ଖଇରା,୨୮ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିଟୁଆଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ସହକାରୀ ଶିକ୍ଷୟିତ୍ରୀ ଭାମାମଣୀ ଜେନାଙ୍କ ସମେତ ପୂର୍ବରୁ କାର୍ଯ୍ୟକରିଥିବା ୬ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ମହେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଦୟାନିଧି ନାୟକ ମୁଖ୍ୟଅତିଥି, ପୂର୍ବତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ସଂସ୍କାରିତ କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦେବା ସହ ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏବିଇଓ ଲକ୍ଷ୍ମୀଧର ସିଂ, ଆଲୁମିନି ସଭାପତି ପ୍ରଶାନ୍ତ କୁମାର ଜେନା, କମିଟି ସଭାପତି ସନ୍ଧ୍ୟାରାଣୀ ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ମହେନ୍ଦ୍ର ପ୍ରସାଦ କବି, ସୁଦର୍ଶନ ପାଣି ଓ ଜନାର୍ଦ୍ଦନ ମହାପାତ୍ର, ଶିକ୍ଷକ ନେତା ଶଙ୍କର୍ଷଣ ଜେନା, ଜଗନ୍ନାଥ ମହାପାତ୍ର, ସୁଶାନ୍ତ ମହାପାତ୍ର, ଉଦୟ ନାରାୟଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉମେଶ କୁମାର ମହାପାତ୍ର ବିବରଣୀ ପାଠ, ଅଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ପରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା।



# ଉଦୟପୁର-ତାଳସାରି ବେଳାଭୂମିରୁ ନାଳି କଙ୍କଡ଼ା ଉଭାନ

ବାଲେଶ୍ୱର(ଉତ୍ତର),୨୮ ।୨(ସମିସ)





ବେଳାଭୂମିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ନାଳି କଙ୍କଡାଙ୍କ ବିଚରଣ ଏବଂ ଲୁଚକାଳି ଖେଳ। ହଜାର ହଜାର ସଂଖ୍ୟାର ନାଳି କଙ୍କଡ଼ା ଦୂରକୁ ରେଡ଼ କାର୍ପେଟ ଭଳି ଦେଖାଉଥିବାରୁ ଏହା ପର୍ଯ୍ୟଟକ ମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ଯାହା ପାଇଁ ସକାଳ ସନ୍ଧ୍ୟାରେ ସମୁଦ୍ର ବେଳଭୂମୀରେ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିଥାଏ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉଦୟପୁର-ତାଳସାରି ସମୁଦ୍ର ବେଳାଭୁମୀ ରେ ଏହି ଦୃଶ୍ୟକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ମାତ୍ର ଧିରେ ଧିରେ ଏହି ବେଳାଭୂମିରୁ ଉଭାନ ହେବାକୁ ଲାଗିଲାଣି ନାଳି କଙ୍କଡା। ବେଳାଭୂମିରେ ଅବାଧରେ ଯାନ ବାହାନ ଚଳାଚଳ ଏବଂ ସମୁଦ୍ର ପାଣିରେ ବର୍ଜ୍ୟବସ୍ତୁ ମିଶ୍ରଣ ସହିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନାଳି କଙ୍କଡ଼ା ଏହି ବେଳାଭୂମି ଛାଡ଼ି ଯିବାର କାରଣ କୁହାଯାଉଥିବା ବେଳେ ମୁଖ୍ୟତଃ ସ୍ଥାନୀୟ ଯୁବକ ମାନେ ଅର୍ଥ ରୋଜଗାର କରିବା ଲାଳସାରେ ପର୍ଯ୍ୟଟକ ମାନଙ୍କୁ ବାଇକ ଭଡ଼ାରେ ଦେଉଛନ୍ତି ଏବଂ ସେମାନେ ବେଳାଭୂମିରେ ଅବାଧରେ ବାଇକ ଚଳାଉ ଥିବାରୁ କଙ୍କଡ଼ା ମାନେ ଭୟରେ ଏହି ସ୍ଥାନ ଛାଡ଼ି ଚାଲିଯାଉଥିବା କୁହାଯାଉଛି। ଅପରପକ୍ଷରେ ଏହାକୁ ରୋକିବା ପାଇଁ ପ୍ରଶାସନ ତରଫରୁ କଟକଣା କରାଯାଇଥିଲା ବେଳେ ଏହାକୁ ବେଖାତିର କରି ସ୍ଥାନୀୟ ଯୁବକ ମାନଙ୍କ ସହାୟତାରେ ବାଇକ ଗୁଡ଼ିକ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଓଡିଶାରେ ୪୮୦ କିଲୋମିଟରରୁ ଅଧିକ ରହିଛି ସମୁଦ୍ର ବେଳାଭୂମି। ତନ୍ମଧ୍ୟରୁ ଭୋଗରାଇର ଦୁଇ ଅନନ୍ୟ ମନୋରମ ବେଳାଭୂମିର ସୌନ୍ଦର୍ଯ୍ୟ ପର୍ଯ୍ୟଟକ ମାନଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଆଉ ଏହି ବେଳାଭୂମିର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ ଘନ ଝାଉଁ ଜଙ୍ଗଲ ଏବଂ ବିସ୍ତୀର୍ଣ୍ଣ ଚୋରା ବାଲି ଉପରେ ନାଳି କଙ୍କଡାଙ୍କ ଲୁଚକାଳି ଖେଳ। ଯାହାକୁ ଉପଭୋଗ କରିବା ପାଇଁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ମାନେ ଛୁଟି ଆସିଥାନ୍ତି। ହେଲେ ଏବେ ଏହି ସୁକ୍ଷ୍ମ ଜୀବଙ୍କ ସଂଖ୍ୟା ଧୀରେ ଧୀରେ କମି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏହାର ମୁଖ୍ୟ କାରଣ ହେଉଛି ସୁରକ୍ଷା

## ବେଳାଭୂମିରେ ଅବାଧରେ ଚାଲୁଛି ଯାନ ବାହାନ

## ପ୍ରଶାସନର କଟକଣାକୁ ଫୁଁ

ଅଭାବ ଏବଂ ବେଳାଭୂମିରେ ଅବାଧ ଯାନ ବାହାନ ଚଳାଚଳ। କଙ୍କଡା ହେଉଛନ୍ତି ଅତି ସୁକ୍ଷ୍ମ ଜୀବ ଯାହା ବେଳାଭୂମୀ ବାଲିରେ ଛୋଟ ଛୋଟ ଗାତ କରି ରହିଥାନ୍ତି। କିନ୍ତୁ ଏବେ ବେଳାଭୂମିରେ ଅବାଧରେ ବାଇକ ଚାଲିବା, ବେଧଡ଼କ ଭାବେ ପ୍ରଚଣ୍ଡ ଶବ୍ଦରେ ବୋଟିଂ ହେବା ତଥା ଜଳବାୟୁ ପରିବର୍ତ୍ତନ ହେବା ଯୋଗୁଁ କ୍ରମଶଃ ଏହାର ବଂଶ ବୃଦ୍ଧି ହ୍ରାସ ପାଉଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଏହି ନାଳି କଙ୍କଡା ଆକୃଷ୍ଟ କରୁଥିବା ବେଳେ ଏହି କଙ୍କଡ଼ା ବେଳାଭୂମିର ଅପରିଷ୍କାରକୁ ସଫା କରିବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେମାନେ ବେଳାଭୂମିରେ ପଡିଥିବା ପଚାସଢା ଦ୍ରବ୍ୟ ହେଉ କିମ୍ବା ମୃତ ମାଛକୁ ସେମାନେ ଖାଇ ଦେଉଥିବାରୁ ଦୁର୍ଗନ୍ଧରୁ ବେଳାଭୂମିକୁ ମୁକ୍ତ କରୁଥିବାରୁ ପରିବେଶ ପାଇଁ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜନୈକ ପରିବେଶବିତ ମତ ଦେଇଛନ୍ତି। ତେଣୁ ଏହି ସୁକ୍ଷ୍ମ ଜୀବଙ୍କ ବଂଶବୃଦ୍ଧି ଏବଂ ବେଳାଭୂମୀର ସୌନ୍ଦର୍ଯ୍ୟ ଫେରାଇ ଆଣିବା ପାଇଁ ଅବାଧ ଯାନବାହାନ ଚଳାଚଳ ବନ୍ଦ କରିବା ସହିତ ସମୁଦ୍ର ଜଳକୁ ରସାନିୟକ ମୁକ୍ତ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକୃତି ପ୍ରେମୀ ତଥା ବିଶେଷଜ୍ଞ ମାନେ ମତପ୍ରକାଶ କରିଛନ୍ତି।ଯଦି ଏହା ସମ୍ଭବ ନହୁଏ ତେବେ ଆଗାମୀ ଦିନରେ ଏହି ନାଳି କଙ୍କଡା ଆଉ ଦେଖିବାକୁ ମିଳି ନ ପାରେ ଆଶଙ୍କା ପ୍ରକାଶ କରାଯାଉଛି। ନାଳି କଙ୍କଡାର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହିତ ପ୍ରଶାସନ ତୁରନ୍ତ ଆଗାମୀ ସ୍ଥାନୀୟ ଲୋକଙ୍କୁ ଏଥି ପ୍ରତି ସଚେତନ କରିବା ଏବଂ ଆଇନ ଉଲଂଘନ କାରୀ ମାନଙ୍କ ବିରୋଧରେ କଠୋର ରୁ କଠୋର ଦଣ୍ଡ ବିଧାନ କରିବା ପାଇଁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି।

# ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମ୍ମିଳନୀ



ଖଇରା,୨୮ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମ୍ମିଳନୀ ଶନିବାର ଦିନ ଖଇରା ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଡିଓ ନାରାୟଣ ସାହୁ ମୁଖ୍ୟବକ୍ତା, ଆଜିକାଲି ଖବରକାଗଜର ପ୍ରକାଶକ କିଶୋର ଦାସ ମୁଖ୍ୟବକ୍ତା, ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଅନ୍ତର୍ଯ୍ୟାମୀ ପାତ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଅପରାହ୍ନରେ ବୟସ୍କ ମାନେ ଚାପମୁକ୍ତ ହେବାକୁ ସାମଜିକ କାର୍ଯ୍ୟକ୍ରମ ସହ ଜଡିତ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଖଇରା ମାଟିର ଗୌରବ ଭାବେ ବିଶିଷ୍ଟ ଡାକ୍ତର ଶଶିଭୂଷଣ ରାଉତ,ଡା ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ହରେକୃଷ୍ଣ ଦାଶ, ବାଗ୍ମୀ ଡଃ ବ୍ରଜମୋହନ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ସଦସ୍ୟ ହରେକୃଷ୍ଣ କୁଅଁର ଓ ବାଞ୍ଛାନିଧି ରାଉତଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସନ୍ତୋଷ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ମାନପତ୍ର ପାଠ, ସନ୍ତୋଷ ଶତପଥୀ ଧନ୍ୟବାଦ ଅର୍ପଣ ତଥା ଅନାମ ଚରଣ ପଣ୍ଡା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ଅବକାରୀ ହାବୁଡ଼ରେ ୩ ଚୋରା ମଦ ବେପାରୀ

ଚନ୍ଦନେଶ୍ୱର,୨୮ ।୨ (ସମିସ): ଭୋଗରାଇ ଅବକାରୀ ବିଭାଗ ହାବୁଡ଼ରେ ୩ ଚୋରା ମଦ ବେପାରୀ। ତିନି ଜଣ ଯାକ ହେଉଛନ୍ତି ମହିଳା ବେପାରୀ। ସେମାନଙ୍କ ଠାରୁ ୪୮ ଲିଟର ଦେଶୀ ମଦ ଜବତ କରାଯିବା ସହିତ ପୃଥକ ମାମଲାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୋଳ ପୂର୍ଣ୍ଣିମାକୁ ଆଖି ଆଗରେ ରଖି ଅବକାରୀ ବିଭାଗ ପକ୍ଷରୁ ଏଭଳି ଅଚାନକ ଚଢ଼ାଉ କରାଯାଇଥିଲା। ଅବକାରୀ ବିଭାଗର ବାରମ୍ବାର ବିଭିନ୍ନ ସ୍ଥାନରେ ଚଢ଼ାଉ ସତ୍ୱେ ଚୋରା ମଦ ବେପାରୀମାନେ ଏଥିରୁ ନିବୃତ ନହେବା ନେଇ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବାଲେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶିକାନ୍ତ ଦତ୍ତଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅବକାରୀ ବିଭାଗ ଚଢ଼ାଉ ଅଭିଯାନ ଆରମ୍ଭ କରିଛି। ଭୋଗରାଇର ବିଭିନ୍ନ ସ୍ଥାନର ହେଉଥିବା ଚୋରା ମଦ ବେପାର ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ମଦ ବେପାରୀ ମାନଙ୍କୁ ଗିରଫ କରାଯାଇଛି। ଭୋଗରାଇ ଅବକାରୀ ଇନ୍ସପେକ୍ଟର ସୁନୀଲ କୁମାର ମାଝୀଙ୍କ ନେତୃତ୍ୱରେ ଅଭିଯାନ ଆରମ୍ଭ ଜାରି ରହିଛି। ଏଥିରେ ଭୋଗରାଇର ଦେହୁର୍ଦା ପଂଚାୟତ ଅଧୀନ ସେହି ଗ୍ରାମର ଅଭିମନ୍ୟୁ ଘଡ଼ାଇଙ୍କ ସ୍ତ୍ରୀ ଜ୍ୟୋସ୍ନା ଘଡ଼ାଇ (୪୯)ଙ୍କ ଠାରୁ ୧୯ ଲିଟର, ସରସ୍ୱତୀପୁର ଗ୍ରାମର ସ୍ୱର୍ଗତ ବଂଶୀଧର ମହାନ୍ତିଙ୍କ ସ୍ତ୍ରୀ ଅଞ୍ଜଳି (୫୧)ଙ୍କଠାରୁ ୧୬ଲିଟର ଏବଂ ସରସ୍ୱତୀପୁର ଗ୍ରାମର ଶମ୍ଭୁନାଥ ବେହେରାଙ୍କ ସ୍ତ୍ରୀ ମିନତୀ (୧୩)ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥି ସହ ସମସ୍ତ ଚୋରା ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଏଏସଆଇ ଦିଲ୍ଲୀପ ତ୍ରିପାଠୀ, ବ୍ରହ୍ମଜିତ ଦାସ ପ୍ରମୁଖ ସାମିଲ ଥିଲେ।

● ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ

# ଝାଡ଼ଖଣ୍ଡ ଚାଲାଣବେଳେ ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର, ୨୮ ।୨ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ ହୋଇଛନ୍ତି। ଝାଡ଼ଖଣ୍ଡକୁ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ବେଳେ ମାଇନିଂ ବିଭାଗ ଦ୍ୱାରା ଜବତ କରାଯାଇଛି। ତିରିଂ ଥାନା ଅଞ୍ଚଳରୁ ଲୁଫୁଂ ନିକଟରୁ ବାଲି ବୋଝେଇ ହାଇୱା ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ଚଢ଼ଉ କରି ଜବତ କରିଛନ୍ତି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଗାଡ଼ି ଅଟକାଇ ଇ-ପାସ କିମ୍ବା ଟିପି ପରମିଟି ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ଅଭିଯୋଗକ୍ରମେ ତିରିଂ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଗାଡ଼ି ଚାଳନା ଯାଞ୍ଚ କେନ୍ଦ୍ରରେ ଅଗ୍ନିକାଣ୍ଡ



ବାରିପଦା, ୨୮ ।୨(ସମିସ): ବାରିପଦା ଉପକଣ୍ଠ ରଙ୍ଗାମାଟିଆସ୍ଥ ଗାଡ଼ି ଚାଳନା ଯାଞ୍ଚ କେନ୍ଦ୍ର ପରିସରରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନୂତନ ଚାଳକଙ୍କ ଚାଳନା ଯାଞ୍ଚ ଜାରି ଥିବା ସମୟରେ କୌଣସି କାରଣରୁ ପରିସରର ଗଛପତ୍ରରେ ନିଆଁ ଲାଗିଯାଇଥିଲା। ଯାହାକୁ ବାରିପଦା ଅଗ୍ନିଶମ ବାହିନୀ ପହଞ୍ଚି ନିୟନ୍ତ୍ରଣ କରିଛନ୍ତି। ଗଛର ଶୁଖିଲା ପତ୍ରରେ କୌଣସି କାରଣ ବଶତଃ ନିଆଁ ସଂଯୋଗ ହୋଇ ବ୍ୟାପିବାରେ ଲାଗିଥିଲା। ନିଆଁ ବ୍ୟାପିବା ବେଳେ ଅଗ୍ନିଶମ ବାହିନୀ ଦୀର୍ଘ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ କାହାରି କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ଗାଡ଼ି ଯାଞ୍ଚ, ୬ ବାଇକ୍ ଜବତ

ମହୁଲଡିହା, ୨୮ ।୨(ସମିସ): ମହୁଲଡିହା ଥାନା ଚିଆଁବେଡା ଛକରେ ୨୭ ତାରିଖ ଅପରାହ୍ନ ପ୍ରାୟ ପାଞ୍ଚଟାରେ ପରିବହନ ବିଭାଗ ସ୍ଥାନୀୟ ପୁଲିସ ସହାୟତାରେ ଯାନବାହନ ଯାଞ୍ଚ କରି ୬ଟି ବାଇକ ଜବତ କରିଛି। ଏହି ସମୟରେ ଗାଡ଼ିର କାଗଜ ପତ୍ର, ସିଟ୍ ବେଲ୍ଟ ଓ ହେଲମେଟ ଯାଞ୍ଚ କରିବା ସହ ମଦୁଆଙ୍କୁ ତୁଙ୍ଗା ଫୁଙ୍କା କରାଯାଇଥିଲା। ୬ ଜଣ ମଦ୍ୟପ ଚାଳକ ତୁଙ୍ଗା ଫୁଙ୍କି ପାରି ନ ଥିଲେ। ମଦ ନିଶାରେ ଗାଡ଼ି ଚଳାଇବା ଅଭିଯୋଗରେ ୬ଟି ବାଇକ ଜବତ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ ପରିବହନ ବିଭାଗ ଅଧିକାରୀଙ୍କ ସହ ଥାନା ଆଇଆଇସି ତୁଷାର ନାୟକ, ଏଏସଆଇ ସନ୍ତୋଷ ନାୟକ, ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀ ସାମିଲ ଥିଲେ।

ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

# ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

ମାଣତ୍ରୀ/ବଡ଼ସାହି, ୨୮ ।୨(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ହାଟ ଛକରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥବାବେଳେ ଆଜି ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ଶବକୁ ରାସ୍ତା ମଝିରେ ରଖି ଗାଁ ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବାବେଳେ



ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା, ବଡ଼ସାହି ବିଧାୟକ ସନାତନ ବିଜୁଳୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକ ଜଣକ ସରୋଜ ନାଏକ(୨୫)। ସେ ସ୍ଥାନୀୟ ଫେବ୍ରିକେସନ ଦୋକାନରେ କାମ କରନ୍ତି। ସରୋଜ ଶୁକ୍ରବାର ସକାଳେ ଦୋକାନ ସମ୍ମୁଖ ରାସ୍ତାକୁ ଆସୁଥିବାବେଳେ ଦ୍ରୁତଗାମୀ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଣତ୍ରୀ ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ ମେଡିକାଲ, କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ସୋର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳ ମାଣତ୍ରୀ ହାଟ ଛକରେ ଦୋକାନ ରାସ୍ତା ଉପରକୁ ମାଡି ଆସୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପୁଲିସ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପରିବାର ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଜରୁରୀ ଆବଶ୍ୟକ ବୋଲି ମୃତକ ସ୍ତ୍ରୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ୭ରୁ

ବାରିପଦା, ୨୮ ।୨(ସମିସ): ଓଡ଼ିଶା ରାଜ୍ୟ ବାର କାଉନସିଲ ଅନୁବନ୍ଧିତ ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କର୍ମକର୍ତ୍ତାଙ୍କ ନିର୍ବାଚନ ମାର୍ଚ୍ଚ ମାସ ଶେଷ ଶନିବାର ଅର୍ଥାତ୍ ମାର୍ଚ୍ଚ ୨୮ ତାରିଖରେ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ଆଗାମୀ ମାର୍ଚ୍ଚ ୭ ତାରିଖରୁ ୯ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ, ୧୦ ତାରିଖରେ ଦାଖଲ ପ୍ରାର୍ଥୀପତ୍ରର ତାଲିକା ପ୍ରକାଶ, ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୨ ତାରିଖରେ ବୈଧପ୍ରାର୍ଥୀଙ୍କ ତାଲିକା ପ୍ରକାଶ, ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୪ ତାରିଖରେ ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ସେହିପରି ଆଗାମୀ ମାର୍ଚ୍ଚ ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟା ଠାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାର ପରେ ଅପରାହ୍ନ ୪ଟା ପରଠାରୁ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବା ପରେ ନିର୍ବାଚନ ଫଳାଫଳର ବିଜ୍ଞପ୍ତି ପ୍ରକାଶ ପାଇବ। ବାରିପଦା ଜିଲ୍ଲା ଓକିଲ ସଂଘରଏହି ବାର୍ଷିକ ନିର୍ବାଚନ ପରିଚାଳନା କରିବା ସକାଶେ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତିଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି।

# ଯାତ୍ରୀଙ୍କ ସମସ୍ୟା ସାଜିଛି ଟାଟା-ବାଦାମପାହାଡ଼ ଟ୍ରେନ୍

ରାଇରଙ୍ଗପୁର, ୨୮ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଅଟେ। ଲୋକେ ଯାତାୟାତ ପାଇଁ ଟ୍ରେନ ଉପରେ ନିର୍ଭରଶୀଳ ଥିବାବେଳେ ଚଳାଚଳ ସମୟ ସାରଣୀ ଯାତ୍ରୀଙ୍କ ପାଇଁ ସମସ୍ୟାର କାରଣ ସାଜିଛି। ଟ୍ରେନ ପ୍ରତିଦିନ ଦିନ ବିଳମ୍ବିତ ରାତିରେ ରାଇରଙ୍ଗପୁର ପହଞ୍ଚୁଛି। ଯାହାର କୌଣସି ସମାଧାନ ହେଉନାହିଁ। ଟାଟା ନିକଟତମ ପେଣ୍ଠସ୍ଥଳ ଥିବାବେଳେ ଅନେକ ଲୋକେ ନିୟମିତ ଟାଟା ଯାତାୟାତ କରିଥା'ନ୍ତି। ଏଥିସହିତ ଟାଟା ରେଳ ଷ୍ଟେସନ ମୁଖ୍ୟ ରେଳ ଷ୍ଟେସନ ଥିବାବେଳେ ଅନ୍ୟ ଦୂରଗାମୀ ଟ୍ରେନ ଧରିବାକୁ ଲୋକେ ନିର୍ଭର କରନ୍ତି। ଯାହାକୁ ନେଇ ଟାଟା-ବାଦାମପାହାଡ଼ ଟ୍ରେନ ଚଳାଚଳ କରୁଛି। କିନ୍ତୁ ସମୟ ସାରଣୀ ଅସୁବିଧା ସୃଷ୍ଟି କରୁଛି।

■ ଚଳାଚଳ ସମୟ ପାଇଁ ସୃଷ୍ଟି ହେଉଛି ସମସ୍ୟା
■ ବିଳମ୍ବିତ ରାତିରେ ରାଇରଙ୍ଗପୁରରେ ପହଞ୍ଚୁଛି
■ ସବୁ ଜାଣି ଜନପ୍ରତିନିଧି ଚୁପ, ଧନ୍ଦୀ ହେଉଛନ୍ତି ଯାତ୍ରୀ




ଉକ୍ତ ଟ୍ରେନଟି ବିଳମ୍ବିତ ରାତିରେ ପହଞ୍ଚି ପୁଣି ଟାଟା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାଏ। ଟାଟାରୁ ଭୋରରୁ ଟ୍ରେନ ବାହାରି ବାଦାମପାହାଡ଼ ହୋଇ ରାଇରଙ୍ଗପୁରରେ ପହଞ୍ଚି ପୁଣି ଟାଟା ଠିକ୍ ସମୟରେ ପ୍ରତ୍ୟାବର୍ତ୍ତନ କରିଥାଏ। ତାହା ଦ୍ୱିତୀୟଥର ଆସିବା ପରେ ପ୍ରତ୍ୟାବର୍ତ୍ତନ କରିବା ବେଳକୁ ବିଳମ୍ବ ହେବା ଆରମ୍ଭ ହୋଇଥାଏ। ବାଦାମପାହାଡ଼ରୁ ପୂର୍ବାହ୍ନ ୧୦ରେ ବାହାରି ରାଇରଙ୍ଗପୁର ୧୧ଟା ସମୟରେ ଓ ଟାଟାରେ ଅପରାହ୍ନ ୧ଟାରେ ପହଞ୍ଚିବା ସମୟ ସାରଣୀ ରହିଛି। କିନ୍ତୁ ତାହା ଘଣ୍ଟାଏ ବିଳମ୍ବରେ ଟାଟାରେ ପହଞ୍ଚିଥାଏ। ସେହିପରି ସନ୍ଧ୍ୟା ୬ଟାରେ ଟାଟାରୁ ବାହାରି ରାଇରଙ୍ଗପୁରରେ ୮ଟାରେ ପହଞ୍ଚିବା ଓ ବାଦାମପାହାଡ଼ ୮:୫୦ଟାରେ ପହଞ୍ଚିବା ସମୟ ରହିଛି। କିନ୍ତୁ ତାହା ମଧ୍ୟ ପ୍ରାୟ ଘଣ୍ଟାଏ ବିଳମ୍ବରେ ପହଞ୍ଚିଥାଏ। ରାତିରେ ପ୍ରତ୍ୟାବର୍ତ୍ତନ କରିବା ବିଳମ୍ବିତ ସମୟ ସାରଣୀ ଯାତ୍ରୀଙ୍କୁ ବେଶୀ କଷ୍ଟଦାୟକ ହେଉଛି। ବାଦାମପାହାଡ଼ରୁ ରାତି ୯:୧୦ରେ ବାହାରି ରାଇରଙ୍ଗପୁରରେ ୯:୪୦ ଓ ଟାଟାରେ ରାତି ୧୧:୨୦ରେ ପହଞ୍ଚିବାର ସମୟ ରହିଛି। କିନ୍ତୁ ତାହା ରାତି ୧ଟାରେ ଟାଟାରେ ପହଞ୍ଚୁଛି। ନିୟମିତ ଭାବେ ଏପରି ବିଳମ୍ବିତ ସମୟ ସାରଣୀରେ ଟ୍ରେନ ଚଳାଚଳ କରୁଛି।

ରାତିରେ ଟ୍ରେନରେ ଅଧିକାଂଶ ଲୋକେ ଟାଟାକୁ ଯାଇ ଅନ୍ୟ ଟ୍ରେନ ଧରିଥା'ନ୍ତି। କିନ୍ତୁ ବିଳମ୍ବ ଯୋଗୁଁ ତାହା ଧରିବା ମଧ୍ୟ ଅସମ୍ଭବ ହେଉଛି। ରାଇରଙ୍ଗପୁର ଷ୍ଟେସନ କିମ୍ବା ଟ୍ରେନରେ ଜିଆରପି ନ ଥିବାବେଳେ ସୁରକ୍ଷା ବ୍ୟବସ୍ଥା ନାହିଁ। ବିଳମ୍ବିତ ରାତିରେ ପରିବାର ଲୋକଙ୍କୁ ନେଇ ଯାତ୍ରା କରିବା ବିପଦଜନକ ସାଜିଛି। ବିଳମ୍ବିତ ରାତିରେ ଟ୍ରେନରୁ ଓହ୍ଲାଇବା ପରେ ଲୋକେ ଭୟଭୀତ ଅବସ୍ଥାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବାବେଳେ ରେଳ ସମସ୍ୟାରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଗତ ମାସକରୁ ଊର୍ଦ୍ଧ୍ୱ ହେବ ଟ୍ରେନଟି ବିଳମ୍ବିତ ଚଳାଚଳ କରୁଛି। ଯାହାକି ଯାତ୍ରୀଙ୍କ ପାଇଁ ଅସମ୍ଭାଳ ହୋଇପଡ଼ିଛି। ଉକ୍ତ ସମସ୍ୟା ଜାଣି ମଧ୍ୟ ସାଂସଦ, ବିଧାୟକ ସମସ୍ୟା ସମାଧାନ କରିବା ବଦଳରେ ଚୁପ ହୋଇ ଦେଖଣାହାରି ସାଜିଛନ୍ତି। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।

### ମାଟ୍ରିକ୍ ପରୀକ୍ଷାରେ ଅନୁପସ୍ଥିତଙ୍କ ସଂଖ୍ୟା ବୃଦ୍ଧି ନେଇ ବଢୁଛି ଚିନ୍ତା

# ୫ଟି ପରୀକ୍ଷାରେ ୪ ହଜାର ଛାତ୍ରଛାତ୍ରୀ ଅନୁପସ୍ଥିତ

ବାଲେଶ୍ୱର,୨୮ ।୨(ସମିସ)

ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା । ଏହି ପରୀକ୍ଷା ମାର୍ଚ୍ଚମାସ ୨ତାରିଖରେ ଶେଷ ହେବ । ଏହାରି ମଧ୍ୟରେ ଶେଷ ହୋଇଛି ମାତୃଭାଷା, ଇଂରାଜୀ, ସଂସ୍କୃତ, ବିଜ୍ଞାନ ଏବଂ ଇତିହାସ ଓ ଭୂଗୋଳ ପରୀକ୍ଷା । ଆସନ୍ତା ୨ତାରିଖରେ ଗଣିତ ପରୀକ୍ଷା ହେବ । ହେଲେ ଅନୁଷ୍ଠିତ ହୋଇ ସାରିଥିବା ପରୀକ୍ଷାରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତି ଏବେ ଶିକ୍ଷା ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅନ୍ୟପଟେ ଦେଖିବାକୁ ଗଲେ ଚଳିତ ବର୍ଷ ଜିଲ୍ଲାର ମୋଟ ୧୮୩ଟି ସେଂଟରରେ ୩୨ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି ।

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାରେ ୩୧ହଜାର ୪୯୧ଜଣ ରେଗୁଲାର ଛାତ୍ରଛାତ୍ରୀ ଥିବା ବେଳେ ସେଥିମଧ୍ୟରୁ ୩୧ହଜାର୪୧ଜଣ ଫର୍ମଫିଲପ କରିଛନ୍ତି । ଏହାଛଡା ଏକ୍ସ ରେଗୁଲାର, ଏସଆଇଓଏସ, ଏସଆଇଓଏସ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୩୨୨୫୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଏଥିରେ୨୬ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀ ଥିବା ବେଳେ ଏସଆଇଓଏସ ରେ ୨୮୬ଜଣ, ଏସଆଇଓଏସ ଏକ୍ସ ରେଗୁଲାରରେ ୯୩ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୧୩ଜଣ କରେସପଣ୍ଡେଟ ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି । ପରୀକ୍ଷା ଆରମ୍ଭ ହେବା ଠାରୁ ଏ ପର୍ଯ୍ୟନ୍ତ ୫ଟି ପରୀକ୍ଷା ଶେଷ ହୋଇଛି । ବାକି ରହିଛି ଗୋଟିଏ ପରୀକ୍ଷା । ସରିଥିବା ପରୀକ୍ଷାକୁ ଦେଖିଲେ ଚଳିତ ବର୍ଷ ଜିଲ୍ଲାରେ ୪ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ସେଥିମଧ୍ୟରୁ ରେଗୁଲାର ପରୀକ୍ଷାରେ ୩ହଜାରରୁ ଅଧିକ । ଚଳିତ ବର୍ଷ ରେଗୁଲାର ମାତୃଭାଷା ରେଗୁଲାର ପରୀକ୍ଷାରେ ୭୨୩ଜଣ ଅନୁପସ୍ଥିତ ରହିଥିବା ବେଳେ ଇଂରାଜୀ ପରୀକ୍ଷାରେ ୬୬୮, ସଂସ୍କୃତ ପରୀକ୍ଷାରେ ୭୦୪, ବିଜ୍ଞାନ ପରୀକ୍ଷାରେ ୭୦୯ ଏବଂ ଇତିହାସ ଓ ଭୂଗୋଳ ପରୀକ୍ଷାରେ ୭୨୩ଜଣ ଅନୁପସ୍ଥିତ ରହିଛନ୍ତି । ତେବେ ମୋଟ ଉପରେ ରେଗୁଲାର ପରୀକ୍ଷାରେ ୩ହଜାର୪୬୦ଜଣ ପରୀକ୍ଷାର୍ଥି ଅନୁପସ୍ଥିତ ରହିଛନ୍ତି । ସେହିଭଳି ମଧ୍ୟମା ପରୀକ୍ଷାରେ ମାତୃଭାଷାରେ ୧୪୨, ସଂସ୍କୃତ ପରୀକ୍ଷାରେ୧୪୪, ଇଂରାଜୀ ପରୀକ୍ଷାରେ ୧୩୬, ବିଜ୍ଞାନ ପରୀକ୍ଷାରେ ୧୪୫ ଏବଂ ଇତିହାସ ଓ ଭୂଗୋଳ ପରୀକ୍ଷାରେ ୧୪୪ଜଣ ଅନୁପସ୍ଥିତ ରହିଛନ୍ତି । ତେବେ ମୋଟ ଉପରେ ଏହି ପରୀକ୍ଷାରେ ୭୧୧ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଅନ୍ୟପଟେ ଏସଆଇଓଏସ ପରୀକ୍ଷାରେ ମାତୃଭାଷାରେ ୩୭, ସଂସ୍କୃତ ପରୀକ୍ଷାରେ ୪, ଇଂରାଜୀ ପରୀକ୍ଷାରେ ୩୫, ବିଜ୍ଞାନ ପରୀକ୍ଷାରେ ୩୩ ଏବଂ ଇତିହାସ ଓ ଭୂଗୋଳ ପରୀକ୍ଷାରେ ୩୨ଜଣ ଅନୁପସ୍ଥିତ ରହିଛନ୍ତି । ମୋଟ ଉପରେ ଏହି ପରୀକ୍ଷାରେ ୧୪୧ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଏହି ସମସ୍ତ ପରୀକ୍ଷାକୁ ମିଶାଇଲେ ଜିଲ୍ଲାରେ ଏହି ୫ଟି ପରୀକ୍ଷାରେ ମୋଟ ୪ହଜାର ୩୩୨ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଏବେ ପ୍ରଶ୍ନ ଆସୁଛି ଚଳିତ ବର୍ଷ ପରୀକ୍ଷାରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବାର ମୁଖ୍ୟ କାରଣ କ'ଣ । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏନେଇ କୌଣସି କାରଣ ଖୋଜାଯାଉଛି କି ନାହିଁ ତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଅବସରପ୍ରାପ୍ତ ଶିକ୍ଷକ କୁମାରଚନ୍ଦ୍ର ମିଶ୍ର କହିଛନ୍ତି ଯେ, ମୁଖ୍ୟତଃ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ହୋଇଯାଇଛି । ଯାହାଫଳରେ ଶିକ୍ଷକମାନେ କୌଣସି ପ୍ରକାର ରିସ୍କ ନେଉ ନାହାନ୍ତି । ଏହାକେବଳ ବାଲେଶ୍ୱରରେ ଘଟଣା ନୁହେଁ ବରଂ ସାରା ଓଡ଼ିଶାରେ ଏଭଳି ଘଟଣାମାନ ଘଟୁଛି । ପୂର୍ବରୁ ପାସ, ଫେଲ ସିଷ୍ଟମ ରହିଥିଲା ଏବେ କିନ୍ତୁ ତାହା ନାହିଁ । ଫଳରେ ପିଲାମାନଙ୍କ ମଧ୍ୟରେ ଡର ସମ୍ପୂର୍ଣ୍ଣ ଭାବେ ଉଠିଯାଇଛି । ପୂର୍ବରୁ ପିଲାମାନଙ୍କୁ ପ୍ରିଟେଷ୍ଟ, ଟେଷ୍ଟ ପରୀକ୍ଷା କରାଯାଇ ତାଙ୍କୁ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଉଥିଲା । ହେଲେ ଏବେ ସେଇ ସବୁ ନଥିବାରୁ ପିଲାମାନଙ୍କ ମଧ୍ୟରେ ସେଇ ଭୟ ଆଉ ରହୁନାହିଁ । ଫଳରେ ସେମାନେ ସିଧାସଳଖ ପରୀକ୍ଷାକୁ ଯାଉଛନ୍ତି । ଅନ୍ୟପଟେ ଅନୁପସ୍ଥିତ ପିଲାମାନଙ୍କର କେବଳ ଡାଟା ଖୋଜିଲେ ହେବନି ବରଂ ସେମାନଙ୍କର ଦୁର୍ବଳତାକୁ ଖୋଜିବା ଦରକାର ଯାହାଦ୍ୱାରା ଏଭଳି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି ।

### ● ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ

## ଡିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ




ଜଳେଶ୍ୱର, ୨୮।୨ (ସମିସ): ଜଳେଶ୍ୱର ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକଦିବସୀୟ ଡିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଅଞ୍ଜଳି ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ନିଟ୍ କମ୍ପ୍ୟୁଟର ସେଣ୍ଟରର ଅଧ୍ୟକ୍ଷ ରଂଜନ କୁମାର ଘୋଷ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଆଜିର ସମୟରେ ଡିଜିଟାଲ ସ୍ୱାକ୍ଷରତା ଜ୍ଞାନ ବିନା ଛାତ୍ରଛାତ୍ରୀ ସମୟ ସହିତ ତାଳ ଦେଇ ଆଗକୁ ବଢିବା ସମ୍ଭବ ନୁହେଁ ବୋଲି ମତ ପୋଷଣ କରିବା ସହିତ ତାର ଗୁରୁତ୍ୱ ଓ ମୂଲ୍ୟବୋଧ ବିଷୟରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜାତୀୟ ସେବା ଯୋଜନାର ସଂଯୋଜିକା ସୁରତୀ ଦେ ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଭାପତି ମହୋଦୟା ତାଙ୍କର ଅଭିଭାଷଣରେ ଡିଜିଟାଲ ସ୍ୱାକ୍ଷରତା କିପରି ବର୍ତ୍ତମାନ ସମୟରେ ଅତ୍ୟନ୍ତ ଜରୁରୀ ହୋଇ ପଡିଛି ସେ ବିଷୟରେ ଧାରଣା ପ୍ରଦାନ କରିଥିଲେ । ଶେଷରେ ଶିକ୍ଷା ବିଭାଗର ଅଧ୍ୟାପିକା ଚନ୍ଦ୍ରଲେଖା ମହାକୁଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ ।

## ରାଣୀପାଟଣା ଦୃଷ୍ଟିହୀନ ଓ ମାନସିକ ପକ୍ଷାଘାତ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ




ବାଲେଶ୍ୱର,୨୮।୨(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ'ଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହେଇଯାଇଛି । ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସଦର ଏବିଓ ଶୁଭେନ୍ଦୁ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବରେ ପଙ୍କଜ ଦାସ ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ, ଭିଜନ ଏମ୍ପୋୱେରମେଣ୍ଟର ତୃପ୍ତିସୁଧା ପରିଡା ଉପସ୍ଥିତ ଥିଲେ । ଅତିଥିମାନେ ବିଜ୍ଞାନ ଦିବସ ପାଳନ ଓ ନୋବେଲ ପୁରସ୍କାର ପ୍ରାପ୍ତ ବୈଜ୍ଞାନିକ ସାର ସି ଭି ରମଣଙ୍କ ବିଜ୍ଞାନ ପ୍ରତି ବଳିଷ୍ଠ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଇଥିଲା । ଛାତ୍ରଛାତ୍ରୀ ଇତି କ୍ରୀଷ୍ଟା ଭଞ୍ଜ, ମାହେଶ୍ୱରୀ ପ୍ରଧାନ, ମନିଷା ଟୁଡୁ, ମେଘନା ସିଂ, ସୁମିତ୍ରା ସିଂ, ସୁଲଚନା ସିଂ, ସରସ୍ୱତୀ ମୁର୍ମୁ, ରାଜକିଶୋର ସିଂ, ଅଶ୍ୱିନୀ ନାଏକ, ଶିବ ଗଙ୍ଗେଇ, ରାହୁଲ ସିଂ, ପହଲା ମୁର୍ମୁ, ବାପୁନି ଜେନା, ସିତୁ ଦାସ, ଦିନେଶ ସିଂ ଓ ଲକ୍ଷ୍ମଣ ମୁଣ୍ଡାଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପକୁ ବୁଲି ଦେଖିବା ସହିତ ସମସ୍ତ ତଥ୍ୟ ପଚାରି ବୁଝିଥିଲେ ।

### ନବନିର୍ମାଣ କୃଷକ ସଂଗଠନର ସାମ୍ବାଦିକ ସମ୍ମିଳନୀ

## ୨୨ରୁ ୩୧ ରାଜ୍ୟସ୍ତରୀୟ 'କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ'




ବାଲେଶ୍ୱର,୨୮ ।୨(ସମିସ): ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଧାନ ମଣ୍ଡିରେ ଅହେତୁକ ସମସ୍ୟା ଦେଖିବାକୁ ମିଳୁଛି । ମଣ୍ଡିରେ ସଠିକ ଭାବେ ଧାନ ଉଠୁନଥିବା ବେଳେ ବହୁ ପଞ୍ଜିକୃତ ଚାଷୀମାନଙ୍କର ଟୋକନ ଲାପ୍ସ ହୋଇଯାଇଥିବା ବେଳେ କିଛି ଚାଷୀଙ୍କର ଟୋକନ ଲାପ୍ସ ହେବାକୁ ବସିଛି । ରାଜ୍ୟ ସରକାର ୮ଶହ ଟଙ୍କା ସବସିଡ଼ି ଦେବା ଶ୍ରେୟରେ ଚାଷୀମାନଙ୍କୁ ଶୋଷଣ କରିବା ସହ ୨୧ଦଫା ଦାବି ନେଇ ଆସନ୍ତା ମାସ ୨୨ତାରିଖ ଠାରୁ ୩୧ତାରିଖ ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ 'କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ' ଅନୁଷ୍ଠିତ ହେବ ବୋଲି ଆଜି ଉଠାଜଳସେଚନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଏହି ଅବସରରେ ନବ ନିର୍ମାଣ କୃଷକ ସଂଗଠନ ଦାବି କରିଛି ଯେ, ବିଜେପି ସରକାର ୬୦ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ୩୫ଶହ ଟଙ୍କା ଦେବାକୁ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି । ଏଥିପାଇଁ ବଜେଟରେ ଏହାକୁ ସାମିଲ କରନ୍ତୁ । ଏହାଛଡା ଧାନର ଏମଏସପି ଅତି କମରେ ୫ହଜାର ଟଙ୍କା ଘୋଷଣା କରାଯାଉ ଏବଂ ଏହା ସହିତ ଅନ୍ୟାନ୍ୟ ୨୩ଟି ଫସଲ ଉପରେ ଡବଲ ଇଞ୍ଜିନର କେନ୍ଦ୍ର ସରକାର ଏମଏସପି ନିର୍ଦ୍ଧାରଣ କରୁ, ସରକାର ମଣ୍ଡିର ଅବ୍ୟବସ୍ଥାକୁ ସୁଧାର କରି ଏଫଏକ୍ୟୁ ନାମରେ ଚାଷୀଙ୍କର କଟନି ଛଟନି ଆଦି ବନ୍ଦ କରି ଚାଷୀର ସମସ୍ତ ଧାନକୁ ଏମଏସପି ସହିତ ଘୋଷଣା କରିଥିବା ଅତିରିକ୍ତ ୮ଶହ ଟଙ୍କା ଇନପୁଟ ସହାୟତା ମିଶାଇ ପ୍ରଦାନ କରାଯାଉ । ଏହାଛଡା ସରକାର ଘୋଷଣା କରିଥିବା ୧୫୦ କ୍ୱିଣ୍ଟାଲ ପରେ ଆଉ ଇନପୁଟ ସହାୟତା ୮ଶହ ଟଙ୍କା ନଦେବାକୁ ଅପସାରଣ କରୁ । ଧାନ ମଣ୍ଡି ଭଳି କପା, ମକା ଓ ପାନ ହେଉଥିବା ଅଂଚଳରେ କପା, ପାନ ଓ ମକା ମଣ୍ଡି ସ୍ଥାପନ କରାଯାଉ, ବିଗତ ଦିନରେ ଭାରତ ସରକାର ଆମେରିକା ସହିତ କରିଥିବା ଚୁକ୍ତି ଗୁଡିକ ତୁରନ୍ତ ବାତିଲ କରୁ, ୨୦୨୮ ମସିହା ପୂର୍ବରୁ ସମସ୍ତ ଜମିରେ ଜଳସେଚନ କରିବାର ବ୍ୟବସ୍ଥା କରାଯାଉ, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର କରାଯାଉ, ରିଲିଫ କୋର୍ଡକୁ 'କ୍ଷତି ଯେତେ ଦିଅ ସେତେ' ଆଧାରରେ ସଂଶୋଧନ କରାଯାଉ, ଫସଲ ନଷ୍ଟ କରୁଥିବା ମାଙ୍କଡ, ଷଣ୍ଢ, ବାରହା, ହରିଣ ଓ ହାତୀ ଆଦି କବଳରୁ ରକ୍ଷା ପାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉ, ଭାଗ ଚାଷୀଙ୍କୁ ଭାଗ ଚାଷୀର ମାନ୍ୟତା ପ୍ରଦାନ କରାଯାଉ, ଚାଷୀଙ୍କୁ ସମ୍ପୂର୍ଣ୍ଣ ବିଜୁଳି ଶୁଳ୍କ ମୁକ୍ତ କରାଯାଉ ଏବଂ ସାଧାରଣ ବିଦ୍ୟୁତ ଗ୍ରାହକଙ୍କୁ ଶହେ ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ କରାଯାଉ, ଖଣି, ଜମି, ଜଳ ଓ ଜଙ୍ଗଲ ଉପରେ ମୂଳ ଅଧିବାସୀର ଅଧିକାରକୁ ମାନ୍ୟତା ପ୍ରଦାନ କରାଯାଉ, ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତ କରାଯାଉ ଆଦି ୨୧ଦଫା ଦାବି ଉପସ୍ଥାପନ କରାଯାଇଥିଲା । ନବ ନିର୍ମାଣ କୃଷକ ସଙ୍ଗଠନର ଜିଲ୍ଲା ସଂଯୋଜକ ରଣଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଭାତ କୁମାର ବାରିକ, ଉଗ୍ରସେନ ଦାସ, ଦେବବ୍ରତ ବାରିକ, କୃଷକ ନେତା କେଶରି ମୋହନ ଦାସ, ସନାତନ ସାହାଣି, ଜ୍ୟୋସ୍ନା ମହାନ୍ତି, ବରେନ୍ଦ୍ର ପ୍ରଧାନ, ସୁରଜିତ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମଣ୍ଡିରେ ଧାନକିଣାକୁ ନେଇ ଚାଷୀ ଅସନ୍ତୋଷ



ରେମୁଣା,୨୮।୨(ସମିସ): ରେମୁଣା ଏନ୍ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡରେ ଥିବା ନରହରିପୁର ସେବା ସମବାୟ ସମିତିରେ ଧାନକିଣାକୁ ନେଇ ଚାଷୀମାନଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳୁଛି । ମୋଟ ୭୮୬ ଚାଷୀ ପଞ୍ଜୀକରଣ କରିଥିବାବେଳେ ସେଥିମଧ୍ୟରୁ ୩୩୯ ଜଣ ଚାଷୀ ୧୦୫୭୦ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି । ଅବଶିଷ୍ଟ ୪୪୭ ଜଣ ଚାଷୀ ୯୬୯୮ କ୍ୱିଣ୍ଟାଲ ଧାନ ଦେବାକୁ ଅପେକ୍ଷାରେ ଅଛନ୍ତି । ଚାଷୀ ମାନଙ୍କୁ ଯେଉଁ ଟୋକନ ସମୟ ଦିଆ ଯାଇଥିଲା ସେହି ସମୟ ଅତିବାହିତ ହୋଇସାରିଛି ବୋଲି ଚାଷୀମାନେ କହିଛନ୍ତି । ଚାଷୀମାନେ ଧାନ ନେଇ ଆସିଛନ୍ତି ଧାନ ପଡ଼ିରହିଛି କିନ୍ତୁ ୫ ଦିନ ଧରି ମିଲର ମାନେ ଆସୁନାହାନ୍ତି କି ମିଲର ମାନେ ନେଉନାହାନ୍ତି । କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ୩୧ ମାର୍ଚ୍ଚ ତାରିଖ ସୁଦ୍ଧା ଦଶ ହଜାର କୁଇଣ୍ଟାଲ ଧାନ ନିଆଯିବ । ମାର୍ଚ୍ଚ ମାସ ଶେଷ ସୁଦ୍ଧା ୪୪୭ ଜଣ ଚାଷୀ ମାନଙ୍କ ପାଖରୁ ଯଦି ଧାନ ନ ନିଅନ୍ତେ ତାହାଲେ ସମସ୍ତ ଚାଷୀ ଏବଂ ବୋଡର୍ ମେମ୍ବର ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଭାପତି ଅନିରୁଦ୍ଧ ଲେଙ୍କା କହିଛନ୍ତି । ପ୍ରଭାତ କୁମାର ସାହୁ, ସୀତାରାମ ଦାସ, ପ୍ରଶାନ୍ତ ମଲ୍ଲିକ, ମନରଞ୍ଜନ ମହାପାତ୍ର, ରୁଦ୍ର କୁମାର ସିଂହ, ପ୍ରଫୁଲ୍ଲ କୁମାର ମହାପାତ୍ର, ଭାସ୍କର ମହାପାତ୍ର ଉପସ୍ଥିତ ଥିଲେ ।

## ପ୍ରଣାମ ଭାରତ ପକ୍ଷରୁ ନିଯୁକ୍ତି ମେଳା



ଜଳେଶ୍ୱର ବ୍ଲକ, ୨୮।୨ (ସମିସ): ଜଳେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ କଲେଜରେ ପ୍ରଣାମ ଭାରତ ପକ୍ଷରୁ ନିଯୁକ୍ତି ମେଳା ପ୍ରଣାମ ଭାରତ ର ସଂଯୋଜକ ପରମାନନ୍ଦ ମହାପାତ୍ରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଣାମ ଭାରତ ପକ୍ଷରୁ ନିଯୋକ୍ତି ମେଳାକୁ ପ୍ରଣାମ ଭାରତର ସଭାପତି ତ୍ରିଭୁବନ ଦାସଙ୍କ ସଭାପତିତ୍ୱରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜଳେଶ୍ୱର ଥାନାର ଆଇଆଇସି ଅଶୋକ କୁମାର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇ.ଏଫ.ବି ଇଣ୍ଡରଷ୍ଟିଟ ଲିମିଟେଡ କମ୍ପାନୀର ସିନିଅର ଏଚ୍ ଆର ତାପସ କୁମାର ଡିଗର, ଏସିଷ୍ଟାଣ୍ଟ ଏଚ ଆର ଚିତ୍ତରଞ୍ଜନ ଦାସ, ବଶିଷ୍ଟ ଅଧିକାରୀ ବିନୋଦ ମହାରଣା, ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ନୃସିଂହ ପ୍ରସାଦ ଦାସ ମହାପାତ୍ର, ସାମ୍ବାଦିକ ସୁକୁମାର ରଣା, ଫାଲଗୁନୀ ପାଣଗ୍ରାହୀ, ସମୀର ପାତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଣାମ ଭାରତ ସହଯୋଗରେ ବେଙ୍ଗାଲୁରୁ ଆଇ.ଏଫ.ବି.ଇଣ୍ଡଷ୍ଟ୍ରି ଲିମିଟେଡ କମ୍ପାନୀ ପକ୍ଷରୁ ବାଲେଶ୍ୱର ଜିଲ୍ଲାରୁ ମାଟ୍ରିକ, ଆଇଟିଆଇ ଓ +୨ ଶିକ୍ଷାଗତ ଯୋଗ୍ୟତା ଭିତିରେ ୨ ଶହ ଜଣ ପିଲାଙ୍କୁ ନିଯୁକ୍ତି ଦେବାର ଚୁକ୍ତି କରିଛି । ଜଳେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ କଲେଜର ଡାଇରେକ୍ଟର ଡ. ପ୍ରତାପ ଚନ୍ଦ୍ର ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବମୋଟ ୧ ଶହରୁ ଅଧିକ ପ୍ରାର୍ଥୀ ଉକ୍ତ ଶିବିରରେ ଯୋଗ ଦେଇ ଥିବା ବେଳେ ୬୦ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା ।

## ମହିଳାଙ୍କ ରକ୍ତଦାନ ଶିବିର

ବାଲେଶ୍ୱର,୨୮ ।୨(ସମିସ): ରେମୁଣା ବ୍ଲକ କରଂଜିଆ ପଞ୍ଚାୟତର ଫକୀର ମୋହନ ନଗରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଅନ୍ନପୂର୍ଣ୍ଣା ଫାଉଣ୍ଡେସନ ସଦସ୍ୟାମାନଙ୍କ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲା ବାରିପଦା ଡାକ୍ତରଖାନାର ସିଡିଏମଓ ଡା. କିଶୋର ଚନ୍ଦ୍ର ଆଚାର୍ଯ୍ୟ, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଞ୍ଜୀବ କୁମାର ନାୟକ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡ ବସନ୍ତ କୁମାର ଉପାଧ୍ୟାୟ, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମାଜସେବୀ ଉପେନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ସଙ୍ଗଠନର ଆବାହିକା ସବିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଶୁଭଶ୍ରୀ ଆଚାର୍ଯ୍ୟ, ସ୍ନେହଲତା ଜେନା, ନିବେଦିତା ସାହୁ, ବିଜେୟିତା ଦାସ, ପ୍ରିୟାରାଣୀ



ଆନାସ୍ଥେସିଆ ସ୍ପେସାଲିଷ୍ଟ ଡା. ଗୁରୁ ପ୍ରସାଦ ମହାପାତ୍ର, ସାଇକିଆଟ୍ରିଷ୍ଟ ଡ ବ୍ରଜ କିଶୋର ଗିରି, ଚାଟାର୍ଡ ଆକାଉଟାଂଟ ମଲ୍ଲିକ, ଅବନ୍ତୀ ମହାନ୍ତି, ସୁଦେଷ୍ଣା ଦାସଙ୍କ ସମେତ ସମସ୍ତ ସଦସ୍ୟା ପରିଚାଳନା କରିଥିଲେ ।

## ବୁଦାମୂଳରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ସୋର,୨୮।୨(ସମିସ): ପୁଣି ଅଲୋଡ଼ା ହେଲା ଶିଶୁ କନ୍ୟା । ଜନ୍ମ କରି ବୁଦା ମୂଳରେ ଫିଙ୍ଗିଦେଲେ । ଚାଇଲଡ ଲାଇନ ସୂଚନା ଅନୁସାରେ ଆଜି ସକାଳେ ସୋର ପୌର ପାଳିକା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମରେ ଏକ ନବଜାତ ଶିଶୁକନ୍ୟାକୁ ଜନ୍ମଦେଇ କେହିଜଣେ ଏକ ବୁଦା ମୂଳରେ ଫିଙ୍ଗି ଦେଇଥିଲେ । ଗ୍ରାମର କନକ ତରେଇ ନାମକ ଜଣେ ମହିଳା ଘରଠାରୁ କିଛି ଦୂରରେ ଥିବା ଏକ ବାଡିକୁ ଯାଇଥିବା ବେଳେ ସେଠାରେ ଜଣେ ଶିଶୁକନ୍ୟାର କାନ୍ଦ ଶୁଣିଥିଲେ । କନକ ସେଠାରେ ପହଞ୍ଚି ଏକ ବ୍ୟାଗରେ ନବଜାତ ଶିଶୁ କନ୍ୟାଟିକୁ ଦେଖି ତାଙ୍କ ଘରକୁ ନେଇଯାଇଥିଲେ । ପରେ ଶିଶୁକନ୍ୟାକୁ ଡାକ୍ତରଙ୍କ ନିକଟକୁ ନେଇ ଚିକିତ୍ସା କରାଇ ନିଜ ଘରେ ରଖିଥିଲେ । ଏନେଇ ଜଣେ ବ୍ୟକ୍ତି ଚାଇଲ୍ଡ ଲାଇନରେ ଅଭିଯୋଗ କରିବା ପରେ ଚାଇଲ୍ଡ ଲାଇନର ସଦସ୍ୟ ପଞ୍ଚାନନ ତ୍ରିପାଠୀ ଓ ଜ୍ୟୋତିପ୍ରକାଶ କର ସୋର ପୁଲିସ ସହଯୋଗରେ କନକଙ୍କ ଘରୁ ଶିଶୁକନ୍ୟାକୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସୁନହଟରେ ଜାତୀୟ ବିଜ୍ଞାନ ଦିବସ



ବାଲେଶ୍ୱର,୨୮।୨(ସମିସ): ବାଲେଶ୍ୱର ସହରରେ ଅବସ୍ଥିତ ସୁନହଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବ୍ୟୋମନାଥ ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ବିଶିଷ୍ଟ ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ ବିଜ୍ଞାନ ଆମ ସମାଜର ଗତି ଓ ପ୍ରଗତିର ପରିଚାୟକ । ବିଜ୍ଞାନ ମଣିଷର ଏ ପୃଥିବୀକୁ ସବୁ କିଛି ଦେଇଛି କହିଲେ ଭୁଲ ହେବନାହିଁ । ବିଜ୍ଞାନ ନ ଥିଲେ ଜୀବନ ମୂଲ୍ୟହୀନ ହୋଇଯାଇଥାନ୍ତା । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ସିଦ୍ଧେଶ୍ୱର ବିନ୍ଧାଣି, ସୁଶାନ୍ତ ନାୟକ କହିଲେ ଯେ ସରସ୍ୱତୀ ଶିଶୁ ମନ୍ଦିର ଏକ ବିଜ୍ଞାନର କାର୍ଯ୍ୟଶାଳା ଭାବରେ କାମ କରୁଛି । ଗୁରୁଜୀ ଗୁରୁମାମାନେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ମନସ୍କ କରି ଗଢି ତୋଳିବାରେ ବଶେଷ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତାଙ୍କର ଅଭିଭାଷଣରେ କହିଲେ ଯେ ବିଜ୍ଞାନର ଜୟଯାତ୍ରାପଥରେ ଆମକୁ ସାମିଲ ହେବାକୁ ହେବ । ସମାଜରେ ପରିବ୍ୟାପ୍ତ କୁସଂସ୍କାରକୁ ବିଜ୍ଞାନର ବିଚାର ବଳରେ ଦୂର କରିବାକୁ ପଡିବ । ଶେଷରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଧନ୍ୟବାଦ ଦେଇଥିଲେ ।

### ଜଣେ ଶିକ୍ଷକରେ ଚାଲିଛି ହାତୀଗଡ ଉଚ୍ଚ ବିଦ୍ୟାଳୟ

## ୬ରେ ଆନ୍ଦୋଳନରେ ବସିବେ ଅଭିଭାବକ

ଜଳେଶ୍ୱର, ୨୮।୨ (ସମିସ)



୩୦ ବର୍ଷ ଧରି ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ । ବିଦ୍ୟାଳୟରେ ହୁଏନା ପୂଜା ପ୍ରାର୍ଥନା ଯାହାକୁ ନେଇ ଆସନ୍ତା ୬ତାରିଖରେ ସକାଳ ୯ ଘଟିକାରୁ ବିଦ୍ୟାଳୟର ଫାଟକରେ ତାଲା ପକାଇ ଆମରଣ ଅନଶନରେ ବସିବେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ । ଏଥିନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି କାଳିକ ପଂଚାୟତର କାଳିକ, ଗହିରାବନ୍ଧ, ଦରକୁଳି, ଅଶ୍ରମ, ଚାକୁଆଖାଳ, ହାତୀଗଡ ଇତ୍ୟାଦି ଗ୍ରାମବାସୀ ଓ ଅଭିଭାବକ । ସୂଚନାନୁଯାୟୀ ହାତୀଗଡ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତିନୋଟି ଶ୍ରେଣୀରେ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତିନୋଟି ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷୟିତ୍ରୀ ରହିଛନ୍ତି । କୌଣସି କାରଣରୁ ଶିକ୍ଷକ ଛୁଟିରେ ରହିଲେ ବିଦ୍ୟାଳୟରେ ପାଠପଢା ଠପ । ୧୯୬୫ ମସିହାରୁ ଏହି ବିଦ୍ୟାଳୟ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ବେଳେ ୧୯୯୪ ମସିହାରେ ଏହା ସରକାରୀ ମାନ୍ୟତା ପାଇବା ସହିତ ଶିକ୍ଷକ ନିଯୁକ୍ତି ସହିତ ପିଲା ମାନଙ୍କର ମଧ୍ୟାହ୍ନ ଭୋଜନ ସାଙ୍ଗକୁ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇଥିଲା । ଗତ ସରକାର ସମୟରେ ୫-ଟିରେ ଅନ୍ତର୍ଭୁକ୍ତ ହୋଇ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ ସାଙ୍ଗକୁ ସମସ୍ତ ରୂପରେଖ ପରିବର୍ତ୍ତନ ହୋଇଛି । ମାତ୍ର ଆଜକୁ ୩୦ବର୍ଷ ହୋଇଗଲା ଜଣେ ମାତ୍ର ପ୍ରଧାନ ଶିକ୍ଷକ ଅଛନ୍ତି । ଫଳରେ ପାଠ ପଢାଇବା ପାଇଁ ଶିକ୍ଷକ ନାହାନ୍ତି । ଯାହାକୁ ନେଇ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ବିଧାୟକ, ସାଂସଦଙ୍କ ଠାରୁ ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଣାଇବା ପରେ ମଧ୍ୟ ଆଜିଯାଏ କୌଣସୀ ପଦକ୍ଷେପ ନିଆଯାଉନାହିଁ । ଏଥିନେଇ ଗତ ୨୧/୧/୨୦୨୬ ତାରିଖରେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ମାରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିଥିଲେ । ଫଳରେ ଜଳେଶ୍ୱର ତହସିଲଦାର, ଏସଡିପିଓ, ଆଇଆଇସି ପ୍ରମୁଖ ଆସି ୧୫ ଦିନ ମଧ୍ୟରେ ଶିକ୍ଷା ବିଭାଗର ଅଧିକାରୀ ଆସି ଏହାର ସମାଧାନ କରିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର ହୋଇଥିଲା । ମାତ୍ର ଦୁଃଖର ବିଷୟ ଆଜକୁ ୪୦ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେବା ଦୂରର କଥା କୌଣସୀ ଅଧିକାରୀ ଆସିଲେ ନାହିଁ । ତେଣୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆସନ୍ତା ୬ ତାରିଖରୁ ଫାଟକରେ ତାଲା ପକାଇ ଆମରଣ ଅନଶନରେ ବସିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ କମିଟି ସଭାପତି ଚନ୍ଦନ ଦାସ, ତରୁଣ ପଟ୍ଟନାୟକ, ଚିତରଂଜନ ବିଶ୍ୱାଳ, ସତ୍ୟରଂଜନ ବିଶ୍ୱାଳ, ଆଶିଷ ମହାନ୍ତି, ବରୁଣ କୁମାର ପଟ୍ଟନାୟକ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଜବରଦଖଲରେ ସରକାରୀ ଜମି

- ଜଗନ୍ନାଥପୁର ଟ୍ରାଫିକ୍ ସମସ୍ୟା; ବସ୍‌ଷ୍ଟପ୍ ପାଇଁ ଜବରଦଖଲ ଉଚ୍ଛେଦ ଦାବି
- ନୋଟିସ୍ ଦେଇ ଚୁପ ବସୁଛି ପ୍ରଶାସନ; କାଗଜକଲମରେ ମାଷ୍ଟରପ୍ଲାନ

କେନ୍ଦୁଝର, ୨୮।୨ (ସମିସ): କେନ୍ଦୁଝର ସହର ଜଗନ୍ନାଥପୁର ମୌଜାରେ ସରକାରୀ ଜମି ଜବରଦଖଲ ହୋଇଥିବା ନେଇ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଉକ୍ତ ମୌଜାର ୧ଏକର ୨୧ଡିସିମିଲ ଜମିରେ କେତେକ ବ୍ୟକ୍ତି ଘର କରି ଭଡ଼ା ଦେଇଛନ୍ତି। ଏପଟେ କଟକ-ଭୁବନେଶ୍ୱରକୁ ଯାଉଥିବା ବସ ପାଇଁ ରହଣି ଅଭାବରୁ ଟ୍ରାଫିକ ସମସ୍ୟା ହେଉଛି। ଏହି ଜମିକୁ ବ୍ୟବହାର କରାଗଲେ ସୁବିଧାରେ ବସ ପାର୍କିଂ ହୋଇପାରିବ ଏବଂ ଟ୍ରାଫିକ ସମସ୍ୟା ଦୂର ହେବ। ଦୀର୍ଘ ବର୍ଷ ଧରି ଜବରଦଖଲ ଥିବା ଉକ୍ତ ମୂଲ୍ୟବାନ ଜମିକୁ ଉଚ୍ଛେଦ କରି ବସଷ୍ଟପ ନିର୍ମାଣ କରିବାକୁ ଦାବି କରାଯାଇଛି। ସେହିପରି ଆରଟିଓ ଅଫିସ ନିକଟରେ ମଧ୍ୟ ସରକାରୀ ଜମି ଜବରଦଖଲ ହୋଇଥିବାରୁ ସେଠାରେ ଗାଡ଼ି ପାର୍କିଂ ନେଇ ସମସ୍ୟା ହେଉଛି। ସେଠାରେ ମଧ୍ୟ ପାର୍କିଂ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, କେନ୍ଦୁଝର ସହରରେ ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ ନିଆଯାଉନାହିଁ। ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ କେବଳ ନୋଟିସ ହେଉଛି କିନ୍ତୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କେବଳ ଲୋକଦେଖାଣିଆ ବୋଲି ଅଭିଯୋଗ ହୋଇଛି।

୨୦୨୩ ଏପ୍ରିଲରେ କେନ୍ଦୁଝରଗଡ଼ ପୌରପାଳିକାରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ପ୍ରୋବେସନର ଆଇଏଏସ୍ ଧ୍ୱମନ ଚକମା କେନ୍ଦୁଝର ସହରରେ ମାପଚୁପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲାବଣ୍ୟଛକଠାରୁ ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ମାପଚୁପ କରି ରାସ୍ତା ପାଶ୍ୱର୍ରେ ସରକାରୀ ଜମିରେ ବ୍ୟବସାୟିକ ଘର କରି ଭଡ଼ା ଦେଇଥିବା ଜାଣିବା ପରେ ୧୫୦ ଜଣ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା। ଅଦ୍ୟାବଧି ତାକୁ ଜବରଦଖଲମୁକ୍ତ କରାଯାଇପାରିନାହିଁ। ଜବରଦଖଲକାରୀମାନେ ସରକାରୀ ଜମିରେ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ କରୁଥିବାବେଳେ ସାଧାରଣ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ଥିବା ନୟନଯୋରି, କେନାଲ ଓ ଜଳାଶୟଗୁଡିକୁ ଜବରଦଖଲ ହେବାରେ ଲାଗିଛି। କେନ୍ଦୁଝର ସଦର ତହସିଲ ମୋଚିଗାଁ ନିକଟରେ ବର୍ଜ୍ୟବସ୍ତୁ ପକାଇ ନାଳ ଅବରୋଧ କରାଯାଇଛି। ଫଳରେ ଜଳ ନିଷ୍କାସନ ହେବାରେ ସମସ୍ୟା ଦେଖା ଦେବା ସହ ବର୍ଷାଦିନରେ ଅନେକ ଅଞ୍ଚଳ ଜଳମଗ୍ନ ହେଉଛି।

## ନବଜାତ ଶିଶୁକନ୍ୟା ଉଦ୍ଧାର

ମୋରଡା,୨୮।୨(ସମିସ): ମୋରଡା ଥାନା ଅଧିନ ଝିଙ୍କିରିଆ ଗ୍ରାମର ଆଶାକର୍ମୀ ସାବିତ୍ରୀମଣି ଜେନା ଶନିବାର ତାଙ୍କ ବାଡ଼ି ପଛରୁ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଆଶାକର୍ମୀ ସାବିତ୍ରୀମଣୀ ଜେନାଙ୍କ ଝିଆରୀ ବାଡ଼ି ପଛ ପଟୁ ଛୋଟ ଛୁଆର କାନ୍ଦ ଶୁଣିବାକୁ ପାଇଥିଲେ। ସେ ଯାଇ ଲତାବୁଦାରେ ଦେଖିଲା ବେଳକୁ ଗୋଟାଏ ନବଜାତ ଶିଶୁକନ୍ୟା ପଡିଛି। ପରେ ସୁଭଶ୍ରୀ ସଙ୍ଗେ ସଙ୍ଗେ ଆଶାକର୍ମୀଙ୍କୁ ଘଟଣା ବାବଦରେ ଜଣାଇଥିଲେ। ଆଶାକର୍ମୀ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ସୁପରଭାଇଜର ଶୁଭଶ୍ରୀ ଦଳାଇ ଡାକ୍ତରଖାନାରେ ପହଞ୍ଚି ଶିଶୁର ଉତ୍ତମ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥିଲେ। ଶିଶୁର ମୁହଁ ଓ ଦେହରେ ମାଟି ଲାଗିବା ସହିତ ଅନେକ ସ୍ଥାନରେ କ୍ଷତ ଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଶିଶୁକନ୍ୟା ସୁସ୍ଥ ଥିବାବେଳେ ତା'ର ଓଜନ ୨ କିଲୋ ୩୪୫ ଗ୍ରାମ ରହିଛି। ଶିଶୁକନ୍ୟାର ଚିକିତ୍ସା ପରେ ବାରିପଦାସ୍ଥ ସିଡବ୍ଲ୍ୟୁସିରେ ଛଡା ଯିବ ବୋଲି ସୁପରଭାଇଜର ପ୍ରକାଶ କରିଛନ୍ତି।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ



ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ଶୈଳଙ୍ଗ ଛକରେ ଥିବା ଶ୍ରୀରାମ ଡ୍ରେସ ହାଉସର ମାଲିକ ତଥା ଯୁବ ବ୍ୟବସାୟୀ ନିରଞ୍ଜନ ସାହୁ (୫୧)ଙ୍କ ହୃଦଘାତରେ ଅକାଳ ବିୟୋଗ ହୋଇଛି। ବଳରାମପୁର ପଞ୍ଚାୟତ ଅନ୍ତର୍ଗତ କାଇନିପୁରା ନିବାସୀ ନିରଞ୍ଜନ ସବୁଦିନ ପରି ସୋରୁମ ବନ୍ଦ କରି ଘରେ ଖାଇସାରି ଶୋଇବାକୁ ଯାଇଥିଲେ। ସକାଳୁ ବିଛଣାରୁ ନେଉଥିବାରୁ ପରିବାର ଲୋକେ ଆନନ୍ଦପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବ୍ୟବସାୟୀ ଡାକ୍ତରଖାନାରେ ପହଞ୍ଚି ଶୋକ ପ୍ରକାଶ କରିଥିଲେ। ତାଙ୍କ ବିୟୋଗରେ ଆନନ୍ଦପୁର ଅଞ୍ଚଳର ବ୍ୟବସାୟୀଙ୍କ ମହଲରେ ଦୁଃଖ ପ୍ରକାଶ ପାଇଛି।

## 'ସକାଳ' ସାମ୍ବାଦିକଙ୍କ ପିତୃ ବିୟୋଗ



ଚମ୍ପୁଆ, ୨୮।୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନଏସିର ବରିଷ୍ଠ ସାମ୍ବାଦିକ ସଞ୍ଜୀବ ରାଜଙ୍କ ପିତା ଗୋପାଳ ରାଜଙ୍କ ୮୨ ବର୍ଷରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦୁଇମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଗତକାଲି ୨୭ ତାରିଖ ଭୋର ୩.୩୦ ମିନିଟ୍ ସମୟରେ ନିଜ ବାସଭବନରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କରିଛନ୍ତି। ସେ ଏ ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଥିଲେ। ଜଣେ ପରୋପକାରୀ, ଧାର୍ମିକ ବ୍ୟକ୍ତି ଭାବେ ତାଙ୍କର ଆଖପାଖ ଅଞ୍ଚଳରେ ଆଦର ଥିଲା। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶୁଭେଚ୍ଛୁ, ପ୍ରଶଂସକ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ବଡ଼ପୁଅ ସଂଜୀବଙ୍କ ସହ ଦିଲ୍ଲୀପ, ସରୋଜ, ପ୍ରଦୀପ, ବିଜୟ, ମନୋଜ, ବୋହୂ, ନାତିନାତୁଣୀସମେତ ଝିଅଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ନିକଟସ୍ଥ ବୈତରଣୀ କୂଳରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ସଂଜୀବ ମୁଖାଗ୍ନି ଦେଇଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ



ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଜାତୀୟ ବିଜ୍ଞାନ ଦିବସର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅର୍ବାନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟାଧିକାରୀ ଡକ୍ଟର ତପନ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ଅଧାପିକା ଅନିତା ଦାସ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଉପସଭାପତି ଡକ୍ଟର ନିମାଇଁ ଚାରଣ ରାଉତ ଅତିଥି ପରିଚୟ ପ୍ରଦାନ, ଅଧାପିକା ଭାରତୀ ସାହୁ ଧନ୍ୟବାଦ ଓ ମିତଶ୍ରୀ ବେହେରା ସଭା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ବିଶ୍ୱରଂଜନ ସାହୁ, ଆଦ୍ୟଦେବ ମହାନ୍ତି, ଡ ଉତ୍ତମ ପାଣିଗ୍ରାହୀ, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ନରେଶ ସାହା, ସୁବ୍ରତ ସାହାଣୀ, ମନୋଜ ନାୟକ, ଶୁରୁଚୀ ସ୍ୱାଇଁ, ରିମନ ଆଚାର୍ଯ୍ୟ, ଓଜେଲ ପଟ୍ଟନାୟକ, ପୂର୍ଣାନନ୍ଦ ପାର୍ଥ ସାରଥୀ ଶଙ୍ଖୁଆ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା ପାର୍ଥସାରଥି ବେଜ୍, ପ୍ରଭାତ ସେଠୀ, ଅନ୍ନପୂର୍ଣ୍ଣା ସିଂହ, ପ୍ରଫୁଲ୍ଲ ପଣ୍ଡା, ଦୁର୍ଗାଶଙ୍କର ପରିଡା, ବିଜୟ ସାହୁ ଏବଂ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜ ଓଡ଼ିଆ ବିଭାଗରେ ରାଜ୍ୟସ୍ତରୀୟ ସମ୍ମାନ
# 'ଗୁରୁପ୍ରସାଦ ଥିଲେ ଆଧୁନିକ ଓଡ଼ିଆ କବିତାର ବିବର୍ତ୍ତିତ ରୂପକାର'



ବାରିପଦା, ୨୮।୨ (ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଗୁରୁପ୍ରସାଦ ମହାନ୍ତି: ଓଡ଼ିଆ କବିତାର ବିବର୍ତ୍ତିତ ରୂପକାର ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମାନକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିବା ସହ ଗୁରୁପ୍ରସାଦଙ୍କ କାବ୍ୟ ଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଷୟବିଶାରଦ ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀର ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ଯୋଗଦେଇ ଗୁରୁପ୍ରସାଦଙ୍କ କବିତାର ପ୍ରାୟୋଗିକ ଦିଗ ବିଦିଗ ସମ୍ପର୍କରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ବିଭିନ୍ନ ଉଦ୍ଧୃତି ସହ ସେ ପ୍ରମାଣିତ କରିଥିଲେ ଆଧୁନିକ ଓଡ଼ିଆ କବିତାର ଯାଥାର୍ଥ ରୂପକାର ହେଉଛନ୍ତି ଗୁରୁପ୍ରସାଦ ମହାନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ନାତକ ପ୍ରଥମ ବର୍ଷର ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ବିଭାଗର ଅଧାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ସମ୍ମାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ ଡ. ରୀନା ମୁର୍ମୁ ସମ୍ମାନର ସଭାପତିତ୍ୱ କରିଥିଲେ। ଅଧାପକ ଡ. ଦୟାନିଧି ପରିଡ଼ା କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିଭାଗର ସ୍ନାତକୋତ୍ତର ଛାତ୍ର ବିଭୀଷଣ ବେହେରା ଓ ଛାତ୍ରୀ ସ୍ୱୟଂପ୍ରଭା ମହାନ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଛାତ୍ର କୌଶିକ ଗିରି ଗୁରୁ ମହାନ୍ତିଙ୍କ କବିତା ପାଠ କରିଥିଲେ। ଅଧାପିକା ଛନ୍ଦିତା ବିଶ୍ୱାଳ, ଡ. ନିରୁପମା ନାୟକ, ଡ. ଧନଞ୍ଜୟ ସିଂ ସମୀକ୍ଷକ ଭାବେ ପ୍ରବନ୍ଧର ସମୀକ୍ଷା କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବିଭାଗର ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ। ଶେଷରେ ଅଧାପକ ଡ. ଦିଲ୍ଲୀପ କୁମାର ଦଳାଇ କାର୍ଯ୍ୟକ୍ରମର ବିଷୟ ନିଷ୍କର୍ଷ ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ



କେନ୍ଦୁଝର, ୨୮।୨(ସମିସ): କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଧରଣୀଧର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ଦୋଳଗୋବିନ୍ଦ ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୬୩୫ ଜଣ ଶିଶୁ ଭାଗ ନେଇଥିଲେ। ୩ୟ ଶ୍ରେଣୀର ବିଜ୍ଞାନ ପ୍ରଶ୍ନମଞ୍ଚରେ ଦିବ୍ୟପ୍ରସାଦ ଦାଶ, ପ୍ରଲିପ୍ତା ପ୍ରିୟଦର୍ଶିନୀ ମନ୍ତ୍ରୀ ଓ ଦିବ୍ୟାଶୀ ମଣ୍ଡଳ, ୪ର୍ଥ ଶ୍ରେଣୀ ଶିଶୁଙ୍କ ଭାରତୀୟ ବୈଜ୍ଞାନିକଙ୍କ ଜୀବନୀ କଥନରେ ପରିସ୍ମିତା ମହାନ୍ତ, ମାନଭି ପଲେଇ ଓ ଆଲିଶା ବାରିକ, ୫ମ ଶ୍ରେଣୀରେ ଭାରତୀୟ ବୈଜ୍ଞାନିକଙ୍କ ଫଟୋଚିତ୍ର ପ୍ରଦର୍ଶନୀରେ ପ୍ରତ୍ୟୁଶା ପ୍ରତ୍ୟୁସ୍ମିତା ମହାନ୍ତ, ବିଦ୍ୟାଶୀ ମହାନ୍ତ ଓ ଉପଲବ୍ଧି ଦାଶ, ୬ଷ୍ଠ ଶ୍ରେଣୀ ପ୍ରାଚୀର ପତ୍ରିକା ପ୍ରଦର୍ଶନରେ ଅଂଶୁମାନ ମହାନ୍ତ, ଇପ୍‌ସିତା ସାହୁ ଓ ସାଇ ଦିବ୍ୟାଶା ନାୟକ, ସପ୍ତମ ଶ୍ରେଣୀ ବିଜ୍ଞାନ ପ୍ରଶ୍ନମଞ୍ଚରେ ବିଦୁସ୍ମିତା ମହାନ୍ତ, ଜାଗୃତି ବିଶ୍ୱାଳ ଓ ଏଲିନା ନାଏକ, ଅଷ୍ଟମ ଶ୍ରେଣୀ ବିଜ୍ଞାନ ପ୍ରଶ୍ନମଞ୍ଚରେ ଶୁଭଶ୍ରୀ ପଣ୍ଡା, ପ୍ରତୀକ୍ଷା ପରିଣୀତା ସାହୁ ଓ ପ୍ରତ୍ୟୁଷା ବାରିକ, ନବମ ଶ୍ରେଣୀ ପ୍ରଶ୍ନମଞ୍ଚରେ ତୃପ୍ତିମୟୀ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ ଓ ସିଦ୍ଧାନ୍ତ ସାହୁ ଓ ବୈଜ୍ଞାନିକଙ୍କ ଜୀବନୀ କଥନରେ ଆଦ୍ୟାଶା ବାରିକ, ଗୁନଗୁନ ନାୟକ ଓ ଆର୍ଯ୍ୟନ ଅଭିନନ୍ଦନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ। ବିଜ୍ଞାନ ବିଭାଗର ଆଚାର୍ଯ୍ୟ ଅମୂଲ୍ୟ ରାଉତ, ମନୋରଂଜନ ପରିଡା, ସନ୍ତୋଷ କର, ଧ୍ରୁବଚରଣ ମହାନ୍ତ, ସତ୍ୟପ୍ରିୟ ମହାନ୍ତି, କୁଳମଣି ମହାନ୍ତ, ସସ୍ମିତା ଦୋରା, ହରିପ୍ରିୟା ଓଝା ସହଯୋଗ କରିଥିଲେ।

## ପିଲା ଚୋରି ଗୁଜବ ନେଇ ସଚେତନତା ରାଲି

କୁଆମରା/ପୁରୁଣା ବାରିପଦା, ୨୮।୨(ସମିସ): ପିଲା ଚୋରି ଗୁଜବ ନେଇ ଆଜି ଏକ ସଚେତନତା ରାଲି ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ କୁଆମରା ଓ ପୁରୁଣା ବାରିପଦାଠାରେ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁନଗର ପ୍ରେସ କ୍ଲବ ଓ କୁଆମରା ଫାଣ୍ଡି ପୁଲିସ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ରାଲିରେ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ଓ କୁଆମରା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ କଲେଜ ପରିସରରୁ ବାହାରି ଭୋଲପୋଖରୀ ଓ କୁଆମରା ବଜାର ପରିକ୍ରମା କରି ସ୍ଲୋଗାନ ସହ ସଚେତନତା କରାଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ପାତ୍ର ଓ ମଧୁସ୍ମିତା ମଢୁଆଳ, ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୁବଳ ଦାସ, ଅଧାପକ ପ୍ରଭାତ ସେନାପତି, ଛତିସ ଦାସ, ବିଶ୍ୱନାଥ ବେହେରା, ପ୍ରଦୀପ ପଣ୍ଡା, ଗୋପୀନାଥ ପଣ୍ଡା ପ୍ରମୁଖ ଯୋଗଦେଇ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସେହିପରି ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ଉମାକାନ୍ତ ବେହେରା, ଗଣେଶ୍ୱର ସେଠୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ




ଭାଗୀରଥି ବାରିକ, ଶିକ୍ଷୟତ୍ରୀ ବିନତୀ ମାଇତି, ସବିତା ମଞ୍ଜରୀ ସ୍ୱାଇଁ, ଅଲିଭା ମହାନ୍ତ, ଶାନ୍ତିଲତା ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପୁରୁଣା ବାରିପଦା ବଜାର ପରିକ୍ରମା କରାଇବା ସହ ସାଧାରଣ ଲୋକଙ୍କୁ ସଚେତନତା କରାଇଥିଲେ। ଉଭୟଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମକୁ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ମହେଶ୍ୱର ବେହେରା, ପ୍ରେସ କ୍ଲବ୍ ସଭାପତି ନିମାଇଁ ପ୍ରସାଦ ଦାସ, ଉପସଭାପତି ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମଢୁଆଳ, ଦୀପକ କୁମାର ଚୌଧୁରୀ, ଯୋଗେଶ୍ୱର ସାହୁ, ସମାଜସେବୀ ଗିରିଜା ଶଙ୍କର ବେହେରା, ବିକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକ ଅଧିକାର ଯାତ୍ରା



ଯୋଡ଼ା, ୨୮।୨(ସମିସ): ଜଳବାୟୁ ପରିବର୍ତ୍ତନ, ପରିବେଶ ନଷ୍ଟ, ପ୍ରାକୃତିକ ସମ୍ପଦର ବିଲୋପ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗତ ୨୫ ତାରିଖରେ ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ଶନିବାର ଯୋଡ଼ା ଖଣି କ୍ଷେତ୍ରରେ ପହଞ୍ଚିଥିଲା। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ କ୍ଷେତ୍ରରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଅତି ଦୁର୍ବଳ ଓ ଅବହେଳିତ ଅବସ୍ଥାରେ ରହିଥିବା ନେଇ ଉକ୍ତ ଜନଜାଗରଣ ଅଭିଯାନର ସଦସ୍ୟମାନେ ମତ ବ୍ୟକ୍ତ କରିଥିଲେ। ଲୋକଶକ୍ତି ଅଭିଯାନ ଓ ସେଣ୍ଟର ଫର କ୍ଲାଇମେଟ ଜଷ୍ଟିସ ତରଫରୁ ବିକାଶ ପାଇଁ ବିତର୍କ ସୃଷ୍ଟି କରିବା ଓ ଜନଜାଗରଣ ପାଇଁ ଏହି ଲୋକ ଅଧିକାର ଯାତ୍ରା ଆରମ୍ଭ ହୋଇଥିଲା। ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ ସାମନ୍ତରା କେନ୍ଦୁଝରରୁ ବାହାରି ଅପରାହ୍ନରେ ଯୋଡ଼ା ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ଯୋଡ଼ା ଅବବାହିକାରେ ପ୍ରବାହିତ ସୁନା ନଦୀ କୂଳର ସଂକୁଚିତ ଅବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥଲେ। ଏହି ଯାତ୍ରାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ନେତା ଲିଙ୍ଗରାଜ, ଲୋକ ଅଧିକାର ଯାତ୍ରାର ସଂଯୋଜକ ବିଶ୍ୱଜିତ, ଜନଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ସମେତ ସାଥୀମାନେ ସାମିଲ ହୋଇଥିଲେ।

## ଦିନ ଦ୍ୱିପହରରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବିଶୋଇ,୨୮।୨ (ସମିସ) : ବିଶୋଇ ଥାନା ଅନ୍ତର୍ଗତ ଜାମିରଡ଼ିହା ଗ୍ରାମରେ ନିରଞ୍ଜନ ଧଳଙ୍କ ବାସଭବନରୁ ଆଜି ଦିନ ଦ୍ୱିପିହରରେ ଚୋରି ହୋଇଛି। ଗ୍ରାମ ମଝିରେ ସଂକୀର୍ତ୍ତନ ଚାଲିଥିବାବେଳେ ନିରଞ୍ଜନଙ୍କ ପରିବାର ଲୋକେ ସେଠାକୁ ଯାଇଥିଲେ। ଗ୍ରାମ ମୁଣ୍ଡରେ ଥିବା ନିରଞ୍ଜନଙ୍କ ବାସଭବନରେ କେହି ନ ଥିବା ସୁଯୋଗ ନେଇ କିଛି ଦୁର୍ବୃତ୍ତ ଘରେ ପଶି ଆଲମୀରାରେ ଥିବା ନଗଦ ୫୦ ହଜାର ଟଙ୍କା ସହିତ ସୁନା, ରୁପା ଅଳଙ୍କାର ଓ ରୂପା ମୁଦ୍ରା ଚୋରି କରିନେଇଥିଲେ। କିଛି ସମୟ ପରେ ନିରଞ୍ଜନଙ୍କ ସ୍ତ୍ରୀ ଘରକୁ ଆସି ଘର ତାଲା ଭାଙ୍ଗିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ନିରଞ୍ଜନ ବିଶୋଇ ଥାନାକୁ ଖବର ଦେବା ପରେ ବିଶୋଇ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ମହାଅଭିଯାନ ଯୋଜନାର ପ୍ରସ୍ତୁତି ବୈଠକ

ବାରିପଦା,୨୮।୨(ସମିସ): ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଯୋଜନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ବିଜେପି ସଭାପତି ନିହାର ରଞ୍ଜନ ମୋଦି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ କ୍ଲଷ୍ଟର ପ୍ରଭାରୀ ବିରଂଚି ନାରାୟଣ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ତଥା ଜିଲା ପ୍ରଭାରୀ ସିପ୍ରା ବାଜପେୟୀ ଯୋଗଦେଇ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସ୍ୱରୂପ ପରିଚାଳନା, ରାଜ୍ୟ ବଜେଟ, ସମର୍ପଣ ନିଧି, ଏସଆଇଆର ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢେଇ, ବ?ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ବିଜେପି ଅନୁସୂଚୀତ ଜନଜାତି ମୋର୍ଚ୍ଚାର ସଭାପତି କାହ୍ନା ସୋରେନ, ରାଜ୍ୟ ମିଡିଆ ସଂଯୋଗ କବି ବିଷ୍ଣୁ ଶତପଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଜାତା ମୁର୍ମୁ, ସୁକୁଦା ମୁର୍ମୁ, ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ନିଜସ୍ୱ ମତବ୍ୟକ୍ତ କରିଛନ୍ତି। ବିଜେପି ସାଧାରଣ ସମ୍ପାରଦକ ପ୍ରବୀଣ ପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରାଣକୃଷ୍ଣ ବେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଜିଲା, ରାଜ୍ୟ ପଦାଧିକାରୀ, ମଣ୍ଡଳ ସଭାପତ, ମଣ୍ଡଳ ସାଧାରଣ ସମ୍ପାଦକ, କାର୍ଯ୍ୟକ୍ରମର ୩ଜଣିଆ ମଣ୍ଡଳ ଟୋଲିଙ୍କ ସମେତ ଦୁଇ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଜାତୀୟସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା, ୨୮।୨(ସମିସ): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଦାନୀ ଏକାଦଶ ପ୍ଲେ ବ୍ୟାକ ଚାଲେଞ୍ଜରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଦାନୀ ଦଳ ୧୨ ଓଭରରେ ୫ ୱିକେଟ ହରାଇ ୧୮୯ ରନ କରିଥିଲା। ଦଳ ପକ୍ଷରୁ ସରୋଜ ପରମାଣିକ ୧୦ଟି ଛକା ଓ ୩ଟି ଚୌକା ବଳରେ ୭୮ ଓ ସୌମ୍ୟରଞ୍ଜନ ଧଳ ୭ ଛକା ଓ ୫ ଚୌକା ବଳରେ ୬୯ ରନ କରିଥିବାବେଳେ ବିପକ୍ଷ ଦଳର ସଚିନ୍ଦ୍ର ନାଏକ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର ୧୨ ଓଭରରେ ୫ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶଙ୍କର ସାହୁ ୯ଟି ଛକା ଓ ୫ଟି ଚୌକା ସହାୟତାରେ ୭୯, ଅଞ୍ଜନ କୁମାର ତାମରେକର ୨୭ ଓ ସୁମିତ ସେଠୀ ୨୬ ରନ ସଂଗ୍ରହ କରିଥିଲେ। ଗଦାଧର ନାୟକ ଓ ଲକ୍ଷ୍ମୀଧର ସିଂ ପରିଚାଳନା ଏବଂ କରନ ଖାନ ସ୍କୋରର ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

## ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀଙ୍କୁ ପଢ଼ାଇଲେ ରାଷ୍ଟ୍ରପତିଙ୍କ ଶିକ୍ଷକ

ବାରିପଦା, ୨୮।୨ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପାଠ ପଢ଼ାଇଥିବା ଉପରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଶେଶ୍ୱର ମହାନ୍ତ ଓ ପ୍ରାକ୍ତନ ଶ୍ରେଣୀ ଶିକ୍ଷକ ବାସୁଦେବ ବେହେରା ଭାରତର ୧୫ଟି ରାଜ୍ୟର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କୁ ସଂଯମତା, ଶାଳୀନତା, ଶୃଙ୍ଖଳା, ନିରନ୍ତର ଉଦ୍ୟମ, ସାହସ ଓ ଧୈର୍ଯ୍ୟ ବଳରେ ତୁମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭଳି ମହାନ ହୋଇପାରିବ ବୋଲି ଶିକ୍ଷା ପ୍ରଦାନ କହିଥିଲେ।

ଯଶିପୁର ନିର୍ବାଚନମଣ୍ଡଳୀ କୁସୁମୀ ବ୍ଲକର ପାହାଡ଼ପୁରସ୍ଥ ଏସଏଲଏସ ଆବାସିକ ବିଦ୍ୟାଳୟରେ ଭାରତୀୟ ରେଡ଼କ୍ରସ ସୋସାଇଟିର ଭାଇସ ପେଟ୍ରୋନ ତଥା ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱେଚ୍ଛାସେବୀଙ୍କ ରାଷ୍ଟ୍ରପତିଙ୍କ ଶିକ୍ଷକଙ୍କ ସହିତ ଭାବ ବିନିମୟ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଜାତୀୟ ସେବା ଯୋଜନା ଯୁବ ଅଧିକାରୀ ଅଜିତ କୁଶହା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ, ପୂର୍ବତନ କାର୍ଯ୍ୟକ୍ରମ ସଂଯୋଜିକା ଉଷା ଶତପଥୀ ଓ ପୂର୍ବତନ ଜାତୀୟ ସେବା ଯୋଜନାର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତିରଞ୍ଜନ ଦାସ ପ୍ରମୁଖ ଅଧିକାରୀ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଓ




ଏନଏସଏସର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଇ ରାଷ୍ଟ୍ରପତିଙ୍କ ତତ୍କାଳୀନ ପ୍ରଧାନଶିକ୍ଷକ ବିଶେଶ୍ୱର ମହାନ୍ତ ଓ ଶ୍ରେଣୀ ଶିକ୍ଷକ ବାସୁଦେବ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଶିବିରରେ ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ୧୫ଟି ରାଜ୍ୟରୁ ୨୧୧ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ସହ ମୟୂରଭଞ୍ଜର ୩୯୦ ଜଣ ସ୍ୱେଚ୍ଛାସେବୀ ରାଷ୍ଟ୍ରପତିଙ୍କ ଶିକ୍ଷକଙ୍କ ସହିତ ଅନୁଷ୍ଠିତ ଭାବ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜକୁ କୃତାର୍ଥ ମନେ କରିଥିଲେ।

ଉକ୍ତ ଶିବିରର ପଞ୍ଚମ ଦିବସରେ ସ୍ୱେଚ୍ଛାସେବୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗ୍ରାମ ପାହାଡ଼ପୁର ଗସ୍ତ କରିବା ଅବସରରେ ଏସଏଲଏସ ଆବାସିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ କାଏମ ରଖିବାକୁ ଦେଶପ୍ରେମର ଏକ ଅବିସ୍ମରଣୀୟ ଦୃଷ୍ଟାନ୍ତ ସୃଷ୍ଟି କରିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନ୍ମେଜୟ ଗିରି ଓ ପରିଚାଳନା କମିଟି ସମ୍ପାଦକ ସତୀଶ ଚନ୍ଦ୍ର ପ୍ରତିହାରୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞତା ପ୍ରଦାନ କରିଥିଲେ। ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀ ରାଇରଙ୍ଗପୁରରେ ଥିବା ରାଷ୍ଟ୍ରପତିଙ୍କ ବାସଭବନ ଓ ଭାରତର ସବୁଠାରୁ ସ୍ୱଚ୍ଛ ଗ୍ରାମ ଭାବେ ଜଣାଶୁଣା ବୋଦେଇଜୋଡା ପରିଦର୍ଶନ କରିଥିଲେ।



# ପ୍ରେକ୍ଷାଳୟରେ 'ଚାରିକାନ୍ଧ'

ରିତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା 'ଚାରିକାନ୍ଧ' ବର୍ତ୍ତମାନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଛି । ୩୮ ମିନିଟ୍‌ର ଏହି ଫିଲ୍ମଟି ୪୬ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଫେଷ୍ଟିଭାଲ୍‌ରେ ଯୋଗଦେଇ ୨୨ରୁ ଅଧିକ ପୁରସ୍କାର ଜିତିଛି । ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ମଧ୍ୟମ ଅବଧି ସିନେମା ବିଭାଗରେ 'ଚାରିକାନ୍ଧ' ପ୍ରଦର୍ଶିତ ହୋଇଥିଲା । ଏଥିପାଇଁ ମଧ୍ୟମ ଅବଧିର ମାତ୍ର ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ ଭାରତରୁ 'ଚାରିକାନ୍ଧ' ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି । ସାମ୍ପ୍ରତିକ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣକୁ ନେଇ ତଥା ଅନ୍ୟ କିଛି ଭିନ୍ନ କଥାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଅତିଶ କୁମାର ରାଉତ । ଏହି ସିନେମାର କାହାଣୀ ,ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ, ଅଖିଳ ରାଜୁରକର । ■



# ୬ ରେ 'କାନ୍ଦ ମାଷ୍ଟ୍ରେ'

ଚଳିତ ମାସ ୬ ତାରିଖରେ ନୂଆ ଓଡ଼ିଆ ସିନେମା 'କାନ୍ଦ ମାଷ୍ଟ୍ରେ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପୁନର୍ବାର ଘୋଷଣା କରିଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥାଆନ୍ତି । ଏ ପରମ୍ପରା ଧୀରେ ଧୀରେ ନବେ ଦର୍ଶକଠୁ ଏକ ପ୍ରକାର ଲୋପ ପାଇ ବସିଲାଣି । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ଚିତ୍ରଣ କରାଯାଇଛି । ଓଡ଼ିଶାର ଆଗ ଧାଡ଼ିର ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା । କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବାବେଳେ ଚିତ୍ରନାଟ୍ୟରେ ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା ଅଛନ୍ତି । ଏଥିରେ ଅଭିନେତ୍ରୀ ଲିପ୍ସା ମିଶ୍ର , ବିଭୁ ପ୍ରସାଦ , ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାଟିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । 'କାନ୍ଦ ମାଷ୍ଟ୍ରେ'କୁ ଦର୍ଶକଙ୍କ ଭଲ ପାଇବା ମିଳିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛନ୍ତି । ■

# ଟେଲିଭିଜନ ପ୍ରିମିୟର୍ 'ଚନ୍ଦ୍ରବଂଶୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ଓଡ଼ିଆ ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ' । ଏହା ହେଉଛି ଏକ ରୋମାଞ୍ଚକର ଆକ୍ସନ-ଡ୍ରାମା ସିନେମା । ଏହି ଚଳଚ୍ଚିତ୍ରଟି ପ୍ରତିଶୋଧ, ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦର୍ଶାଇଛି । ଏହି କାହାଣୀଟି ନାଟକୀୟ ମୁହାଁମୁହିଁ, ଗଭୀର ଆବେଗ ଏବଂ ଦମଦାର ଆକ୍ସନ ଦୃଶ୍ୟରେ ପରିପୂର୍ଣ୍ଣ, ଯାହା ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାକୁ ସଫଳ ହୋଇଥିଲା । ଓଲିଉଡର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର, ରାଜ ରାଜେଶ ଏବଂ ଯାତ୍ରା ଜଗତର ଦୁର୍ଦ୍ଦାନ୍ତ ଖଳନାୟକ ଦୈତାରି ପଣ୍ଡା ପ୍ରମୁଖ ଲୋକପ୍ରିୟ କଳାକାର ଏହି ସିନେମାରେ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଯଶ ଓ ସୁନୀଲ ଦେଇଥିବା ବେଳେ ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି । ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ■








# 'ରଜ କୁଇନ୍'ର ଅଡିସନ୍ ଆରମ୍ଭ

ଆରମ୍ଭ ହୋଇଛି ଜୀ ସାର୍ଥକର ସବୁଠାରୁ ଲୋକପ୍ରିୟ ରିଆଲିଟି ଶୋ 'ରଜ କୁଇନ୍' । ଏହା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ରାଜ୍ୟର ଯୁବତୀମାନଙ୍କ ମଧ୍ୟରେ ଥିବା ପ୍ରତିଭା, ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ ଏବଂ ଉତ୍ସାହକୁ ପରିପ୍ରକାଶ କରିବାର ଏକ ମାଧ୍ୟମ । ଚଳିତ ବର୍ଷ ଏହି ଶୋ' ପୂର୍ବ ଅପେକ୍ଷା ଅଧିକ ଭବ୍ୟ ଓ ଆକର୍ଷଣୀୟ ହେବ । ଆଗାମୀ 'ରଜ କୁଇନ୍' ଖୋଜିବା ପାଇଁ ଓଡ଼ିଶାର ବିଭିନ୍ନ ସହରରେ ଗ୍ରାଉଣ୍ଡ ଅଡିସନ୍ ଅନୁଷ୍ଠିତ ହେବ ।

ଫେବୃଆରୀ ୨୮ ତାରିଖରେ ଏହାର ଅଡିସନ୍ ଭୁବନେଶ୍ୱରରେ ହୋଇଯାଇଛି । ସେହିପରି ମାର୍ଚ୍ଚ ୭ ତାରିଖରେ ଭଦ୍ରକ ଏବଂ ଜଗତସିଂହପୁର, ମାର୍ଚ୍ଚ ୮ ତାରିଖରେ ଯାଜପୁର, ମାର୍ଚ୍ଚ ୧୧ରେ ବାରିପଦା, ମାର୍ଚ୍ଚ ୧୪ ରେ ବ୍ରହ୍ମପୁର, ମାର୍ଚ୍ଚ ୧୫ ରେ କଟକ, ମାର୍ଚ୍ଚ ୧୭ ରେ ସମ୍ବଲପୁର, ମାର୍ଚ୍ଚ ୧୯ ରେ ଜଗତପୁର ( ଅଲ୍ ଓଡ଼ିଶା ଅଡିସନ୍) , କଟକରେ ଅନୁଷ୍ଠିତ ହେବ । ■

ପରଦା ପଛର କାହାଣୀ

# ଚାରିଦିନରେ ଖଳନାୟକ ମନୋନୀତ

୨୦୦୭ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ଓମ୍ ଶାନ୍ତି ଓମ୍' । ଏଥିରେ ଦୀପିକା ପାଦୁକୋନ୍ ଏବଂ ଶାହରୁଖ ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । 'ଓମ୍ ଶାନ୍ତି ଓମ୍' ରେ ଅର୍ଜୁନ ରାମପାଲ୍ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ । ତେବେ ଫିଲ୍ମ ସୁଟିଂକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ନିକଟରେ ଫରାହ ଖାନ୍ ଏକ ସାକ୍ଷାତକାରରେ ଏହାର ପର୍ଦ୍ଦାଫାସ କରିଛନ୍ତି । ଫିଲ୍ମ ସୁଟିଂର ଚାରିଦିନ ପୂର୍ବରୁ ଖଳନାୟକ ମନୋନୀତ କରାଯାଇଥିଲା । ଶେଷରେ ଏଥିରେ ଅର୍ଜୁନ ରାମପାଲଙ୍କୁ କାଷ୍ଟିଂ କରାଯାଇଥିଲା । କାରଣ ଅନ୍ୟ ସବୁ ଅଭିନେତା ଏଥିପାଇଁ ମନା କରିଦେଇଥିଲେ । ତେଣୁ ଫରାହ ଏବଂ ଶାହରୁଖଙ୍କୁ ଅନୁଭବ ହୋଇଥିଲା ଫିଲ୍ମରେ ଶାନ୍ତିପ୍ରିୟା (ଦୀପିକା) ଯାହାକୁ ଭଲ ପାଇବେ ସେ ସୁନ୍ଦର ହେବା ଆବଶ୍ୟକ । ଏହି ଫିଲ୍ମଟି ଜାନୁଆରୀ ୬ ତାରିଖରେ ସୁଟିଂ ହେବାର ଥିଲା । ୩୧ ଡିସେମ୍ବରରେ ଶାହରୁଖ୍ ଖାନ୍‌ଙ୍କ ଘରେ ପାର୍ଟି ଥିଲା । ସେଠାରେ ସେ ଅର୍ଜୁନ ରାମପାଲଙ୍କୁ ଫରାହ ଖାନ୍ ଭେଟିଥିଲେ । ଶାହରୁଖ୍ ବାଥରୁମ୍‌ର କବାଟିକୁ ବନ୍ଦ କରିଦେଲେ । ଆଉ ରାମପାଲଙ୍କୁ ଫିଲ୍ମର କାହାଣୀ ଶୁଣାଇଥିଲେ । ହେଲେ ସେ କାହାଣୀ ଶୁଣିବାକୁ ମନା କରିଥିଲେ । ଏହାପରେ ତାଙ୍କୁ ଶାହରୁଖ୍ ଖାନ୍ ଫୋନ୍ କରି ଯେ କୌଣସି ମତେ ଫିଲ୍ମ ପାଇଁ ମନେଇ ଥିଲେ । ସେହିପରି 'ଓମ୍ ଶାନ୍ତି ଓମ୍'ରେ ଶାହରୁଖ୍ ଯେଉଁ କଷ୍ଟ୍ୟୁମ୍ ପିନ୍ଧିଥିଲେ ପୂର୍ବରୁ ତାହାକୁ ପିନ୍ଧାଯାଇଥିଲା । ଏଥିପାଇଁ କୌଣସି ନୂଆ ପୋଷାକ ତିଆରି ହୋଇନଥିଲା । ସେହିପରି 'ତୁମ୍‌କୋ ପାୟା ହେ ତୋ ଜେସା ଖୋୟା ହୁଁ...' ଗୀତରେ ଶାହରୁଖ୍ ଯେଉଁ କୋଟ୍ ପିନ୍ଧିଥିଲେ, ତାକୁ ରାଜେଶ୍ ଖାନ୍ନା 'ଆଶିକ୍' ଫିଲ୍ମରେ ପିନ୍ଧିଥିଲେ । ଏହି ଫିଲ୍ମର କାହାଣୀ ପୁନର୍ଜନ୍ମ ଉପରେ ଆଧାରିତ । ୧୯୮୦ରେ ସୁବାଷ ଘାଇଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'କର୍ଜ' ମଧ୍ୟ ଏହା ଉପରେ ଆଧାରିତ ଥିଲା । ଏହାକୁ ନିର୍ଦ୍ଦେଶକ ଏବଂ କୋରିଓଗ୍ରାଫର୍ ଫରାହ ଖାନ୍ ନିର୍ମାଣ କରିଥିଲେ । ମାତ୍ର ୧୫ ଦିନରେ ସେ ଏହି ଫିଲ୍ମର କାହାଣୀ ଲେଖିଥିବା କହିଥିଲେ । ସେହିପରି 'ଓମ୍ ଶାନ୍ତି ଓମ୍'ର ସ୍କ୍ରିନ୍‌ପ୍ଲେ ଫରାହ ଖାନ୍ – ମୁସ୍ତାକ୍ ଶେଖ୍ ଲେଖିଥିଲେ । ଏହା ଦୀପିକା ପାଦୁକୋନଙ୍କ ପ୍ରଥମ ଡେବ୍ୟୁ ଫିଲ୍ମ ଥିଲା । ■




## ସାକ୍ଷାତକାର

# 'ଦମ୍‌ଦାର ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୂପାଳି ମିଶ୍ର, ଅଭିନେତ୍ରୀ**



ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନୃତ୍ୟ ଅଙ୍ଗଭଙ୍ଗୀ ମାଧ୍ୟମରେ ଭାବନାକୁ ପ୍ରକାଶ କରୁଥିଲେ । ହେଲେ ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ଦେଖିଥିବା ସ୍ୱପ୍ନକୁ ସେ ପୂରା କରିଛନ୍ତି । ସେ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିପାଟଣାର ରୂପାଲି ମିଶ୍ର । ଜଣେ ନୃତ୍ୟଶିଳ୍ପୀ ଓ ଅଭିନେତ୍ରୀ ଭାବେ ରୂପାଲି ବେଶ୍ ପରିଚିତ । ନୃତ୍ୟକଳାରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ଟିଭି ଧାରାବାହିକରେ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ ସେ 'କେଦାର ଗୌରୀ' ଧାରାବାହିକରେ ଗୌରୀ ଭୂମିକାରେ ଅଭିନୟ କରୁଛନ୍ତି । ଓଡ଼ିଶୀ ନୃତ୍ୟଶିଳ୍ପୀରୁ ସେ କାହିଁକି ଅଭିନେତ୍ରୀ ହେବାକୁ ଆଗ୍ରହ ପ୍ରକାଶ କଲେ ଜାଣିବା ତାଙ୍କରି ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକା ହେବାକୁ କାହିଁକି ମନ ବଳାଇଲେ?**

- ପିଲାଟି ଦିନରୁ ହିରୋଇନ୍ ହେବାକୁ ଇଚ୍ଛା ଥିଲା । ଓଡ଼ିଶୀ ନୃତ୍ୟ କରୁଥିଲି । ଅନେକ ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ହେଲେ ପରେ ପରେ ହିରୋଇନ୍ ହେବା ଉଦ୍ଦେଶ୍ୟରେ ଏକ ଚ୍ୟାନେଲରେ ଅଡିସନ୍ ଦେଇଥିଲି । ଏଥିରୁ ମନୋନୀତ ହୋଇ ମୁଁ ଷ୍ଟାର୍ କିରଣର 'ଜୀବନ ସାଥି' ଧାରାବାହିକରେ ଅଭିନୟ କରିବା ଆରମ୍ଭ କରିଥିଲି । ଏଥିରେ ମୋତେ ଭଉଣୀ ଚରିତ୍ର ମିଳିଥିଲା । ତା ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ମଧ୍ୟ ଭଉଣୀ ଭୂମିକାରେ କାମ କରିଛି । ସୌଭାଗ୍ୟବଶତଃ ମୋ ଅଭିନୟ ଉପରେ ଭରସା କରି ମୋତେ 'କେଦାର ଗୌରୀ' ପରି ଏକ ଧାରାବାହିକରେ ମୁଖ୍ୟ ନାୟିକା ଗୌରୀର ଭୂମିକା ମିଳିଛି । ଏହି ଚରିତ୍ର ଜରିଆରେ ଦର୍ଶକଙ୍କ ଭଲ ପାଇବା ପାଉଛି ।

**ମୁଖ୍ୟ ନାୟିକା ଭାବେ କ୍ୟାମେରାକୁ କେମିତି ସାମ୍ନା କଲେ?**

- 'କେଦାର ଗୌରୀ'ର ଗୌରୀ ଚରିତ୍ର ପାଇବା ପରେ ମୋ ଖୁସି କହିଲେ ନସରେ । ହେଲେ ଯେତେବେଳେ କ୍ୟାମେରାକୁ ସାମ୍ନା କରିଲି ସେ ଦୃଶ୍ୟ ଅତି ଭୟଙ୍କର ଥିଲା । ଫାଇଟିଂ ସିନ୍ ଥାଏ ମୁଁ ଖଳନାୟକ କବଳରୁ ଜଣେ ଝିଅକୁ ବଞ୍ଚାଇବାକୁ ଯାଇ ସତରେ ରକ୍ତାକ୍ତ ହୋଇଗଲି । ସବୁଦିନ ପାଇଁ ଦାଗ ରହିଗଲା । ତେଣୁ ଏହି ଅନୁଭୂତି ମୋର ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ ।

**'କେଦାର ଗୌରୀ' ର ଗୌରୀ ଚରିତ୍ର ପାଇଁ କେତେ କଷ୍ଟ କରୁଛନ୍ତି?**

- 'କେଦାର ଗୌରୀ' ଧାରବାହିକରେ ଭକ୍ତି ଆଉ ଭଲପାଇବା ମଣିଷ ଜୀବନକୁ କେତେ ପରିବର୍ତ୍ତନ କରୁଛି ତାହା ଦେଖିବାକୁ ମିଳିଛି । ଏହା ସହିତ ମଣିଷ ଜୀବନର ସଂଘର୍ଷର କାହାଣୀ ମଧ ରହିଛି । ଏଥିରେ ଗୌରୀ ଭୂମିକାରେ ଅଭିନୟ କରିବାକୁ ମୋତେ ସଂଘର୍ଷ କରିବାକୁ ପଡ଼ିବ ବୋଲି କେବେ ଭାବି ନଥିଲି । ଏଥିରେ ସୁଟିଂ କରୁ କରୁ ସତସତିକା ମୋ ଗୋଡ଼ରେ କାଚ ଫୁଟିଯାଉଛି ତ ଆଉ କେତେବେଳେ ହାତରେ ଦୀପ ଲାଗିଯାଉଛି ।

**ସୁଟିଂ ସେଟ୍‌ରେ ସହ କଳାକାରଙ୍କ ସହ ଆପଣଙ୍କ ସମ୍ପର୍କ କେମିତି?**

- ବହୁତ ଭଲ । 'କେଦାର ଗୌରୀ' ଟିମ୍ ପୂରା ମୋ ପରିବାର ପରି । ଏଥିରେ ମୋ ଭାଇ ପୀୟୂଷ ସହିତ ଅଫ୍‌ସ୍କ୍ରିନ୍‌ରେ ମୋର ସତସତିକା ମାଡ଼ପିଟ ହୁଏ । ଆମେ ସୁଖଦୁଃଖ ସେୟାର କରୁ । କେବଳ ପୀୟୂଷ ନୁହେଁ, ପୁରା ଟିମ୍ ସହିତ ମୋର ଅଫ୍‌ସ୍କ୍ରିନ୍ ଓ ଅନ୍‌ସ୍କ୍ରିନ୍‌ରେ ଭଲ ଜମେ ସୁଟିଂ ନଥିଲେ ।

**ରୂପାଲିଙ୍କ ଫିଟର ରାଜ୍?**

- ମୁଁ ଦିନକୁ ଚାରି ପାଞ୍ଚ ଥର ଖାଏ । ବହୁତ କମ୍ କମ୍ ଖାଏ । ଜିମ୍ ଯାଏନି । ମୋ ଫିଗର୍ ସେମିତି ।

**ମନଛୁଆଁ ଅଭିନୟ କରିବା ପାଇଁ ରୂପାଲି କ'ଣ କରନ୍ତି?**

- ପ୍ରଥମେ ଚରିତ୍ରକୁ ଗଭୀର ଭାବେ ବୁଝିଥାଏ । ଚରିତ୍ରକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଆଜିବି ସଟ୍ ଦେବା ପୂର୍ବରୁ ଗୋଟିଏ ସଂଳାପକୁ ପାଖାପାଖି ୨୦ ଥର ଦେଖି ଅଭ୍ୟାସ କରେ । ଦର୍ପଣ ସାମ୍ନାରେ ଅଭ୍ୟାସ କରୁଥାଏ । ଏହାଦ୍ୱାରା ମୋର ଅଭିନୟ ମାର୍ଜିତ ହୁଏ । ଏହି ଅଭ୍ୟାସ ସବୁଦିନ ପାଇଁ ଜାରି ରହିବ ।

**ଅଭିନୟ ବ୍ୟତୀତ କ'ଣ କରନ୍ତି?**

- ଯେହେତୁ ମୁଁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ, ତେଣୁ ଅଭିନୟ ବ୍ୟତୀତ ନୃତ୍ୟ କରେ । ରୋଷେଇ କରେ । ବୁଲାବୁଲି କରିବାକୁ ପସନ୍ଦ କରେ ।

**ଆଗାମୀ ଯୋଜନା?**

- ମୋ କାମ ଯଦି ଦର୍ଶକଙ୍କୁ ଭଲ ଲାଗିଥିବ ତେବେ ନିଶ୍ଚୟ ପୁଣି ଏକ ଭଲ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ । ବଡ଼ ପରଦାରେ କାମ ମିଳିଲେ ନିଶ୍ଚୟ କରିବି । ଭବିଷ୍ୟତରେ ଓଡ଼ିଶୀ ନୃତ୍ୟ ଓ ଅଭିନୟ ଦୁଇଟିକୁ ନେଇ ଚାଲିବି ।

**ଆପଣଙ୍କ ଡ୍ରିମ୍ ରୋଲ?**

- ମୋର ଭାରି ଇଚ୍ଛା ଗୋଟେ ଦମ୍‌ଦାର ଚରିତ୍ରରେ କାମ କରିବାକୁ । ଯେମିତିକି ଜଣେ ନାୟିକା ରୋମାଣ୍ଟିକ ହୋଇଥିବ । ତା' ଭିତରେ ଭରପୂର ଆଟିଚ୍ୟୁଟ୍ ଥିବ । ଯେତେ ଯାହା ହୋଇଗଲେ ବି ତା ଆଖିରୁ ଲୁହ ଝରୁନଥିବ ।

**ଅଭିନୟ ଜଗତକୁ ଆସୁଥିବା ଯୁବ ପିଢ଼ିଙ୍କୁ କ'ଣ କହିବେ?**

- ବର୍ତ୍ତମାନ ଅଧିକାଂଶ ପିଲା ଏହି ଲାଇନ୍‌କୁ ଆସୁ ଆସୁ ଚରିତ୍ରକୁ ପ୍ରାଧାନ୍ୟ ନ ଦେଇ ମେଣ୍ଟେନ୍ ଆରମ୍ଭ କରୁଛନ୍ତି । ଏହା ଆଦୌ ଠିକ୍ ନୁହେଁ । ପ୍ରଥମେ ଯେଉଁ ଚରିତ୍ର ମିଳୁଛି ତାହାକୁ ଗୁରୁତ୍ୱ ଦିଅନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଧୈର୍ଯ୍ୟ ରଖି କାମ କରନ୍ତୁ । ଏହା ଦ୍ୱାରା ଦର୍ଶକ ନିଶ୍ଚୟ ଗ୍ରହଣ କରିବେ । ସମ୍ମାନ ଆଉ ଭଲ କାମ ମିଳିବ । ଗୁରୁଜନଙ୍କଠାରୁ ପରାମର୍ଶ ନେଇ ଚାଲନ୍ତୁ । ■

ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର ଏଇଟ୍ସ ମୁକାବିଲା ଆଜି

# ଭାରତ: ଜିତିଲେ ସେମିଫାଇନାଲ୍, ହାରିଲେ ବିଦା



କୋଲକାତା,୨୮ ।୨(ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଦୁଇଥରର ଟାଇଟଲ ବିଜେତା ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଆସନ୍ତାକାଲି ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଟି-୨୦ ବିଶ୍ୱକପ୍‌ର ଶେଷ ସୁପର ଏଇଟ୍ସ ମୁକାବିଲା ଖେଳାଯିବ। ଏହି ମୁକାବିଲାଟି କ୍ୱାର୍ଟରଫାଇନାଲ ସଦୃଶ। ଉଭୟ ଦଳ ଏହା ପୂର୍ବରୁ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇ ସମାନ ପଏଣ୍ଟ ପାଇଛନ୍ତି। ଏଣୁ ଇଡେନ୍ ଗାର୍ଡେନ୍ସରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ଦକ୍ଷିଣ ଆଫ୍ରିକା ସହ ସେମିଫାଇନାଲକୁ ଉନ୍ନୀତ ହେବ। ସେହିପରି ଏହି ମ୍ୟାଚ୍‌ର ବିଜେତା ଯିଏ ହେଉନା କାହିଁକି, ସେହି ଦଳ ମୁମ୍ବଇରେ ଇଂଲଣ୍ଡ ସହ ମାର୍ଚ୍ଚ ୫ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଖେଳିବ। ଏହି ସମୀକରଣରୁ ସ୍ପଷ୍ଟ ଯେ, ଭାରତ ଯଦି ଏହି ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। କିନ୍ତୁ ହାରିଗଲେ ଦଳ ସୁପର ଏଇଟସରୁ ବିଦା ହେବ। ଏହା ମଧ୍ୟରେ ତୃତୀୟ ଫଳାଫଳ ମଧ୍ୟ ରହିଛି। ତାହା ହେଉଛି ମ୍ୟାଚ୍ ବାତିଲ ହେଲେ କ'ଣ ହେବ? ଏହାର ଉତ୍ତର ଜାଣିବାକୁ ହେଲେ ଆମକୁ ସୁପର-ଏଇଟ୍ସ ଗ୍ରୁପ୍-୧ ପଏଣ୍ଟ ଟେବଲକୁ ଯିବାକୁ ହେବ। ଦ୍ୱିତୀୟ ରାଉଣ୍ଡ ପରେ ଦକ୍ଷିଣ ଆଫ୍ରିକା ୨ଟି ଯାକ ମ୍ୟାଚ୍ ଜିତି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ତାହା ପଛକୁ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୱେଷ୍ଟଇଣ୍ଡିଜ୍ ଓ ଭାରତ ସମାନ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ନେଟ ରନ୍‌ରେଟ୍‌ରେ ୱେଷ୍ଟଇଣ୍ଡିଜ୍ ଆଗୁଆ ଥିବାରୁ ପଏଣ୍ଟ ଟେବଲରେ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲି ଏହି ଦୁଇ ଦଳ ମଧ୍ୟରେ ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ୍ ବାତିଲ ହୁଏ, ତେବେ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପଏଣ୍ଟ ଟେବଲରେ ୱେଷ୍ଟଇଣ୍ଡିଜ୍‌ର ନେଟ୍‌ରନ୍ +୧.୭୯୧। କିନ୍ତୁ ଭାରତର ନେଟ୍ ରନ୍ ହେଉଛି -୦.୧୦୦। ଏଣୁ ମ୍ୟାଚ୍‌ଟି ଯଦି କୌଣସି କାରଣରୁ ବାତିଲ ହୁଏ, ତେବେ ଉଭୟ ଦଳକୁ ସମାନ ୩ ପଏଣ୍ଟ ଲେଖାଏଁ ମିଳିବ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌ର ନେଟରନ୍ ଅଧିକ ଥିବାରୁ ସେହି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବ।

ଟି-୨୦ କ୍ରିକେଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଏହି ଦୁଇ ଦଳ ମଧ୍ୟରେ ଏଯାଏ ୩୦ଟି ମ୍ୟାଚ୍ ଖେଳାଯାଇଛି ଏହା ମଧ୍ୟରୁ ଭାରତ ୧୯ଟିରେ ବିଜୟୀ ହୋଇଥିଲାବେଳେ ୱେଷ୍ଟଇଣ୍ଡିଜ୍ ୧୦ଟି ମ୍ୟାଚ୍ ଜିତିଛି। ଗୋଟିଏ ମୁକାବିଲା ବାତିଲ ହୋଇଛି। ସେହିପରି ଭାରତରେ ଉଭୟଙ୍କ ମଧ୍ୟରେ ୧୩ଟି ମ୍ୟାଚ୍ ଖେଳାଯାଇଥିଲାବେଳେ ଭାରତ ୮ଟିରେ ଜିତିଛି ଓ ୫ଟିରେ ହାରିଛି। ନିରପେକ୍ଷ କେନ୍ଦ୍ରରେ ୯ଟି ମୁକାବିଲାରୁ ଭାରତ ୬ଟିରେ ଜିତିଛି ଓ ୩ଟିରେ ହାରିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଯେତେଥର ଟି-୨୦ ମୁକାବିଲା ହୋଇଛି ସେତେଥର ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ହୋଇଛି। ଏଣୁ ଆସନ୍ତାକାଲିର ମୁକାବିଲାରେ ଯେଉଁ ଦଳ ଜିତୁ ନା କାହିଁକି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

### ଗ୍ରୁପ-୧ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟା. | ବି. | ପ. | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|
| ଦ.ଆଫ୍ରିକା | ୨ | ୨ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | -୪.୪୭୫ |

ବି.ଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ।

### ଆଜିର ସୁପର ଏଇଟ୍ସ ମ୍ୟାଚ୍

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ଦ.ଆଫ୍ରିକା- ଜିମ୍ବାୱେ | ଦିନ ୩ଟା | ପାଲେକେଲେ |
| ଭାରତ-ୱେଷ୍ଟଇଣ୍ଡିଜ୍ | ରାତି ୭ଟା | କୋଲକାତା |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନର ବିସ୍ଫୋରକ ବ୍ୟାଟିଂ

## କୋହଲିଙ୍କୁ ଟପିଲେ ଫରହାନ୍



ପାଲେକେଲେ,୨୮ ।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ତିଷ୍ଠି ରହିବାକୁ ସଂଘର୍ଷ କରୁଥିବା ପାକିସ୍ତାନ ଏଠାରେ ଆଜି ଖେଳୁଥିବା ଶ୍ରୀଲଙ୍କା ବିପକ୍ଷରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୪ ଓଭର ଖେଳ ଶେଷ ସୁଦ୍ଧା କୌଣସି ୱିକେଟ ନ ହରାଇ ୧୫୦ ରନ୍ କରିନେଇଛି। ଏହି ସମୟରେ ଯୁବ ଓପନର ସାହିବଜାଦା ଫରହାନ୍ ୪୬ ବଲ୍‌ରେ ୬୮ ଓ ଅଭିଜ୍ଞ ଓପନର ଫକର ଜମାନ ୩୮ ବଲ୍‌ରେ ୭୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ଯଦି ୬୪ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟବଧାନରେ ଶ୍ରୀଲଙ୍କାକୁ ପରାସ୍ତ କରିବାରେ ସମର୍ଥ ହୁଏ ତେବେ ନେଟ୍ ରନ୍‌ରେଟ୍‌ରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ଇଂଲଣ୍ଡ ପଛକୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏହି ବ୍ୟବଧାନରେ ପାକିସ୍ତାନ ବିଜୟୀ ହୋଇ ନ ପାରିଲେ ଦଳ ସୁପର ଏଇଟ୍‌ସରୁ ବିଦାୟ ନେବ।

### ଗୋଟିଏ ବିଶ୍ୱକପ୍‌ରେ ଫରହାନ୍‌ଙ୍କ ସର୍ବାଧିକ ରନ

ଏହି ବିଶ୍ୱକପ୍‌ରେ ପାକିସ୍ତାନର ଏକମାତ୍ର ଖେଳାଳିଭାବେ ଓପନର ସାହିବଜାଦା ଫରହାନ୍ ସ୍ଥିର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଏଠାରେ ମଧ୍ୟ ସେ ଆଜି ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ରିପୋର୍ଟ ଲେଖା ହେଲା ବେଳକୁ ଅର୍ଦ୍ଧଶତକ ପୂରଣ କରିସାରିଥିଲେ। କିନ୍ତୁ ଏଠାରେ ସେ ୪୦ ରନ୍‌ରେ ପହଞ୍ଚିବା ପରେ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିବାରେ ଭାରତର ବିରାଟ କୋହଲିଙ୍କ ବିଶ୍ୱକପ୍ ରେକର୍ଡକୁ ଭାଙ୍ଗିଦେଇଛନ୍ତି। ସେ ୪୦ତମ ରନ୍ କରିବା ପରେ ଚଳିତ ବିଶ୍ୱକପ୍‌ରେ ୩୨୩ ରନ୍‌ରେ ପହଞ୍ଚିଥିଲେ। ଏହା ଫଳରେ ସେ ୨୦୧୪ରେ କୋହଲି କରିଥିବା ୨୧୪ ରନ୍‌ର ରେକର୍ଡକୁ ଭାଙ୍ଗିଦେଇଥିଲେ। ୨୦୦୯ରେ ତିଲକରତ୍ନେ ଦିଲସାନ ୩୧୭, ୨୦୨୧ରେ ବାବର ଆଜମ ୩୦୩ ଓ ୨୦୧୦ରେ ମାହେଲା ଜୟବର୍ଦ୍ଧନେ ୩୦୨ ରନ୍ କରିଛନ୍ତି। ସେହିପରି ଫରହାନ ଏଠାରେ ମଧ୍ୟ କୋହଲି ଓ ଅନ୍ୟ ଦୁଇ ଖେଳାଳିଙ୍କ ଆଉ ଏକ ରେକର୍ଡ ସହ ସମକକ୍ଷ ହୋଇଛନ୍ତି।

## ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି ଜିତିଲା ଦିଲ୍ଲୀ

ମୋହାଲି, ୨୮ ।୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି (ଏଲିଟ୍)ରେ ଦିଲ୍ଲୀ ଚାମ୍ପିଅନ ହୋଇଛି। ଶନିବାର ସ୍ଥାନୀୟ ଆଇଏସ ବିନ୍ଦ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଦିଲ୍ଲୀ ୭ ୱିକେଟରେ ରେଳବାଇକୁ ପରାସ୍ତ କରିଥିଲା। ଦିଲ୍ଲୀ ମହିଳା ଦଳର ଏହା ଦ୍ୱିତୀୟ ଟାଇଟଲ୍। ଏକତା ବିଷ୍ଟଙ୍କ ନେତୃତ୍ୱାଧୀନ ରେଳବାଇ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ୪୪.୨ ଓଭରରେ ୧୩୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଦିଲ୍ଲୀ ଓପନର୍ ପ୍ରିୟା ପୁନିଆ (୭୬ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୮.୩ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଅନ୍ୟତମ ଓପନର୍ ପ୍ରଜ୍ଞା ରାୱତ (୪୬ ରନ)ଙ୍କ ସହ ମିଶି ପ୍ରିୟା ଓପନିଂ ଯୋଡ଼ିରେ ୧୨୨ ରନ ଯୋଡ଼ି ବିଜୟ ପକ୍କା କରିଥିଲେ।

## ମେଡଭେଡେଭଙ୍କୁ ଦୁବାଇ ଓପନ୍ ଟାଇଟଲ୍

ଦୁବାଇ, ୨୮ ।୨ (ଏଜେନ୍ସି): ତୃତୀୟ ସିଡ୍ ରୁଷିଆର ଡାନିଲ ମେଡଭେଡେଭ ଏଠାରେ ଅନୁଷ୍ଠିତ ଦୁବାଇ ଟେନିସ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ମେଡଭେଡେଭଙ୍କ ମୁକାବିଲା ନେଦରଲାଣ୍ଡସର ଟାଲୋନ ଗ୍ରିଏକସ୍ପୋରଙ୍କ ସହ ହେବାର ଥିଲା। ତେବେ ୨୯ ବର୍ଷୀୟ ଟାଲୋନ ଆହତ ଲାଗି ଫାଇନାଲରୁ ଓହରିଯାଇଥିଲେ। ଫଳରେ ମେଡଭେଡେଭଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ମେଡଭେଡେଭଙ୍କ ଏହା ୨ ଦୁବାଇ ଓପନ ଟ୍ରଫି।

■ କଳାହାଣ୍ଡି କପ୍ କ୍ରିକେଟ

## ଗଞ୍ଜାମକୁ ହରାଇଲା ଝାରସୁଗୁଡ଼ା

ଭୁବନେଶ୍ୱର, ୨୮ ।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଏହି ୫୩ତମ ମ୍ୟାଚରେ ଝାରସୁଗୁଡ଼ା ୩ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୫୦ ଓଭରରେ ୮ ୱିକେଟରେ ୨୧୮ ରନ ସଂଗ୍ରହ କରିଥିଲା। ସନ୍ତୋଷ ପାତ୍ର (୮୪) ଓ ଇଶ୍ୱର ପ୍ରସାଦ (୫୨) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଝାରସୁଗୁଡ଼ାର ଆର୍ଯ୍ୟନ ତିୱାରୀ ଶ୍ରେଷ୍ଠ ପ୍ରଦର୍ଶନ କରି ୫ଟି ୱିକେ ନେଇଥିଲେ। ଜବାବରେ ଝାରସୁଗୁଡ଼ା ୪୭.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅର୍ନବ ମାହେନ୍ଦ୍ରେ ୭୯ ଓ ସଚିନ ଶ୍ରେଷ୍ଠ ୫୯ ରନ କରିଥିଲେ। ଆର୍ଯ୍ୟନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶନିବାର ବିଶ୍ରାମ ଦିବସ ଥିଲା। କିନ୍ତୁ ଏହି ମ୍ୟାଚଟି ପୂର୍ବରୁ ଅନୁଷ୍ଠିତ ହୋଇପାରି ନ ଥିବାରୁ ଆଜି ଖେଳାଯାଇଥିଲା।



ଆର୍ଯ୍ୟନ ତିୱାରୀ

## ମହେନ୍ଦ୍ର ସିଂ ଧୋନିଙ୍କୁ ନୋଟିସ



ରାଞ୍ଚି, ୨୮ ।୨ (ଏଜେନ୍ସି): ରାଞ୍ଚିର ଆବାସିକ ଜମିର ଅପବ୍ୟବହାର ମାମଲାରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ବିରୋଧରେ ଏକ ନୋଟିସ ଜାରି କରାଯାଇଛି। ଝାଡ଼ଖଣ୍ଡ ରାଜ୍ୟ ଗୃହ ବୋର୍ଡ ପକ୍ଷରୁ ଧୋନିଙ୍କୁ ଏହି ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ନୋଟିସରେ ଅଭିଯୋଗ କରାଯାଇଛି ଯେ ହାଉସିଂ ବୋର୍ଡ ଦ୍ୱାରା ଆବଣ୍ଟିତ ଜମିକୁ ନିୟମ ବିରୋଧରେ ଯାଇ ଧୋନି ତାହାକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି। ଏହି ଜମି କେବଳ ତାଙ୍କୁ ଆବାସିକ ଉଦ୍ଦେଶ୍ୟରେ ଆବଣ୍ଟିତ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ବର୍ତ୍ତମାନ ଉକ୍ତ ଜମିରେ ଏକ ପାଥୋଲୋଜି ଲ୍ୟାବ ଚାଲିଛି। ଝାଡ଼ଖଣ୍ଡ ରାଜ୍ୟ ଗୃହ ବୋର୍ଡ ପୂର୍ବରୁ ଏହି ମାମଲାରେ ମଧ୍ୟ ଧୋନିଙ୍କୁ ଏକ ନୋଟିସ କରିଥିଲା। ଉଭୟ ମାମଲାରେ ତଦନ୍ତ ଚାଲିଛି। ଯାଞ୍ଚ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗର ଅଧିକାରୀମାନେ କହିଛନ୍ତି।

ଆଇଏସ୍‌ଏଲ୍: ଆଜି କଳିଙ୍ଗରେ ଚେନ୍ନାଇନ ସହ ଲଢ଼େଇ

## ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୮ ।୨ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଏକ ମ୍ୟାଚରେ ରବିବାର ଘରୋଇ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ସାମ୍ନାସାମ୍ନି ହେବେ। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୫ଟାରେ ଏହି ମ୍ୟାଚ୍ ଖେଳାଯିବ। ଏହି ମୁକାବିଲାକୁ ଜିତି ଓଡ଼ିଶା ଏଫ୍‌ସି ସିଜନର ପ୍ରଥମ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ସିଜନର ପ୍ରଥମ ମ୍ୟାଚରେ ଇଣ୍ଟର କାଶୀ ବିପକ୍ଷରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରଖିଥିଲା। ଏକ ପଏଣ୍ଟ ସହ ଓଡ଼ିଶା ବର୍ତ୍ତମାନ ୧୪ ଦଳୀୟ ଟେବଲ ତାଲିକାର ୯ମ ସ୍ଥାନରେ ରହିଛି। 'ଖେଳାଳିମାନେ ଏକତ୍ରିତ ହେବାର ମାତ୍ର ୩ ଦିନ ପରେ ଆମେ ଇଣ୍ଟର କାଶୀ ବିପକ୍ଷରେ ପଡ଼ିଆକୁ ଓହ୍ଲାଇ ଭଲ ପ୍ରଦର୍ଶନ କରିଥିଲୁ। ତେଣୁ ଚେନ୍ନାଇନ ବିପକ୍ଷରେ ମଧ୍ୟ ଆହୁରି ଉନ୍ନତ ପ୍ରଦର୍ଶନ କରିବୁ ବୋଲି ଓଡ଼ିଶା ଏଫ୍‌ସିର ଅଧିନାୟକ ତଥା ଗୋଲକିପର ଅମରିନ୍ଦର ସିଂହ କହିଛନ୍ତି। ଅପରପକ୍ଷରେ ଚେନ୍ନାଇନ ପ୍ରଥମ ୨ଟି ମ୍ୟାଚ୍ ହାରି ବର୍ତ୍ତମାନ ସୁଦ୍ଧା ପଏଣ୍ଟ ଖାତା ଖୋଲିପାରିନି। ତେଣୁ ଚେନ୍ନାଇନ ମଧ୍ୟ କଳିଙ୍ଗରେ ପ୍ରଥମ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

## ଇଣ୍ଟର କାଶୀର ସ୍ମରଣୀୟ ବିଜୟ

ଏର୍ନାକୁଲମ, ୨୮ ।୨ (ଏଜେନ୍ସି): ପଦାର୍ପଣକାରୀ ଇଣ୍ଟର କାଶୀ ଦଳ ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ରେ ପ୍ରଥମ ବିଜୟ ହାସଲ କରିଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଣ୍ଟର କାଶୀ ୨-୧ ଗୋଲରେ ପୂର୍ବ ବିଜେତା କେରଳା ବ୍ଲାଷ୍ଟର୍ସକୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛି। ଚଳିତ ଆଇଏସଏଲ୍‌ରେ ପଦାର୍ପଣ କରିଥିବା ଇଣ୍ଟର କାଶୀ ଏଥିସହ ଲିଗ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଇଣ୍ଟର କାଶୀ ଏଥିପୂର୍ବରୁ ୨ଟି ମ୍ୟାଚ୍ ଖେଳିଥିବାବେଳେ ଉଭୟ ମୁକାବିଲା ଡ୍ର ରଖିଥିଲା। ଏବେ ମୋଟ୍ ୩ଟି ମ୍ୟାଚରୁ ୫ ପଏଣ୍ଟ ସହ କାଶୀ ଦଳ ଟେବଲର ୬ଷ୍ଠ ସ୍ଥାନରେ ରହିଛି।

## ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଉଦ୍‌ଘାଟିତ





ଭୁବନେଶ୍ୱର,୨୮ ।୨(ସମିସ): କଟକର ଟ୍ରିପଲ 'ସି' ଚେସ୍ କ୍ଲବ୍ ଆନୁକୂଲ୍ୟରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍ ଫୁଲନଖରାସ୍ଥିତ ସିନର୍ଜି କଲେଜ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଛି। କ୍ଲବ୍‌ର ସଭାପତି ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ମହାନ୍ତ ମୁଖ୍ୟ ଅତିଥି ଓ ସିନର୍ଜି ପଲିଟେକ୍‌ନିକ୍‌ର ପ୍ରିନ୍ସିପାଲ ଡକ୍ଟର ଧରଣୀଧର ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରୁଛନ୍ତି। ଆସନ୍ତାକାଲିଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ସୂଚନା ଦେଇଛନ୍ତି।

# ଜମ୍ମୁ-କଶ୍ମୀରକୁ ଐତିହାସିକ ରଣଜୀ ଟ୍ରଫି ଟାଇଟଲ୍

ମାଟି କାମୁଡ଼ିଲା ୮ ଥରର ଚାମ୍ପିଅନ କର୍ଣ୍ଣାଟକ

ପୁନ୍ଦିର ଫାଇନାଲର; ନବି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ



ବେଙ୍ଗାଲୁରୁ, ୨୮ ।୨ (ଏଜେନ୍ସି)

ଭାରତୀୟ ଘରୋଇ କ୍ରିକେଟ୍ ଇତିହାସରେ ଶନିବାର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ୬୭ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଉତ୍ତରାଞ୍ଚଳ ରାଜ୍ୟ ଜମ୍ମୁ-କଶ୍ମୀର ପ୍ରଥମଥର ଲାଗି ରଣଜୀ ଟ୍ରଫି ଟାଇଟଲ୍ ଜିତିଛି। ଆଠଥରର ଚାମ୍ପିଅନ ଘରୋଇ କର୍ଣ୍ଣାଟକ ବିପକ୍ଷରେ ହୁବଲୀ ଗ୍ରାଉଣ୍ଡରେ ଚାଲିଥିବା ୯୧ତମ ରଣଜୀ ଟ୍ରଫି ଫାଇନାଲରେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ଜମ୍ମୁକୁ ବିଜୟୀ ଘୋଷିତ କରାଯାଇଥିଲା। ଏଥିସହ ପାରସ ଡୋଗ୍ରାଙ୍କ ନେତୃତ୍ୱାଧୀନ ଜମ୍ମୁ ଖେଳାଳିମାନେ ପଡ଼ିଆ ମଧ୍ୟରେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିଲେ। ୧୯୫୯-୬୦ ସିଜନରେ ଜମ୍ମୁ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲା। କିନ୍ତୁ ୬୭ ବର୍ଷ ପରେ ପ୍ରଥମଥର ଫାଇନାଲ ଖେଳିବା ସହ ପ୍ରଥମ ପ୍ରୟାସରେ ଟ୍ରଫି ତୋଳି ଧରିବାର ସୌଭାଗ୍ୟ ଲାଭ କରିଛି। ଚାମ୍ପିଅନ ପଥରେ ଜମ୍ମୁ ୪୨ଥରର ବିଜେତା ମୁମ୍ବଇ (ଗ୍ରୁପ୍ ପର୍ଯ୍ୟାୟ), ୨ଥରର ବିଜେତା ମଧ୍ୟପ୍ରଦେଶ (୫୬ ରନ)କୁ କ୍ୱାର୍ଟରରେ ଓ ବେଙ୍ଗଲ (୬ ୱିକେଟ) ସେମିଫାଇନାଲରେ ଏବଂ ୮ଥରର ଚାମ୍ପିଅନ କର୍ଣ୍ଣାଟକକୁ ଫାଇନାଲରେ ମାତ୍ ଦେଇଥିଲା।

ଜମ୍ମୁର ପ୍ରଥମ ପାଳି ସ୍କୋର ୫୮୪ ରନ ଜବାବରେ ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ୨୯୩ ରନରେ ସୀମିତ ରହିଥିଲା। ୨୯୧ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜମ୍ମୁ ଗତକାଲିର ଅସମାପ୍ତ ସ୍କୋର ୧୮୬/୪ରୁ ଶନିବାର ଅନ୍ତିମ ତଥା ୫ମ ଦିବସ ଖେଳ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର କାମରନ ଇକବାଲ (୧୬୦) ଓ ସାହିଲ ଲୋତ୍ରା (୧୦୧) ଶନିବାର ଧୈର୍ଯ୍ୟର ସହ ଖେଳି ଶତକ ପୂରଣ କରିଥିଲେ। ଏପରିକି କର୍ଣ୍ଣାଟକ ବୋଲରମାନେ ଶନିବାର ୫୬ ଓଭର ବୋଲିଂ କରିଥିଲେ ମଧ୍ୟ ଏହି ଯୋଡ଼ିକୁ ଭାଙ୍ଗିପାରି ନ ଥିଲେ। ଫଳରେ ଦ୍ୱିତୀୟ ସେସନ ଶେଷବେଳକୁ ଜମ୍ମୁ ୪ ୱିକେଟରେ ୩୪୨ ରନ ସଂଗ୍ରହ କରିବା ସହ ମୋଟ୍ ଉପରେ ମୋଟ୍ ଉପରେ ୬୪୩ ରନରେ ଅଗ୍ରଣୀ ରହିଥିଲା। ମ୍ୟାଚର ଫଳାଫଳ ନ ବାହାରିବା ସ୍ପଷ୍ଟ ହେବା ପରେ ଦୁଇ ଦଳର ଅଧିନାୟକଙ୍କ ସହମତିରେ ଅମ୍ପାୟର ମ୍ୟାଚକୁ ଡ୍ର ରଖିଥିଲେ। ଫଳରେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ଜମ୍ମୁ ଚାମ୍ପିଅନ ହୋଇଥିଲା। ପ୍ରଥମ ପାଳିରେ ୧୨୧ ରନର ଶତକୀୟ ପାଳି ଖେଳିଥିବା ଶୁଭମ ପୁନ୍ଦିର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ୧୭ଟି ଇନିଂସରେ ରେକର୍ଡ ୬୦ ୱିକେଟ୍ ନେଇ ଚର୍ଚ୍ଚାରେ ରହିଥିବା ଆକ୍ୱିବ ନବି ଦାରଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ଓମାରଙ୍କ ୨ କୋଟି ପୁରସ୍କାର ଘୋଷଣା

ଐତିହାସିକ ଟ୍ରଫି ଜିତିବା ପରେ ଜମ୍ମୁ-କଶ୍ମୀର ଦଳକୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିଭଳି ଚାମ୍ପିଅନ ଜମ୍ମୁର ଖେଳାଳିଙ୍କୁ ଲାଗି ପୁରସ୍କାର ଘୋଷଣା ହୋଇଛି। ଚାମ୍ପିଅନ ଦଳକୁ ବିସିସିଆଇ ପକ୍ଷରୁ ୫ କୋଟି ଓ ରନର୍ସଅପ୍ କର୍ଣ୍ଣାଟକ ଦଳକୁ ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଏଭଳି ଐତିହାସିକ ବିଜୟରେ ପଡ଼ିଆରେ ଉପସ୍ଥିତ ଥିବା ଜମ୍ମୁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ନିଜ ରାଜ୍ୟ ଦଳର ଖେଳାଳିଙ୍କ ଲାଗି ୨ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଓମାର ଜମ୍ମୁ ଦଳକୁ ଚିୟର କରିବା ଲାଗି ଶୁକ୍ରବାରଠୁ ଆସି ହୁବଲୀ ଗ୍ରାଉଣ୍ଡରେ ପହଞ୍ଚିଥିଲେ।


## DECLARATION

(FORM-IV, Rule-8)

Statement about ownership and other particulars about newspaper "The Sakala".

1. Place of Publication: Bhubaneswar
2. Periodicity of Its publication: Daily
3. Printer's Name: Amit Kumar Mallick
   Nationality: Indian
   Address: IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha
4. Publisher's Name: Amit Kumar Mallick
   Nationality: Indian
   Address: IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha
5. Working Editor's Name: Samarendu Das
   Nationality: Indian
   Address: IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha
6. Names and addresses of individuals who own the newspaper and partners or shareholders holding more than one percent of the total capital: THE SAKALA (A Unit of Nandighosha Network Pvt. Ltd.) IDCO Plot No. 90 & 91, Bhagabanpur Industrial Estate, Bhubaneswar - 751019, Khordha, Odisha

I, **Amit Kumar Mallick** do hereby declare that the particulars given above are true to the best of my knowledge and belief.

Sd/- Amit Kumar Mallick
Publisher, The Sakala

Date: 01.03.2026


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS